

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୧୬ ଏପ୍ରିଲ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 16 APRIL 2023
Vol.No. 34 ■ No. 99 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ସିବିଆଇ ନୋଟିସ ପାଇବା ପରେ ବର୍ଷିଲେ କେଜ୍ରିୱାଲ



ନୂଆଦିଲ୍ଲୀ, ୧୫/୦୪ : ଅବକାରୀ ନୀତି ଦୁର୍ନୀତି ମାମଲାରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କୁ ସିବିଆଇର ନୋଟିସ୍ର ଠିକ୍ ଦିନକ ପରେ କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଛନ୍ତି ଅରବିନ୍ଦ କେଜ୍ରିୱାଲ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମୁଣ୍ଡରୁ ପାଦ ଯାଏଁ ଦୁର୍ନୀତିରେ ଲିପ୍ତ ଥିବା ଅଭିଯୋଗ କରିବା ସହ ଜାଣିଶୁଣି ଆମ୍ ଆଦ୍ମୀ ପାର୍ଟିର ନେତାଙ୍କୁ ଟାର୍ଗେଟ୍ କରିଛନ୍ତି ଦିଲ୍ଲୀ ମୁଖ୍ୟମନ୍ତ୍ରୀ । ସାମ୍ବାଦିକ ସମ୍ମିଳନୀ କରି କେଜ୍ରିୱାଲ କହିଛନ୍ତି ତାଙ୍କ ବିରୋଧରେ ଟଙ୍କାଟିଏ ଦୁର୍ନୀତି ନେଇ ପ୍ରମାଣ ନାହିଁ, କିନ୍ତୁ ମିଛରେ ମାମଲା ରୁଜୁ କରାଯାଉଛି । ସିବିଆଇ, ଇଡି ଭଳି କେନ୍ଦ୍ରୀୟ ତଦନ୍ତକାରୀ ଏଜେନ୍ସିଗୁଡିକ କୋର୍ଟଙ୍କୁ ମିଛ କହୁଛନ୍ତି । ଯେଉଁମାନେ ଗିରଫ ହୋଇଛନ୍ତି ସେମାନଙ୍କୁ ନିର୍ଯ୍ୟାତନା ଦିଆଯାଉଛି । ଏପଟେ ନୋଟିସ୍ ମିଳିଛି, ଜେରା ପାଇଁ ନିଶ୍ଚୟ ଯିବେ ବୋଲି କହିଛନ୍ତି । ଏପଟେ ଆପ୍ ମୁଖ୍ୟଙ୍କୁ ଟାର୍ଗେଟ୍ କରିଛି, ବିଜେପି । ଅରବିନ୍ଦ କେଜ୍ରିୱାଲ ଦୁର୍ନୀତିର ମାଷ୍ଟର ମାଇଣ୍ଡ ବୋଲି ଅଭିଯୋଗ କରିଛନ୍ତି ବିଜେପି ମୁଖପାତ୍ର । ଯଦି ସେ ଦୁର୍ନୀତି କରି ନାହାଁନ୍ତି, ଏତେ ଡରୁଛନ୍ତି କାହିଁକି ବୋଲି ପ୍ରଶ୍ନ କରିଛି ଭାରତୀୟ ଜନତା ପାର୍ଟି । ଏପଟେ ମୁଖ୍ୟମନ୍ତ୍ରୀଙ୍କୁ ସମନ୍ ଉପରେ ଆଲୋଚନା କରିବା ପାଇଁ ଦିଲ୍ଲୀ ସରକାର ସୋମବାର ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଡାକିଛନ୍ତି । ସେହିପରି ଆସନ୍ତାକାଲି ଦିନ ୧୧ଟାରେ କେଜ୍ରିୱାଲଙ୍କୁ ହାଜର ହେବାକୁ କୁହାଯାଇଛି । ଏଥିପାଇଁ ଦିଲ୍ଲୀ ପୁଲିସ, ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିଛି । ଆପ୍ କର୍ମୀମାନେ ବିକ୍ଷୋଭ କରିବା ଆଶଙ୍କା ଥିବାରୁ ପୁଲିସ୍ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଉଛି ।

## ଜାପାନ ପ୍ରଧାନମନ୍ତ୍ରୀଙ୍କୁ ଆକ୍ରମଣ, ଅଳ୍ପକେ ବର୍ତ୍ତିଲେ ଫୁମିଓ କିଶିଦା



ନୂଆଦିଲ୍ଲୀ, ୧୫/୦୪ : ଶନିବାର ସକାଳ ସମୟ । ନିର୍ବାଚନ ଜନସଭାରେ ବ୍ୟସ୍ତ ଥାଆନ୍ତି ଜାପାନ ପ୍ରଧାନମନ୍ତ୍ରୀ ଫୁମିଓ କିଶିଦା । ଟୋକିଓର ବାକାୟାମା ସହରରେ ଫୁମିଓ ଜନସଭା କରୁଥିବା ସମୟରେ ହଠାତ ଆତତାୟୀଙ୍କ ଆକ୍ରମଣର ଶିକାର ହୋଇଛନ୍ତି । ସୂଚନା ଅନୁସାରେ ପାଇପ ଆକାରରେ ଏକ ବସ୍ତୁରେ କିଛି ବିସ୍ଫୋରକ ସାମଗ୍ରୀ ଭର୍ତି କରି ଜଣେ ଦୁର୍ବୃତ୍ତ ଆକ୍ରମଣ କରିଥିଲେ । ଏହାକୁ ସ୍ମୋକ ବୋମା ବୋଲି କୁହାଯାଉଛି । ବୋମା ଫିଙ୍ଗାଯିବା ପରେ ସ୍ଥାନୀୟ ଅଂଚଳ ଧୂଆଁମୟ ହେବା ସେହ କୋକୁଆ ଭୟ ସୃଷ୍ଟି ହୋଇଥିଲା । ଭାଗ୍ୟବଶତ ଜାପାନ ପ୍ରଧାନମନ୍ତ୍ରୀ ନିଶ୍ଚିତ ମୃତ୍ୟୁ ମୁଖରୁ ବଂଚିଛନ୍ତି । ଘଟଣାସ୍ଥଳରେ ଦୁର୍ବୃତ୍ତଙ୍କୁ ଗିରଫ କରିବାରେ ସଫଳ ହୋଇଛନ୍ତି । ଯଦି ନଜର ପକାଇବା ଏଭଳି ଘଟଣା ଜାପାନରେ ନୂଆ ନୁହେଁ । ୨୦୨୨ ଜୁଲାଇ ୮ ତାରିଖରେ ଜାପାନର ପୂର୍ବତନ ପ୍ରଧାନନ୍ତ୍ରୀ ସିଂଜୋ ଆବେଙ୍କ ଉପରେ ଗୁଳିମାଡ କରି ହତ୍ୟା କରିଥିଲା ଦୁର୍ବୃର୍ତ୍ତ । ଯେଉଁଭଳି ଅନ୍ଦାଜରେ ସିଂଜୋ ଆବେଙ୍କ ଉପରେ ଆକ୍ରମଣ କରି ତାଙ୍କର ହତ୍ୟା କରାଯାଇଥିଲା ଠିକ ସେହିଭଳି ଢଙ୍ଗରେ ଫୁମିଓ କିଶିଦାଙ୍କ ଉପରେ ମଧ୍ୟ ଆକ୍ରମଣ ହୋଇଛି । ଏବେ ପ୍ରଶ୍ନ ଉଠୁଛି ଶାନ୍ତି ପ୍ରିୟ ଦେଶ ଜାପାନରେ ଏଭଳି ଘଟଣା ହେବା ପଛରେ କାରଣ କଣ ? ରାଷ୍ଟ୍ରନେତାଙ୍କ ସୁରକ୍ଷାକୁ କେତେ ପ୍ରାଧାନ୍ୟ ଦିଆଯାଉଛି ? ବାରମ୍ବାର ଏଭଳି ଘଟଣା ଘଟୁଥିଲେ ସୁଦ୍ଧା ବରିଷ୍ଠ ନେତାଙ୍କ ପାଇଁ କଡ଼ା ପ୍ରୋଟୋକଲ କଣ ପାଇଁ କରାଯାଉନି ?

## ଓଡ଼ିଆ ସମେତ ୧୩ଟି ଆଂଚଳିକ ଭାଷାରେ ସିଏପିଏଫ କନଷ୍ଟେବଲ ପରୀକ୍ଷା ନିଷ୍ପତ୍ତିକୁ ସ୍ୱାଗତ

ନୂଆଦିଲ୍ଲୀ/ଭୁବନେଶ୍ୱର, ୧୫/୦୪ (ନି.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଗୃହ ମନ୍ତ୍ରଣାଳୟ ପକ୍ଷରୁ ସିଏପିଏଫ କନଷ୍ଟେବଲ (ଜେନେରାଲ ଡ୍ୟୁଟି) ପଦବୀ ପାଇଁ ଅନୁଷ୍ଠିତ ଲିଖିତ ପରୀକ୍ଷା ଓଡ଼ିଆ ସମେତ ୧୩ଟି ଆଂଚଳିକ ଭାଷାରେ କରାଯିବା ନିଷ୍ପତିକୁ ଟ୍ୱିଟ୍ କରି ସ୍ୱାଗତ କରିଛନ୍ତି କେନ୍ଦ୍ର ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଏହି ନିଷ୍ପତି ଆମର ଭାଷା ବିବିଧତାକୁ ପାଳନ କରିବାର ଅବସର ଦେଇଛି। ଭାରତୀୟ ଭାଷାର ପ୍ରଚାରକୁ ପ୍ରୋତ୍ସାହନ ଦେବା ସହ ଏହି ନିର୍ଣ୍ଣୟ ଯୁବଶକ୍ତିଙ୍କ ପାଇଁ ସମ୍ଭାବନାର ନୂଆ ଦ୍ୱାର ଖୋଲିବ ବୋଲି ଶ୍ରୀ ପ୍ରଧାନ ଟ୍ୱିଟ୍ କରିଛନ୍ତି । ଏଥିପାଇଁ ପ୍ରଧାନମନ୍ତ୍ରୀ ମୋଦି ଓ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କୁ ଧନ୍ୟବାଦ ଜଣାଇଛନ୍ତି କେନ୍ଦ୍ରମନ୍ତ୍ରୀ । ସେ କହିଛନ୍ତି ଏହା ଏକ ଐତିହାସିକ ନିଷ୍ପତି। ସିଏପିଏଫ ପାଇଁ କନଷ୍ଟେବଲ ପରୀକ୍ଷା ଇଂରାଜୀ ଓ ହିନ୍ଦୀ ଭାଷା ବ୍ୟତିତ ୧୩ଟି ଭାରତୀୟ ଭାଷାରେ ହେବା ଦ୍ୱାରା ଅଧିକ ସଂଖ୍ୟକ ଯୁବବର୍ଗମାନେ ଉପକୃତ ହେବେ । ▶▶ପୃଷ୍ଠା ୭

## ବିଶ୍ୱକୁ ଭୟଭୀତ କରୁଛି ଉତ୍ତରକୋରିଆ : ବାରମ୍ବାର ଚଳାଇଛି ମିସାଇଲ ପରୀକ୍ଷଣ



ନୂଆଦିଲ୍ଲୀ, ୧୫/୦୪ : ଦିନକୁ ଦିନ ଉଗ୍ର ହେଉଛି ଉତରକୋରିଆ । ଶତ୍ରୁ ଦେଶଙ୍କୁ ଭୟଭୀତ କରାଇ ବାରମ୍ବାର କରୁଛି ମିସାଇଲ ପରୀକ୍ଷଣ । ଆଣବିକ ଅସ୍ତ୍ରର ପ୍ରୟୋଗ କରି ବାରମ୍ବାର ଧମକ ଦେଉଥିବା ଉତରକୋରିଆକୁ ଜବାବ ଦେବା ପାଇଁ ଏକାଠି ଆଗେଇ ଆସିଛନ୍ତି ଦକ୍ଷିଣ କୋରିଆ, ଜାପାନ ଓ ଆମେରିକା । ସୂଚନା ଅନୁସାରେ ୩ଦେଶ ଉତରକୋରିଆ ବିରୋଧରେ ମିଳିତ ସମରଭ୍ୟାସ କରିବେ । ୱାଶିଂଟନ ଡିସରେ ଆୟୋଜିତ ସୁରକ୍ଷା ସମ୍ମିଳନୀରେ ଏହି ଘୋଷଣା କରାଯାଇଛି । କୋରିଆ ଉପଦ୍ୱୀପ ଓ ଆଖପାଖ ଅଂଚଳରେ ସୁରକ୍ଷା ସମୀକ୍ଷା ବିନିମୟ ଓ ତ୍ରିପାକ୍ଷିକ ନିରାପତୀ ମଜବୁତ କରିବା ଲାଗି ଏହି ନିଷ୍ପତି ନିଆଯାଇଛି । ଅସ୍ଥିରତା ସୃଷ୍ଟିକାରୀ ସମସ୍ତ କାର୍ଯ୍ୟକଳାପ ବନ୍ଦ କରିବା ୩ ଦେଶର ପ୍ରତିନିଧିମାନେ ଉତରକୋରିଆକୁ ଅପିଲ କରିଛନ୍ତି । ଯଦି ଉତରକୋରିଆ କୌଣସି ଆଣବିକ ପରୀକ୍ଷା କରେ ତେବେ ଅର୍ନ୍ତଜାତୀୟ ସମୁଦାୟ ଜବାବ ଦେବେ । ଶୁକ୍ରବାରେ ଉତରକୋରିଆ ଇଂଟକଂଟିନେଂଶଟାଲ ବାଲିଷ୍ଟିକ ମିସାଇଲ ପରିକ୍ଷା କରିଛି । ସେପଟେ ମିସାଇଲ ଗୁଡିକ ଦ୍ୱୀପ ଦେଇ ଜାପାନାରେ ଖସିବା ଯୋଗୁଁ ଆତଙ୍କିତ ଅବସ୍ଥାରେ ଜାପାନବାସୀ ରହିଛନ୍ତି । ଜାପାନ ସରକାର ମିଳିତ ଜାତିସଂଘର ବୈଠକ ଡକାଇବା ପାଇଁ ଅପିଲ କରିଛନ୍ତି ।

## ୪୨.୫ ଡିଗ୍ରୀ ସହ ବୌଦ୍ଧ ସର୍ବାଧିକ ଉତ୍ତପ୍ତ ସହର



ଭୁବନେଶ୍ୱର, ୧୫/୦୪ (ନି.ପ୍ର): ରାଜ୍ୟରେ କ୍ରମାଗତ ଭାବେ ଗ୍ରୀଷ୍ମ ଲହରୀ ଜାରି ରହିଛି। ଶୁକ୍ରବାର ପରି ଶନିବାର ମଧ୍ୟ ଅଧିକାଂଶ ସହରର ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଛି। ଆଜି ରାଜ୍ୟର ୨୨ଟି ସହରରେ ଦିନ ତାପମାତ୍ରା ୪୦ ଡିଗ୍ରୀ କିମ୍ବା ଅଧିକ ରେକର୍ଡ କରାଯାଇଛି। ବୌଦ୍ଧରେ ସର୍ବାଧିକ ୪୨.୫ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି। କିନ୍ତୁ ଶୁକ୍ରବାର ତୁଳନାରେ ରାଜ୍ୟର ଅନେକ ସ୍ଥାନରେ ତାପମାତ୍ରା କମିଛି ବୋଲି ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଅପରପକ୍ଷରେ ଆସନ୍ତାକାଲି ଅର୍ଥାତ୍ ରବିବାର ଠାରୁ ତାପମାତ୍ରା ହ୍ରାସ ପାଇବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଆଭ୍ୟନ୍ତରୀଣ ଓଡ଼ିଶା ସମେତ ରାଜ୍ୟର ଅନ୍ୟ ସ୍ଥାନଗୁଡ଼ିକରେ ତାପମାତ୍ରା କମିବ। ଆସନ୍ତା ୨୪ ଘଂଟା ମଧ୍ୟରେ ରାଜ୍ୟର କିଛି ସ୍ଥାନରେ ▶▶ପୃଷ୍ଠା ୭

## ସମ୍ବଲପୁରରେ ସ୍ଥିତି ସମୀକ୍ଷା କଲେ ଡିଜିପି

ସମ୍ବଲପୁର/ଭୁବନେଶ୍ୱର, ୧୫/୦୪ (ନି.ପ୍ର): ହନୁମାନ ଜୟନ୍ତୀ ଶୋଭାଯାତ୍ରା ସମୟରେ ସମ୍ବଲପୁର ସହରରେ ଘଟିଥିବା ବ୍ୟାପକ ହିଂସାକାଣ୍ଡ ଘଟଣାକୁ ନେଇ ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ ସୁନୀଲ ବଂଶଲ ଶନିବାର ସମୀକ୍ଷା କରିଛନ୍ତି। ସ୍ଥାନୀୟ ଉତରାଂଚଳ ଡିଆଇଜିଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକ ପରେ ଶ୍ରୀ ବଂଶଲ କହିଛନ୍ତି, ଯେଉଁମାନେ ଏହି ଘଟଣା ସହିତ ସଂପୃକ୍ତ ଅଛନ୍ତି, କଠୋର କାର୍ଯ୍ୟାନୁଷ୍ଠାନର ସାମ୍ନା କରିବେ। ବର୍ତମାନ ପରିପ୍ରେକ୍ଷୀରେ ସମ୍ବଲପୁର ଜିଲ୍ଲାରେ କର୍ଫ୍ୟୁ ଜାରି ରହିଛି। ସହରରେ ବ୍ୟାପକ ପୁଲିସ ଫୋର୍ସ ମୁତୟନ ଅଛନ୍ତି। ସମ୍ବେଦନଶୀଳ ଅଂଚଳରେ ସିସିଟିଭି କ୍ୟାମେରା ଲଗାଯାଇଛି। ଘଟଣାର ତଦନ୍ତ ଚାଲିଛି। ଆଇନ୍ ଅନୁସାରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ସମ୍ବଲପୁରବାସୀ ଭୟଭୀତ ହୁଅନ୍ତୁ ନାହିଁ। ଦିନେ ଦୁଇଦିନ ଭିତରେ ପରିସ୍ଥିତି ସ୍ୱାଭାବିକ ହେବ। ଅପରପକ୍ଷରେ ଆସନ୍ତାକାଲି ୟୁପିଏସସି ପରୀକ୍ଷା ଥିବାରୁ ପରୀକ୍ଷାର୍ଥୀଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି ଜିଲ୍ଲାପାଳ। ଡିଜିପି ଶ୍ରୀ ବଂଶଲ ଆଜି ଅପରାହ୍ଣରେ ସମ୍ବଲପୁରରେ ପହଂଚିଥିଲେ। ଜମାଦାରପାଲୀ ଏୟାରଷ୍ଟ୍ରିପ୍ରୁ ସିଧାସଳଖ ଉତରାଂଚଳ ଆଇଜି କାର୍ଯ୍ୟାଳୟକୁ ଯାଇଥିଲେ। ତାଙ୍କ ସହିତ ଆଇନଶୃଙ୍ଖଳା ଏଡିଜି ରାଧାକୃଷ୍ଣ ଶର୍ମା ଓ ଗୁଇନ୍ଦା ଏଡିଜି ସଂଜୀବ ପଣ୍ଡା ଥିଲେ। ଏହା ପୂର୍ବରୁ ପ୍ରଶାସନ ପକ୍ଷରୁ ସମ୍ବଲପୁର ଜିଲ୍ଲାର ସମସ୍ତ ସୀମା (ସୋନପୁର, ବରଗଡ଼, ଝାରସୁଗୁଡ଼ା, ଅନୁଗୁଳ, ବୌଦ୍ଧ ସୀମାକୁ ଲାଗି ଥିବା ଅଂଚଳ)କୁ ସିଲ୍ କରାଯାଇଛି। ସ୍ଥିତିକୁ ଦେଖି ଅଧିକ ସଂଖ୍ୟକ ପୁଲିସ ଫୋର୍ସ ମୁତୟନ କରାଯାଇଛି। କର୍ଫ୍ୟୁ ନିୟମକୁ କଡ଼ାକଡ଼ି ପାଳନ କରିବାକୁ ପ୍ରଶାସନ ପକ୍ଷରୁ ଜନସାଧାରଣଙ୍କୁ ନିବେଦନ କରାଯାଇଛି। ସମ୍ବଲପୁର ଆଗାମୀ ୪୮ ଘଂଟା ପର୍ଯ୍ୟନ୍ତ ଇଂଟରନେଟ୍ ସେବା ବନ୍ଦ କରାଯାଇଛି। ଶୁକ୍ରବାର ମଧ୍ୟରାତ୍ରିରୁ ସମ୍ବଲପୁରରେ କର୍ଫ୍ୟୁ ଘୋଷଣା କରାଯାଇଛି। ରାତି ୧୨ଟାରୁ ଅନ୍ୟାଦେଶ ପର୍ଯ୍ୟନ୍ତ ଏହା ବଳବତର ରହିବ ବୋଲି ସମ୍ବଲପୁର ଜିଲ୍ଲାପାଳ ଅନନ୍ୟା ଦାସ ସୂଚନା ଦେଇଛନ୍ତି। କର୍ଫ୍ୟୁ ସମୟରେ ଡାକ୍ତରଖାନା, ଔଷଧ ଦୋକାନ ଭଳି ଅତ୍ୟାବଶ୍ୟକ ସେବା ବ୍ୟତୀତ ସବୁ କିଛି ବନ୍ଦ ରହିବ ବୋଲି ସେ ସୂଚନା ଦେଇଛନ୍ତି। ଗତ ୧୨ ତାରିଖ ସନ୍ଧ୍ୟାରେ ଘଟିଥିବା ହିଂସାକାଣ୍ଡ ପରେ ସରକାରଙ୍କ ପକ୍ଷରୁ ସତର୍କତା ପଦକ୍ଷେପ ସ୍ୱରୂପ ୧୪୪ ଧାରା ଜାରି କରାଯାଇଥିଲା।

## ଝାରସୁଗୁଡ଼ା ଉପନିର୍ବାଚନ : ବିଜେଡି ଟିକେଟ ନେଲେ ଦୀପାଳି



ଭୁବନେଶ୍ୱର, ୧୫/୦୪ (ନି.ପ୍ର): ଝାରସୁଗୁଡ଼ା ଉପନିର୍ବାଚନ ପାଇଁ ବିଜେଡି ଟିକେଟ ନେଇଛନ୍ତି ଦୀପାଳି ଦାସ। ଶନିବାର ଦିନ ଦୀପାଳି ଭୁବନେଶ୍ୱର ଆସି ନବୀନ ନିବାସରେ ପହଂଚିଥିଲେ। ନବୀନ ନିବାସରେ ଦଳୀୟ ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ବିଜେଡି ଟିକେଟ୍ ନେଇଛନ୍ତି ଦୀପାଳି । ଆସନ୍ତା ୧୮ ତାରିଖରେ ଦୀପାଳି ନାମାଙ୍କନପତ୍ର ଦାଖଲ କରିବେ। ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ଟୁଇଟ୍ କରି ଜଣାଇଛନ୍ତି ଯେ ଝାରସୁଗୁଡ଼ା ବିଧାନସଭା ଉପନିର୍ବାଚନ ପାଇଁ ବିଧାୟକ ପ୍ରାର୍ଥୀ ଦୀପାଳି ଦାସଙ୍କୁ ବିଜୁ ଜନତା ଦଳର ଟିକେଟ ପ୍ରଦାନ କଲି। ଲୋକଙ୍କ କଲ୍ୟାଣ ସହ ଝାରସୁଗୁଡ଼ା ବିକାଶ ପ୍ରକ୍ରିୟାକୁ ଆହୁରି ଆଗକୁ ନେବା ପାଇଁ ଉପନିର୍ବାଚନରେ ବିଜୁ ଜନତା ଦଳକୁ ଶଙ୍ଖ ଚିହ୍ନରେ ଆଶୀର୍ବାଦ କରନ୍ତୁ। ଏହି ଅବସରରେ ଦଳର ସାଂଗଠନିକ ସଂପାଦକ ପ୍ରଣବ ପ୍ରକାଶ ଦାସ ଓ ବରିଷ୍ଠ ନେତା ଦେବୀ ପ୍ରସାଦ ମିଶ୍ର ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ ପୂର୍ବତନ ମନ୍ତ୍ରୀ ନବ କିଶୋର ଦାସଙ୍କ ଦେହାନ୍ତ ପରେ ଝାରସୁଗୁଡାରେ ଉପନିର୍ବାଚନ ଅନୁଷ୍ଠିତ ହେଉଛି। ଆସନ୍ତା ମେ ୧୦ ତାରିଖରେ ଉପନିର୍ବାଚନ ପାଇଁ ଭୋଟ୍ ଗ୍ରହଣ ହେବ ଏବଂ ୧୩ ତାରିଖରେ ଫଳାଫଳ ପ୍ରକାଶ ପାଇବ। ଏଥିରେ ନବ ଦାସଙ୍କ ଝିଅ ବିଜେଡି ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦିତା କରିବେ। ସେହିପରି ବିଜେପିରୁ ଟଙ୍କଧର ତ୍ରିପାଠୀ ଓ କଂଗ୍ରେସର ତରୁଣ ପାଣ୍ଡେ ପ୍ରାର୍ଥୀ ହୋଇଛନ୍ତି।

## ଉତ୍ତେଜନା ଭିତରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ସମ୍ବଲପୁରରେ କର୍ଫ୍ୟୁ : ଆଉ ୨ ଦିନ ଇଣ୍ଟରନେଟ୍ ବନ୍ଦ



ଭୁବନେଶ୍ୱର, ୧୫/୦୪ (ନି.ପ୍ର): ହନୁମାନ ଜୟନ୍ତୀ ଶୋଭାଯାତ୍ରାବେଳେ ସମ୍ବଲପୁରରେ ସୃଷ୍ଟି ହୋଇଥିବା ହିଂସାକାଣ୍ଡକୁ ନେଇ ଭିତରେ ଭିତରେ ଲାଗି ରହିଛି ଚାପା ଉତେଜନା । ଗତକାଲି ରାତିରେ ଗୋଟିଏ ପଟେ ହନୁମାନ ଜୟନ୍ତୀ ଶୋଭାଯାତ୍ରା ଚାଲିଥିବାବେଳେ, ଅନ୍ୟପଟେ ଉତେଜନା ପ୍ରକାଶ ପାଇବା ପରେ, ପ୍ରଶାସନ ଏହାକୁ ଗୁରୁତର ସହ ନେଇଛି । ଆଉ ପୂରା ସହରରେ କର୍ଫ୍ୟୁ ଲଗାଇଛି । ଗତରାତିରୁ ଲାଗୁ କରିଥିବା କଟକଣା ପରବର୍ତି ନିର୍ଦ୍ଦେଶ ନଆସିବା ପର୍ଯ୍ୟନ୍ତ ବଳବତର ରହିବ ବୋଲି ସମ୍ବଲପୁର ଜିଲ୍ଲା ପ୍ରଶାସନ ଘୋଷଣା କରିଛନ୍ତି । ଏବଂ କର୍ଫ୍ୟୁ ସମୟରେ ଜନସାଧାରଣଙ୍କୁ ଘରୁ ନବାହାରିବାକୁ କୁହାଯାଇଛି । ତେବେ କୌଣସି ଗୁଜବକୁ ବିଶ୍ୱାସ ନକରିବାକୁ ପ୍ରଶାସନ ପକ୍ଷରୁ ଅପିଲ କରାଯାଇଛି । ସେପଟେ ସମ୍ବଲପୁର ଯାଇ ସମୀକ୍ଷା ପରେ, ଖୁବ ଶୀଘ୍ର ଶାନ୍ତି ଫେରିବ ବୋଲି ଆଶା ରଖିଛନ୍ତି ପୋଲିସ ଡିଜି । ହନୁମାନ ଜୟନ୍ତୀ ଶୋଭାଯାତ୍ରାରେ ଆରମ୍ଭ ହୋଇଥିବା ହିଂସାକାଣ୍ଡକୁ ନିୟନ୍ତ୍ରଣ କରିବା ପାଇଁ ପୁରା ସହରରେ ଲାଗୁ ହୋଇଛି କର୍ଫ୍ୟୁ । ଶୁକ୍ରବାର ମଧ୍ୟରାତ୍ରିରୁ ସମ୍ବଲପୁରରେ ଲାଗିଛି ଏହି କଟକଣା । ରାତି ୧୨ଟାରୁ ପରବର୍ତି ନିର୍ଦ୍ଦେଶ ନଆସିବା ପର୍ଯ୍ୟନ୍ତ କଟକଣା ବଳବତର ରହିବ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ଘୋଷଣା କରାଯାଇଛି । କର୍ଫ୍ୟୁ ସମୟରେ ସାଧାରଣ ଲୋକଙ୍କୁ ଘରୁ ବାହାରିବାକୁ ମନା କରାଯାଇଛି । ଯେଉଁମାନେ ▶▶ପୃଷ୍ଠା ୭

## ୫ ବାଇକ ଚୋର ଗିରଫ : ୭ ମୋଟର ସାଇକେଲ-୧୨ ସ୍କ୍ରାପ ଗାଡ଼ି ଜବତ



ବାଲେଶ୍ୱର, ୧୫/୦୪ (ନି.ପ୍ର): ସହଦେବଖୁଣ୍ଟା ଥାନା ପୁଲିସ ୫ଜଣ ବାଇକଚୋରଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୭ଟି ମୋଟର ସାଇକେଲ ଜବତ କରାଯାଇଛି। ଏଥି ସହିତ ସୋମନାଥପୁର ଅଞ୍ଚଳର ଏକ ଗ୍ୟାରେଜରୁ ୧୨ଟି ସ୍କ୍ରାପ ମୋଟର ସାଇକେଲର ସ୍ପେଆର ପାର୍ଟସ ପୁଲିସ ଜବତ କରିଥିବା ନେଇ ଏକ ସାମ୍ବାଦିକ ସମ୍ମିଳନୀରେ ଏସପି ସବିଶେଷ ସୂଚନା ଦେଇଛନ୍ତି। ତେବେ ଏହି ଚୋରୀ ଘଟଣାରେ ଗିରଫ ୫ ଯୁବକଙ୍କ ଅଭିଯୁକ୍ତମାନଙ୍କର ନାମ କହିନଥିଲେ। ଅନ୍ୟପକ୍ଷରେ ସମ୍ପୃକ୍ତ ଯୁବକମାନେ ରେମୁଣା, ସୋମନାଥପୁର ଓ ଅରଡ଼ ବଜାର ଅଞ୍ଚଳର ବୋଲି ସେ ସୂଚନା ଦେଇଛନ୍ତି। ଗାଡ଼ି ଚୋରି ହୋଇଥିବା ନେଇ ଶ୍ରୀକଣ୍ଠପୁର ଅଞ୍ଚଳର ଅଶୋକ କୁମାର ନାୟକ ନେଇ ତା ୧୧.୪.୨୦୨୩ ରିଖରେ ସହଦେବଖୁଣ୍ଟା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସେହିଦିନ ସକାଳ ୮.୧୫ ମିନିଟ ସମୟରେ ଝାଡେଶ୍ୱର ମନ୍ଦିର ନିକଟରେ ନିଜର ଓଡି୦୧ଡି ୪୯୯୭ ନମ୍ବର ବିଶିଷ୍ଟ ମୋଟର ସାଇକେଲ ରଖି ପରିବା କିଣିବାକୁ ଯାଇଥିବା ବେଳେ ଅଚ୍ୟତପୁର ଅଞ୍ଚଳର ବିଜୟ ବେହେରା ନାମକ ଜଣେ ବ୍ୟକ୍ତି ତାଙ୍କ ମୋଟର ସାଇକେଲ ଚୋରି ପାଇଁ ଉଦ୍ୟମ କରୁଥିଲା। ଲୋକେ ତାକୁ ଧରି ପୁଲିସରେ ଦେଇଥିଲେ। ସେହିପର ଚାନ୍ଦିପୁର ଅଞ୍ଚଳର ମନୋଜ କୁମାର ମଲ୍ଲିକ ଅନଲାଇନରେ ଅଭିଯୋଗ କରିଥିଲେ ଯେ ଏଡିଏମ ଛକରୁ ତାଙ୍କର ଓଡ଼ି୦୧ଏସ ୬୬୭୦ ନମ୍ବର ବିଶିଷ୍ଟ ମୋଟର ସାଇକେଲ ଚୋରି ହୋଇଯାଇଥିଲା। ଉପରୋକ୍ତ ଦୁଇଟି ମାମଲାକୁ ନେଇ ତଦନ୍ତ ବେଳେ ଚୋରି ରାକେଟ ସମେତ ଗ୍ୟାରେଜକୁ ପୁଲିସ ଠାବ କରିଥିବା ସହଦେବଖୁଣ୍ଟା ଥାନାଧିକାରୀ ଶୁଭ୍ରାଂଶୁ ନାୟକ ପ୍ରକାଶ କରିଛନ୍ତି।

## ଯୁବକଙ୍କୁ ପଥରରେ ଛେଚି ହତ୍ୟା ଉଦ୍ୟମ ଘଟଣାରେ ୨୨ ଦିନ ପରେ ଅଭିଯୁକ୍ତ ଗିରଫ

ରୂପସା, ୧୫/୦୪ (ନି.ପ୍ର): ରୂପସା ଥାନା ଗଡ଼ପଦା ପଞ୍ଚାୟତ ଅନ୍ତର୍ଗତ ଜାମୁନିଆ ଗ୍ରାମର ଯୁବକ ନରହରି ଲେଙ୍କାଙ୍କୁ ପଥରରେ ଛେଚି ହତ୍ୟା ଉଦ୍ୟମ ମାମଲାରେ ଅଭିଯୁକ୍ତ ବୈଶିଙ୍ଗା ଥାନା ବାମଡା ଗ୍ରାମର ସର୍ବେଶ୍ୱର ଓରଫ କୁନା ସ୍ୱାଇଁଙ୍କୁ ପୋଲିସ ଶୁକ୍ରବାର ଗିରଫ କରି କୋର୍ଟଚାଲାଣ କରାଯାଇଛି। ଗତ ମାର୍ଚ୍ଚ ୨୩ ତାରିଖ ରେ ଅଭିଯୋଗକାରୀ ନରହରି ଲେଙ୍କା ତାଙ୍କ ମାମୁଁଙ୍କ ସହ ରୂପସା - ବୈଶିଙ୍ଗା ରାସ୍ତାର ସରକାରୀ ବିଦେଶୀ ମଦ ଦୋକାନ ନିକଟରେ ଯାଉଥିବା ବେଳେ ସର୍ବେଶ୍ୱର ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ । ତାଙ୍କ ମୁଣ୍ଡକୁ ପଥରରେ ଛେଚି ହତ୍ୟା ଉଦ୍ୟମ କରିଥିବା ଥାନାରେ ଲିଖିତ ଅଭିଯୋଗ ହୋଇଥିଲା । ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ରୂପସା ମେଡିକାଲରେ ଭର୍ତ୍ତି କରାଇଥିଲେ । ଏ ସଂକ୍ରାନ୍ତରେ ଥାନାରେ ଏକ ମାମଲା ନଂ ୩୦/୨୩ ରୁଜୁ କରି ପୋଲିସ ତଦନ୍ତ ଜାରି ରଖିଥିଲା । ଘଟଣାର ସତ୍ୟାସତ୍ୟ ଜଣାପଡିବାପରେ ପୋଲିସ ସଦଳବଳେ ଅଭିଯୁକ୍ତଙ୍କ ଘରେ ଚଢ଼ାଉକରି ଗିରଫ କରିଥିଲେ।

## ଅବସର ବିଷୁବ ମିଳନ ଓ କବିତା ପାଠୋତ୍ସବ ଅନୁଷ୍ଠିତ



ବାସୁଦେବପୁର ଅଟଳ ବିହାରୀ ହାଇସ୍କୁଲ ପରିସରରେ ଅବସର ସାହିତ୍ୟ ପତ୍ରିକା ପକ୍ଷରୁ ଅଷ୍ଟାଦଶ ରାଜ୍ୟ ସ୍ତରୀୟ ବିଷୁବ ମିଳନ ଅନୁଷ୍ଠିତ ହୋଇଯାଇଛି । ମହାପ୍ରଭୁ ଜଗନ୍ନାଥଙ୍କ ଫଟୋ ଚିତ୍ର ରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା । ପରେ ଅବସର ର ପ୍ରତିଷ୍ଠାତା ସମ୍ପାଦକ ସ୍ୱର୍ଗତ କବି ବନମାଳୀ ବାରିକଙ୍କ ଫଟୋ ଚିତ୍ର ରେ ସମସ୍ତେ ପୁଷ୍ପ ମାଲ୍ୟ ଅର୍ପଣ କରିଥିଲେ । ବିଶିଷ୍ଟ କବି ଓ ଅନୁବାଦକ ଅଭିମନ୍ୟୁ ବେହେରା ପ୍ରଥମ ଅଧିବେଶନ ରେ ସଭାପତିତ୍ୱ କରିଥିଲେ କ୍ଷ ଗୀତିକାର ଇଂ ଅଭୟ ସୁତାର,ଅଧ୍ୟାପକ ନିହାର ରଞ୍ଜନ କର, ପାଲା ଗାୟକ ସନାତନ ପୁରୀ, ଅଧ୍ୟାପକ ଡ଼କ୍ଟର ବିଶ୍ୱ ରଞ୍ଜନ ଦାସ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଅବସରରେ କବି ପ୍ରହ୍ଲାଦ ବାରିକ, କବି ରତ୍ନାକର ପଣ୍ଡା, ବରିଷ୍ଠ ସାମ୍ବାଦିକ କିଶୋର କୁମାର ମହାପାତ୍ର, ଓ ଏ ଏସ ପ୍ରତିଭା ମାଧୁରୀ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ପାର୍ଥ ସାରଥୀ ବାରିକ ପ୍ରାରମ୍ଭିକ ସୂଚନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଦ୍ୱିତୀୟ ଅଧିବେଶନ ରେ କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇଥିଲା । କବି ଧନେଶ୍ୱର ରାଉତ ସଭାପତିତ୍ୱ କରିଥିଲେ । ବାସୁଦେବପୁର ସହର ସ୍ଥିତ ରୁକ୍ମଣୀ ମେଡିକାଲ ଷ୍ଟୋର ର ଡାଇରେକ୍ଟର ସମାଜସେବୀ କିଶୋର ମହାପାତ୍ର, ଶିକ୍ଷାବିତ ରବି ନାରାୟଣ ସେନାପତି, କବି କମଳାକାନ୍ତ କର, କବି ସୁଧାଂଶୁ ଶେଖର ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ସାହିତ୍ୟ ଓ କଳା ସଂସ୍କୃତି ର ବିଭିନ୍ନ ଦିଗ ପ୍ରତି ଆଲୋଚନା କରିଥିଲେ । କବି ଗୟାଧର ଦାସ ଓ କବି ହୃଷିକେଶ ବାରିକ କବିତା ସଂଯୋଜନା କରିଥିଲେ । କବି ଅଭିମନ୍ୟୁ ସାହୁ, ଭାଗିରଥି ମହନି, ଧନଞ୍ଜୟ ମହାକୁଡ଼, ରାଜକିଶୋର ବାରିକ, ଭାଗିରଥି ପଲେଇ, ଶାନ୍ତିଲତା ପଣ୍ଡା, ସାମ୍ବାଦିକ ସତ୍ୟପ୍ରିୟ ମହାନ୍ତି, ସାମ୍ବାଦିକ ଉଦୟ ଜେନା, ରଙ୍ଗରାଗ ର ସମ୍ପାଦକ କବି ପ୍ରଦୀପ୍ତ ମହାନ୍ତି, ଶରତ ଓଝା, ତପନ ମିତ୍ର ପ୍ରମୁଖ କବିତା ପାଠ କରିଥିଲେ । ବିଶିଷ୍ଟ ଗାଳ୍ପିକ ସୁଦର୍ଶନ ସାମଲ, ଗୀତିକାର ପିତାମ୍ବର ମିଶ୍ର, ଶିକ୍ଷାବିତ ଦୁଃଶାସନ ରାଉତ, କବି ନିରଞ୍ଜନ ବିଶ୍ୱାଳ, କବି ଦେବେନ୍ଦ୍ର ପ୍ରସାଦ ମହାନ୍ତି ପ୍ରମୁଖ ଏହି ସଭାରେ ଯୋଗ ଦେଇଥିଲେ । ପାଲା ଗାୟକ ନୀଳକଣ୍ଠ ପାତ୍ର ବେଦ ପାଠ କରିଥିଲେ । ସାମ୍ବାଦିକ ନାରାୟଣ ପ୍ରସାଦ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ । କବି ସ୍ୱର୍ଗତ ବନମାଳୀ ବାରିକ ଙ୍କ ସୁପୁତ୍ର ପାର୍ଥ ସାରଥୀ ବାରିକ ଓ ସୂର୍ଯ୍ୟ ସାରଥୀ ବାରିକ ଉତ୍ସବ ପରିଚାଳନା ରେ ସହଯୋଗ କରିଥିଲେ । ସଭା ଆରମ୍ଭ ରେ ବନ୍ଦେ ଉତ୍କଳ ଜନନୀ ସଂଗୀତ ଗାନ କରାଯାଇଥିଲା।

## ଫକୀରମୋହନ ସାହିତ୍ୟ ପରିଷଦରେ ବିଷୁବ ମିଳନ
### କବି ଶ୍ରୀଦେବଙ୍କୁ 'ଆଜିର କବି' ଉପାଧି

ବାଲେଶ୍ୱର, ୧୫/୦୪ (ନି.ପ୍ର): ଫକୀରମୋହନ ସାହିତ୍ୟ ପରିଷଦ ଆନୁକୂଲ୍ୟରେ ବିଷୁବ ମିଳନ ଆସର ଶାନ୍ତିକାନନଠାରେ ଶୁକ୍ରବାର ଅପରାହ୍ଣରେ ଆୟୋଜିତ ହୋଇଯାଇଛି। ପ୍ରଥମେ ଜ୍ୟୋସ୍ନା ରାୟ ଓ ସତ୍ୟଭାମା ମୁଦୁଲିଙ୍କ ସଂଯୋଜନାରେ ପଚାଶରୁ ଅଧିକ କବି ଓ କବୟିତ୍ରୀ ସେମାନଙ୍କର କବିତା ପାଠ କରିଥିଲେ। ଏହି ଅବସରରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ସର୍ଗୁନ ନାୟକ, ଦେବଶ୍ରୀ ଦାସ, ରିତିକା ମହାପାତ୍ର, ଶ୍ରଦ୍ଧାଞ୍ଜଳି ପଢ଼ିଆରୀ ଓ ମାହେଶ୍ୱରୀ ଦାସ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ସଙ୍ଗୀତରେ କଣ୍ଠଦାନ କରିଥିଲେ ଦିଶାନ୍ତ ପୀୟୁଷ ପାଣିଗ୍ରାହୀ, ଶ୍ୱେତାଲିସା ଶୁଭଦର୍ଶିନୀ, ସ୍ମୃତିସ୍ୱରୂପା ମିଶ୍ର, ନିତିଶ୍ରୀ ମହାନ୍ତି ଓ ତପସ୍ୱିନୀ ତ୍ରିପାଠୀ। ସନ୍ଧ୍ୟା ୭ଟାରେ ପରିଷଦର ସଭାପତି ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ପୌରୋହିତ୍ୟରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ସମସ୍ତ କଳାକାରଙ୍କୁ ପ୍ରଶଂସାପତ୍ର ପ୍ରଦାନ କରାଯିବା ସହ ସମ୍ବର୍ଦ୍ଧିତ କରାଯାଇଥିଲା। ବରିଷ୍ଠ ସାହିତ୍ୟିକ ଡ. ପ୍ରହ୍ଲାଦ ଚରଣ ମହାନ୍ତି, ନୃତ୍ୟସଙ୍ଗୀତ କଳାମନ୍ଦିରର ସଂପାଦକ ସଂସ୍କୃତିବିତ୍ ଶରତଚନ୍ଦ୍ର ଦାଶ ଓ ଅବସରପ୍ରାପ୍ତ ପ୍ରାଶାସନିକ ଅଧିକାରୀ (ଆଇ.ଏ.ଏସ୍) ଶ୍ରୀଯୁକ୍ତ ଦେବେନ୍ଦ୍ର ମହାପାତ୍ର ଯୋଗଦାନ କରି ବିଷୁବ ସଂକ୍ରାନ୍ତିର ଉପଯୋଗିତା ଓ ଏହିଦିନ ସମଗ୍ର ଓଡ଼ିଶାରେ ଅନୁଷ୍ଠିତ ହେଉଥିବା ସାରସ୍ୱତ ଆସର ସଂପର୍କରେ ବକ୍ତବ୍ୟ ପ୍ରଦାନ କରି କବିମାନେ ନିଜ ନିଜର କବିତା ମାଧ୍ୟମରେ ଓଡ଼ିଆ ସାହିତ୍ୟକୁ ପୁଷ୍କଳ କରି ଆସୁଛନ୍ତି ବୋଲି ମତବ୍ୟକ୍ତ କରିଥିଲେ। ପରିଷଦର ସଂପାଦକ ଦୀପକ ଘୋଷ ପ୍ରାରମ୍ଭିକ ବକ୍ତବ୍ୟ ପ୍ରଦାନ କରି ଦୀର୍ଘଦିନ ଧରି ଅନୁଷ୍ଠିତ ହୋଇ ଆସୁଥିବା ବିଷୁବ ଆସର କାର୍ଯ୍ୟକ୍ରମ ବାଲେଶ୍ୱରର ସାହିତ୍ୟିକମାନଙ୍କ ପାଇଁ ସମର୍ପିତ ବୋଲି କହିଥିଲେ। କବିତା ପାଠୋତ୍ସବରେ ବିଚାରକ ଭାବରେ ଆସୀନ ହୋଇଥିବା ସାହିତ୍ୟିକା ସୁଶ୍ରୀ ଅରୁଣା ରାୟ ଓ ବରିଷ୍ଠ ଗବେଷକ ଡ. ଶିରୀଶ ଚନ୍ଦ୍ର ଜେନା ଆସରରେ ପଠିତ ହୋଇଥିବା କବିତାଗୁଡ଼ିକ ଉନ୍ନତମାନର ବୋଲି ପ୍ରକାଶ କରିବା ସହିତ କବିମାନେ ନିରନ୍ତର ଗ୍ରନ୍ଥପାଠ ଓ କବିତା ରଚନାଦ୍ୱାରା ନିଜର କବିତ୍ୱ ଶକ୍ତିକୁ ବୃଦ୍ଧି କରିପାରିବେ ବୋଲି ପ୍ରକାଶ କରିଥିଲେ। ଯେଉଁମାନେ କବିତା ପାଠ କରିଥିଲେ ସେମାନଙ୍କ ମଧ୍ୟରୁ ଶ୍ରେଷ୍ଠ ଆଠଜଣଙ୍କୁ ଉପହାର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଅଷ୍ଟମ ସ୍ଥାନରେ ଡ. ରତ୍ନାକର ସିଂହ, ସପ୍ତମ ସ୍ଥାନରେ ଇଂ. ବିଜୟ କୁମାର ମହାନ୍ତି, ଷଷ୍ଠ ସ୍ଥାନରେ ସଙ୍ଗୀତା ବାରିକ, ପଞ୍ଚମ ସ୍ଥାନରେ ପ୍ରଭାକର ସାହୁ, ଚତୁର୍ଥ ସ୍ଥାନରେ ବିଷ୍ଣୁଦାସ କୁଣ୍ଡୁ, ତୃତୀୟ ସ୍ଥାନରେ ସଂଜୀବ କୁମାର ଜେନା ଓ ଦ୍ୱିତୀୟ ସ୍ଥାନରେ ପ୍ରୀତିଲେଖା ଦାସ ନିଜର ଉଚ୍ଚମାନର କବିତା ମାଧ୍ୟମରେ ବିଚାରକମାନଙ୍କଦ୍ୱାରା ପ୍ରଶଂସିତ ହୋଇ ସମ୍ବର୍ଦ୍ଧିତ ହେବାପାଇଁ ଯୋଗ୍ୟତା ଅର୍ଜନ କରିଥିଲେ। କବିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା କବି ଶ୍ରୀଦେବଙ୍କୁ 'ଆଜିର କବି' ଉପାଧିରେ ମଣ୍ଡନ କରାଯାଇ ଅତିଥିମାନଙ୍କଦ୍ୱାରା ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ତଥା ମୁକୁଟ ପ୍ରଦାନ କରାଯାଇ ଉପହାର ପ୍ରଦାନ କରାଯାଇଥିଲା। ସମ୍ବର୍ଦ୍ଧନା ସଭାକୁ ତପନ ରାୟ, ଡ. ସାରଙ୍ଗଧର ତ୍ରିପାଠୀ, ରାଜେଶ ଗିରି ପ୍ରମୁଖ ପରିଚାଳନା କରିଥିଲେ। ଯୁଗ୍ମ ସଂପାଦିକା ଶ୍ରୀମତୀ କଲ୍ୟାଣୀ ନନ୍ଦ ଧନ୍ୟବାଦ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦୀନବନ୍ଧୁ ଲେଙ୍କା, ନିବାରଣ ଜେନା, ଡ. ଭାଗବତ ପ୍ରସାଦ ଦାସ, ଅଧ୍ୟାପକ ସୁକାନ୍ତ ଗିରି, ଶରତ କୁମାର ମହାପାତ୍ର, ସଂଜୟ ପଣ୍ଡା, ପ୍ରମୁଖ କବିତାପାଠ କରିବା ସଙ୍ଗେସଙ୍ଗେ ଆସର ପରିଚାଳନା କରିବାରେ ସହଯୋଗ କରିଥିଲେ।




## କଂଗ୍ରେସ ପକ୍ଷରୁ ଆମ୍ବେଦକରଙ୍କର ୧୩୨ତମ ଜୟନ୍ତୀ ପାଳିତ



ଲଙ୍ଗଳେଶ୍ୱର, ୧୫/୦୪ (ନି.ପ୍ର): ସ୍ୱତନ୍ତ୍ରତା ସମାନତା ଏବଂ ଭାଇଚାରା ପ୍ରତିଷ୍ଠା କରିବା ଆମ୍ବେଦକରଙ୍କ ବିଚାରଧାରାଥିଲା । ଏହି ବିଚାରଧାକୁ ସାମାଜିକ ଜୀବନରେ ପ୍ରତିଫଳିତ କରି ଏ ଭେଦଭାବ ମୁଖ୍ୟତ ପ୍ରତିଷ୍ଠା କରପାରଲେ ତାହା ହିଁ ଆମ୍ବେଦକରଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି ହେବ ବୋଲି ଆଜି ବାଲିଆପାଳ ପୂର୍ତ୍ତବିଭାଗ ପରିସରରେ ବାଲେଶ୍ୱର ଜିଲ୍ଲା କଂଗ୍ରେସ ପକ୍ଷରୁ ଆୟୋଜିତ ଭାରତରତ୍ନ ଡ. ଭୀମରାଓ ଆମ୍ବେଦକରଙ୍କର ୧୩୨ତମ ଜନ୍ମ ଜୟନ୍ତୀରେ ଯୋଗ ଦେଇ ବିଶିଷ୍ଟ ବ୍ୟକ୍ତିମାନେ ମତବ୍ୟକ୍ତ କରିଥିଲେ । ବାଲେଶ୍ୱର ଜିଲ୍ଲା କଂଗ୍ରେସ ଅନୁସୂଚିତ ଜାତି ବିଭାଗର ସଭାପତି ତଥା ୨୪ ନମ୍ବର ଜୋନ୍ ର ଜିଲ୍ଲା ପରିଷଦ ବାବାଜୀ ଦେହୁରୀ ଙ୍କ ପୌରହିତ୍ୟରେ ମୁଖ୍ୟ ଅତିଥି ଭାବରେ ବସ୍ତା କଂଗ୍ରେସ ନେତା ବିଜନ ନାୟକ ଯୋଗଦେଇ ଆଧୁନିକ ଭାରତର ନିର୍ମାତା ବିଶିଷ୍ଟ ସମାଜ ସଂସ୍କାରକ ଡ. ଆମ୍ବେଦକର ଦୀର୍ଘ ଦୁଇବର୍ଷ ୧୧ମାସ ୧୮ ଦିନ ଅକ୍ଳାନ୍ତ ପରିଶ୍ରମ କରି ଯେଉଁ ସମ୍ବିଧାନ ଲେଖିଥିଲେ ବିଶ୍ୱର ଏକ ଅମୂଲ୍ୟଗ୍ରନ୍ତ ଭାବେ ପରିଚିତ ବୋଲି କହିଥିଲେ । ମୁଖ୍ୟ ବକ୍ତା ଭାବେ ଦେଉଳା ସରପଂଚ ସରୋଜ କୁମାର ପିଳା ଯୋଗଦେଇ ଆମ୍ବେଦକରଙ୍କ ଦର୍ଶନ ଏବଂ ଚିନ୍ତାଧାରା ତାଙ୍କୁ ଜଣେ ଶ୍ରେଷ୍ଠ ମାନବତା ବାଦୀ ବୋଲି ପରିଗଣିତ କରିପାରିଛି ବୋଲି କହିଥିଲେ । ସମ୍ମାନୀତ ଅତିଥି ଭାବରେ ଜାମକୁଣ୍ଡା ସରପଂଚ ଙ୍କ ପ୍ରତିନିଧି ଜଗନ୍ନାଥ ମାହାନା , ନୂଆଗାଁ ସରପଂଚ ଙ୍କ ପ୍ରତିନିଧି ପ୍ରଶାନ୍ତ କୁମାର ଦାସ, ବେତଗଡିଆ ସଦସ୍ୟ ରାଜିବ ରାୟ , ଯୁବ ନେତା ସୁଶାନ୍ତ ପାତ୍ର ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ବାଲିଆପାଳର ବହୁ ବରିଷ୍ଠ କଂଗ୍ରେସ କର୍ମୀମାନେ ଯୋଗଦେଇଥିଲେ ।

## ଓଡିଆ ନବବର୍ଷ ଉପଲକ୍ଷେ ବିଶ୍ୱାସ ପକ୍ଷରୁ ବନ୍ଧୁମିଳନ

ଜଳେଶ୍ୱର , ୧୫/୦୪ (ନି.ପ୍ର): ବିଦେଶୀ ସଂସ୍କୃତିକୁ ନ ଆପଣାଇ ନିଜର ସଂସ୍କୃତିକୁ ସମ୍ମାନ ଦେବା ସହିତ ଏହାର ପ୍ରଚାର ପ୍ରସାର ଅଧିକ କରିବାକୁ ପ୍ରତ୍ୟେକ ଓଡିଆ କାର୍ଯ୍ୟ କରିବା ଉଚିତ ବୋଲି ଭଂଜ ମଣ୍ଡପରେ ଆୟୋଜିତ ବନ୍ଧୁମିଳନ କାର୍ଯ୍ୟକ୍ରମରେ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି । ବିଶ୍ୱାସ ସଂଗଠନ ପକ୍ଷରୁ ଆୟୋଜିତ ଓଡିଆ ନବବର୍ଷ ପାଳନ ସଭାରେ ପ୍ରାଧ୍ୟାପକ ବିପିନ ବିହାରୀ ବିଶ୍ୱାଳ ଅଧ୍ୟକ୍ଷତା କରି ସ୍ଥାନୀୟ ଅଂଚଳରେ ସଂଗଠନ ପକ୍ଷରୁ ବିଭିନ୍ନ ସାମାଜିକ କାର୍ଯ୍ୟ ସଂପର୍କରେ ସୂଚନା ଦେଇଥିଲେ । ଅନୁଷ୍ଠାନର ସଂପାଦକ ସଂଗ୍ରାମ କେଶରୀ ପରିଡା ଯୋଗ ଦେଇ ରାଜ୍ୟର ଉପାନ୍ତ ଅଂଚଳରେ ଓଡିଆ ଭାଷାକୁ ସୁରକ୍ଷା ଦେବା, ସଂସ୍କୃତି ଓ ପରମ୍ପରାକୁ ଉଜ୍ଜିବିତ କରି ଏହାର ପ୍ରଚାର ଓ ପ୍ରସାର କରିବାକୁ ସରକାର ଓ ବିଭିନ୍ନ ସାମାଜିକ ସଂଗଠନ କାର୍ଯ୍ୟ କରିବା ଉଚିତ୍ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟକ୍ଷ ପ୍ରଫୁଲ୍ଲ ଦେ, ରମାକାନ୍ତ ଭଂଜ, ସମାଜସେବୀ କମଳ ଚକ୍ରବର୍ତ୍ତୀ, ଅରୁଣ ବେଜ, ଶିକ୍ଷକ ଯୋଗେଶ ରାଉଳ, ଅଧ୍ୟାପିକା ଇନ୍ଦୁମତି ଗିରି, ଶିକ୍ଷାବିତ୍ ଜୟନ୍ତ ମିଶ୍ର, ସଚିଦାନନ୍ଦ ଦାସ ଓ ପରିତୋଷ କାମିଲା ପ୍ରମୁଖ ଯୋଗ ଦେଇ ଓଡିଆ ନବବର୍ଷ ତଥା ମହାବିଷୁବ ସଂକ୍ରାନ୍ତି ପାଳନ ସଂପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ସଂଗଠନ ପକ୍ଷରୁ ସ୍ୱଚ୍ଛ ସାଥି ଜ୍ୟୋସ୍ନାରାଣୀ ଜେନା, ନନ୍ଦିତା ଦାସ, ବାସନ୍ତି ମହାନ୍ତି, ପାର୍ବତୀ ସର୍ମା, ସରସ୍ୱତୀ ସିଟ, ସସ୍ମିତା ପ୍ରଧାନ, ମିଆଁମୁଥୁନ ବିବିଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା ।

## ରାଧା ମଦନ ମୋହନ ମନ୍ଦିର ପରିସରରେ ହନୁମାନ ଯଜ୍ଞ ସମାପନ



ଲଙ୍ଗଳେଶ୍ୱର , ୧୫/୦୪ (ନି.ପ୍ର): ଓଡ଼ିଆ ନବବର୍ଷ ଓ ହନୁମାନ ଜୟନ୍ତୀ ଅବସର ରେ ବାଲେଶ୍ୱର ଜିଲ୍ଲା ବାଲିଆପାଳ ରାଧା ମଦନ ମୋହନ ମନ୍ଦିର ପରିସରରେ ଓଡ଼ିଶା ପ୍ରାଇଡର ସଭାପତି ମାନସ ଦାସ ଙ୍କ ତତ୍ତ୍ୱାବଧନରେ ଶୁକ୍ରବାର ହନୁମାନ ଯଜ୍ଞ ମହା ଆଡମ୍ବର ସହକାରେ ଅନୁଷ୍ଠିତ ହୋଇଯାଉଛି । ଡା ହରେକୃଷ୍ଣ ଦାସ ଙ୍କ ଦ୍ୱାରା ନିର୍ମିତ ରାଧା ମଦନ ମୋହନ ମନ୍ଦିରରେ ସକାଳ ନୀତି କ୍ରାନ୍ତି ପରେ ବ୍ରାହ୍ମଣ ମାନଙ୍କ ଦ୍ୱାରା ଯଜ୍ଞ ବେଦିକୁ ଖୁବ ସୁନ୍ଦର ଭବରେ ସାଜସଜ୍ଜା କରାଯାଇ ହନୁମାନ ଯଜ୍ଞ ଆରମ୍ଭ ହୋଇଥଲା । ପ୍ରଥମ ପର୍ଯ୍ୟାୟ ରେ ଉପସ୍ଥିତ ସମସ୍ତ ବାଜରଙ୍ଗୀ ଶ୍ରଦ୍ଧାଳୁ ମାନଙ୍କୁ ସାମୁହିକ ଭାବରେ କର୍ତ୍ତା ସଂକଳ୍ପ କରାଯାଇ ଶ୍ରୀରାମ ଲକ୍ଷ୍ମଣ ସୀତା ଙ୍କ ସହିତ ବୀର ହନୁମାନ ଙ୍କୁ ପୂଜାର୍ଚ୍ଚନା କରାଯାଉଥିଲା । ବହୁ ଶ୍ରଦ୍ଧାଳୁ ପୁଜା ପାଠ ସମୟ ରେ ଯଜ୍ଞ ବେଦୀ ପଶ୍ୱରେ ହନୁମାନ ଚାଳିଶା ଶ୍ରଦ୍ଧାରେ ପାଠ କରିଥଲେ । ଯଜ୍ଞ କାର୍ଯ୍ୟ ପୂର୍ବାହ୍ନ ରୁ ଆରମ୍ଭ ହୋଇ ଅପରାହ୍ନ ୭ଟାରେ ଯଜ୍ଞ ରେ ପୂର୍ଣ୍ଣ ଆହୁତି ପ୍ରଦାନ କରଯାଇଥିଲା । ରାଧା ମଦନ ମୋହନ ମନ୍ଦିରର ପୂଜା ଦାୟିତ୍ୱ ଉଜ୍ଜ୍ୱଳ ହରି ପ୍ରଭୁ ଗ୍ରହଣ କରିଥିବା ବେଳେ ଯଜ୍ଞ କାର୍ଯ୍ୟ ପଣ୍ଡିତ ପଙ୍କଜ କୁମାର ନନ୍ଦ ବ୍ରହ୍ମଚାରୀ, ଆଚାଯ୍ୟ ପ୍ରଭୁରାମ ପଣ୍ଡା , ଆମର କୁମାର ଭୁସାଲ , ଶୁଭେନ୍ଦୁ ପାଣି ପ୍ରମୁଖ ତୁଲାଇଥିଲେ । ବାବାଜୀ ପାତ୍ର, ଗୋପାଳ ବିଶ୍ୱାଳ, ଗଜେନ୍ଦ୍ର ଜେନା , ସଞ୍ଜୁ ବାଳା ନାହାନ୍ତି, ଭାଗ୍ୟବତୀ ଜେନା, ରଞ୍ଜିତା ପାତ୍ର, ଶାନ୍ତି ଲତା ପାତ୍ର, ଶୁଭସ୍ମିତା ଜେନା, ମୋନାଲିସା ବେହେରା, ଧରିତ୍ରୀ ଜେନା ସୁବର୍ଣ୍ଣ ଜେନା, ସସ୍ମିତା ଗିରି, ମିନାକ୍ଷୀ ପ୍ରଧାନଙ୍କ ସହିତ ଯଜ୍ଞ କାର୍ଯ୍ୟ ଅନ୍ତିମ ପର୍ଯ୍ୟାୟରେ ଅଧାପକ ଡ ସୁକାନ୍ତ କୁମାର ଗିରି ଉପସ୍ଥିତ ହୋଇ ଯଜ୍ଞ ରେ ପୂର୍ଣ୍ଣାହୁତି ପ୍ରଦାନ କରିଥିଲେ । ବିଶ୍ୱଜିତ ଜେନା, ଦେବଦତ୍ତ ଜେନା, ଚନ୍ଦନ ଦାସ, ସନ୍ନ୍ୟାସୀ ଜେନା ଉପସ୍ଥତ ହୋଇ ବିଭିନ୍ନ ଦାଇତ୍ୱ ତୁଲାଇଥିବା ବେଳେ ବହୁ ହନୁମାନ ଭକ୍ତ କାର୍ଯ୍ୟକ୍ରମ ରେ ସାମିଲ ଥିଲେ।

## ସଂସ୍କାର ପୂର୍ଣ୍ଣ ଶିକ୍ଷା ଦ୍ୱାରା ସୁସ୍ଥ ସମାଜ ଗଠନ ସମ୍ଭବ



ବରପଦା, ୧୫/୦୪ (ନି.ପ୍ର): ସେରଗଡ଼ ସ୍ଥିତ ସ୍ଥାନୀୟ ଗୁରୁକୃପା ବିଦ୍ୟାମନ୍ଦିର ପରିସରରେ ଷଷ୍ଠ ବାର୍ଷିକ ଉତ୍ସବ ମହାସମାରୋହ ରେ ଅନୁଷ୍ଠିତ ହୋଇଯାଇଛି । ପ୍ରଚଳିତ ଶିକ୍ଷା ବ୍ୟବସ୍ଥାରେ ମାନବିକ ମୂଲ୍ୟବୋଧ ଶିକ୍ଷା ସହିତ ସଂସ୍କାର ମୂଳକ ଶିକ୍ଷା ରେ ଗୁରୁତ୍ୱ ଦିଆ ଯିବାର ଆବଶ୍ୟକତା ରହିଅଛି । ଶିକ୍ଷା ବ୍ୟବସ୍ଥା ରେ ସଂସ୍କାର ପୂର୍ଣ୍ଣ ଶିକ୍ଷା ହିଁ ଜୀବନରେ ସଫଳତା ଆଣିଦେଇ ଥାଏ ବୋଲି ମୁଖ୍ୟ ଅତିଥି ଉତ୍କଳ ଶିକ୍ଷା ପରିଷଦ, ଓଡିଶା, ଭୁବନେଶ୍ୱର ର ସମ୍ପାଦକ ଯୋଗେନ୍ଦ୍ର ଦାଶ କହିଥିଲେ । ପ୍ରଭାକର ମହାପାତ୍ର ଙ୍କ ପୌରହିତ୍ୟ ରେ ମୁଖ୍ୟ ବକ୍ତା ଭାବେ ବରିଷ୍ଠ ଆଇନଜୀବି ବାଣୀ ନିର୍ମାଲ୍ୟ ବିଶ୍ୱାଳ,ସମ୍ମାନ୍ୱିତ ଅତିଥି ଭାବେ ସମ୍ପାଦକ ସୁବୋଧ ବାରିକ ପ୍ରମୁଖ ଯୋଗ ଦେଇ ନିଜ ନିଜ ର ବହୁମୂଲ୍ୟ ବକ୍ତବ୍ୟ ରଖିଥିଲେ । ତପନ ବାରିକ ଅତିଥି ପରିଚୟ ସହ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ଗୁରୁମା ସସ୍ମିତା ବାରିକ ବାର୍ଷିକ ବିବରଣୀ ପାଠ କରିଥିଲେ । ଗୁରୁମା ସରିତା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ ବିଭାଗ ରେ କୃତି ଛାତ୍ର ଛାତ୍ରୀ ମାନଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ । ପିଲାମାନଙ୍କ ଦ୍ୱାରା ନାଚ, ଗୀତ, ଏକକ ଅଭିନୟ, ଶିଶୁ ଗୀତ, ବ୍ୟାୟାମ ଉପରେ ସୁନ୍ଦର କାର୍ଯ୍ୟକ୍ରମ ମାନ ପରିବେଷିତ ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ଗୁରୁମା , ମିନତୀ ବାରିକ, ସବିତା ଦାସ, ତିଲତ୍ତମା ବାରିକ, ଭାଗ୍ୟଶ୍ରୀ ପୁଟ୍ଟୀ ପ୍ରମୁଖ ପରିଚାଳନା କରିଥିଲେ।

## ଯୁବକର ଅସ୍ୱାଭାବିକ ମୃତ୍ୟୁ : ବେସାହାରା ପରିବାର

ଜଳେଶ୍ୱର ୧୪/୪(ନି.ପ୍ର) : ଜଳେଶ୍ୱର ବ୍ଲକର ମିଲିଟାରୀ ବଜାର ଗ୍ରାମର ସ୍ୱର୍ଗତ ପ୍ରଶାନ୍ତ ସାହୁର ଏକମାତ୍ର ପୁତ୍ର ସୁକାନ୍ତ ସାହୁ (୩୦) ଗତକାଲି ରାତିରେ ନିଜ ପିଣ୍ଡାରେ ମରିପଡିଥିବା ଦେଖିବାକୁ ମିଳିଛି । ତାର ଘରେ ବିଧବା ମା ଓ ସ୍ତ୍ରୀ ନଥିବା ବେଳେ ବିଳମ୍ବିତ ରାତିରେ ଘରକୁ ଫେରିଥିଲା । ଘରେ କେହି ନଥିବା ବେଳେ ତାର ମୃତ୍ୟୁକୁ ନେଇ ସନ୍ଦେହ ପ୍ରକାଶ ପାଇଛି । ତାର ହାତ ପୋଡି ଯାଇଥିବା ବେଳେ ସେ ଏକ ଚୋଲି ନିକଟରେ ମରିପଡିଥିବା ଆଜି ସକାଳେ ଗ୍ରାମବାସୀ ଦେଖିବାକୁ ପାଇଥିଲେ । ସେ ଅତ୍ୟନ୍ତ ଗରିବ ହୋଇଥିବାରୁ ଡ୍ରାଇଭରଭାବେ କାର୍ଯ୍ୟ କରି ପରିବାର ପ୍ରତିପୋଷଣ କରି ଆସୁଥିଲେ । ତାର ୫ବର୍ଷର ଏକମାତ୍ର କନ୍ୟା ଓ ବିଧବା ପତ୍ନୀ ଓ ବୃଦ୍ଧା ମା ବେସାହାର ହୋଇଛନ୍ତି । ପୁଲିସ୍ ଶବ ଜବତ୍ କରି ବ୍ୟବଛେଦ ଲାଗି ବ୍ୟବସ୍ଥା କରିଥିବା ବେଳେ ସରପଂଚ ମମତା ପରିଡା ହରିଶ୍ଚନ୍ଦ୍ର ଯୋଜନାରେ ୩ହଜାର ଟଙ୍କା ପ୍ରଦାନ କରିଛନ୍ତି । ତାଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ସରପଂଚ ପ୍ରତିନିଧି ଦିଲ୍ଲିପ ପରିଡା ଓ ଗ୍ରାମବାସୀମାନେ ଦାବି କରିଛନ୍ତି ।

## କାଇପଦର ବାଦ ପାଲା ଉଦ୍‌ଯାପିତ

ଖୋର୍ଦ୍ଧା, ୧୫/୦୪ (ନି.ପ୍ର): ଖୋର୍ଦ୍ଧା ଜିଲ୍ଲା ଖୋର୍ଦ୍ଧା ବ୍ଲକ୍ ଅନ୍ତର୍ଗତ କାଇପଦର ଗ୍ରାମ ଏକ ମନ୍ଦିର ମାଳିନୀ ଗ୍ରାମ । ଏହି ଗ୍ରାମରେ ୧୮୭୨ ମସିହା ୧୫୧ ବର୍ଷ ହେଲା ବାଦ ପାଲା ହୋଇ ଆସୁଛି । କାଇପଦରରେ ଆମ ଆରାଧ ମହିମା ଥିବା ଠାକୁର ବାବା ସତ୍ୟପୀର (ବଖାରୀବାବା) ଅବସ୍ଥିତ । ଏହା ମନ୍ଦିରଟି ତାଜମହଲ ସଦୃଶ୍ୟ । ହିନ୍ଦୁ ଓ ମୁସଲମାନଙ୍କ ସମସ୍ତଙ୍କର ବାବା ସତ୍ୟପୀର । ପୁଣି ଏହା ଅନତି ଦୂରରେ ଶ୍ରୀ ଶ୍ରୀ ସତ୍ୟ ନାରାୟଣ ମନ୍ଦିର ଆଜକୁ ୨୩ ବର୍ଷ ହେଲା କରାଗଲାଣି । ଏହାର ପ୍ରତିଷ୍ଠାତା ଉକ୍ତ ଗ୍ରାମର ଜନ୍ମିତ ଈଶ୍ୱର ଚନ୍ଦ୍ର ମଙ୍ଗରାଜ । ମାତ୍ର ଗ୍ରାମବାସୀଙ୍କ ଏହାର ମାଲିକ, ପ୍ରତି ବର୍ଷ ମାର୍ଚ୍ଚ ମାସ ୩୧ ତାରିଖରୁ ୭ ତାରିଖ ପର୍ଯ୍ୟନ୍ତ ବାଦ ପାଲା ହୁଏ ପରମ୍ପରା । ଏ ବର୍ଷ ବହୁ ଆଡ଼ମ୍ବର ସହ ହୋଇଛି । ଉଭୟ ଗାୟକ ମହାଶୟକୁ ଗ୍ରାମବାସୀ ପୁରସ୍କୃତ କରିଛନ୍ତି । ଏ ବର୍ଷ ବାଦ ପାଲା ଉଜାପିତ ହୋଇଯାଇଛି । ଆସନ୍ତା ବର୍ଷ ୨୦୨୪ ଅପେକ୍ଷାରେ । କାଇପଦର ଗ୍ରାମରୁ ଖୋର୍ଦ୍ଧା ବ୍ଲକ୍ ଅଧକ୍ଷ ଶ୍ରୀମୟୀ ପ୍ରିୟ ଦର୍ଶନୀ ଏହି ଉଜାପିତ ଦିବସରେ କାଇକଦର ସତ୍ୟନାରାୟଣ ମନ୍ଦିର ଉନ୍ନତି ପାଇଁ ଆଗ୍ରହ ସହ ଘୋଷଣା କରିଥିଲେ।



କାଇପଦର ସରପଂଚ ପ୍ରତିନିଧି ଏକ ସ୍ଥାୟୀ ବାଦପାଲା ଷ୍ଟେଜ କରିବା ପାଇଁ ଘୋଷଣା କରିଥିଲେ । କାଇପଦର ଗ୍ରାମବାସୀ ଓ ଗାୟକମହାଶୟ ଦ୍ୱୟ ହରିବୋଲି ଦେଇ ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ ।

## ଧାରାବାହିକ : ଜୀବନାନୁଭୂତି

# ମୋର ପୂର୍ବ ସ୍ମୃତି କଥା



ବାଲେଶ୍ୱରରେ ପ୍ରଥମଥର ୧୯୧୫ ମସିହାରେ ତୃତୀୟଶ୍ରେଣୀ ମାଜିଷ୍ଟ୍ରେଟ ଓ ଦ୍ୱିତୀୟଥର ୧୯୩୧ ମସିହାରେ ଡେପୁଟି ମାଜିଷ୍ଟ୍ରେଟ ପଦରେ ଅବସ୍ଥାପିତ ହୋଇଥିବା ଭାରତଚନ୍ଦ୍ର ନାୟକଙ୍କ ରଚିତ 'ପୂର୍ବ ସ୍ମୃତିକଥା' ୧୯୬୬ରେ ପୁସ୍ତକ ଆକାରରେ ପ୍ରକାଶିତ ହୋଇ ତା' ପରବର୍ଷ ଓଡିଶା ସାହିତ୍ୟ ଏକାଡେମୀ ଦ୍ୱାରା ସମ୍ମାନିତ ହେବା ମନନଶୀଳ ପାଠକଙ୍କ ପାଇଁ ଆଣିଦେଇଥିଲା ଗୋଟେ ପ୍ରକାର ଆଶ୍ୱସ୍ତି । ଏହି ପୁସ୍ତକରେ ଅଛି ରାଜା ରାଜୁଡା ସମୟର ଇତିହାସ, ଅଛି ସାମାଜିକ ଚେତନା, ଅଛି ମଧ ଉଚ୍ଚାଙ୍ଗ ସାହିତ୍ୟ । ଆଜି ବି ଆମ ସମାଜରେ ନାରୀ ନିର୍ଯାତନାର ଚିତ୍ର ସର୍ବତ୍ର ଦେଖିବାକୁ ମିଳୁଥିବା ବେଳେ ସେ ସମୟରେ ନାରୀମାନଙ୍କ ପାଇଁ ସେ ଦେଖିଥିବା ସ୍ୱପ୍ନ, ସମ୍ବେଦନଶୀଳ ମନୋଭାବ, ନାରୀଶିକ୍ଷା ପ୍ରତି ତାଙ୍କର ପ୍ରେରଣା ତାଙ୍କୁ ସ୍ମରଣୀୟ କରି ରଖିଛି । ଶ୍ରୀଯୁକ୍ତ ନାୟକଙ୍କର 'ମୋର ପୂର୍ବ ସ୍ମୃତିକଥା' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...

**ଭାଗ-୧୧୬**

(ପୂର୍ବ ପ୍ରକାଶିତ ଉତ୍ତାରୁ...)

ଏହି ପରିସ୍ଥିତିରେ ପାଟଣାରେ ଅତ୍ୟନ୍ତ ଅସୁବିଧାରେ ରହି ଘରକୁ ଫେରିଯିବା ପାଇଁ ଆମ୍ଭେମାନେ ବ୍ୟସ୍ତ ହୋଇପଡ଼ିଲୁ । ଶୁଣିଲି, କେତେକ ଓଡ଼ିଆ ଛାତ୍ର ଲରୀରେ ରାଞ୍ଚିଦେଇ ଚାଲିଯାଇଅଛନ୍ତି। ପାଟଣା ଷ୍ଟେସନକୁ ଯାଇ ବୁଝିଲି ଯେ, ତା୨୪ରିଖ ସକାଳେ ଗୋଟିଏ ଗାଡ଼ି ସକାଳ ୬ଟା ବେଳେ ଛାଡୁଛି ଓ ଗୟାରେ ଦିନ ୧୨ଟା ବେଳେ ପହଞ୍ଚୁଛି । ପାଟଣାରୁ ଗୟା ପ୍ରାୟ ୫୦ ମାଇଲ ପଥ। ସେହି ଗାଡ଼ି ଦିନଯାକ ଓ ରାତିଯାକ ଯାଇ ସେଠାରେ ପଡ଼ିରହୁଛି। ଗାଡ଼ି ଆଦୌ ଚାଲୁନାହିଁ। ଦିନବେଳେ ଯେଉଁ ଗାଡ଼ି ଚାଲୁଛି ତାହା ମଧ ଅତ୍ୟନ୍ତ ମନ୍ଦ ଗତିରେ । ଯେଉଁଠାରେ ଲାଇନ୍ କଟା ହେଉଛି ତାହା ମରାମତି ହେଉଛି ଓ ଯେଉଁଠାରେ ସନ୍ଧ୍ୟା ହେଉଛି ସେଠାରେ ଗାଡ଼ି ରହି ଯାଉଛି । ରେଲପଥରେ ଯିବା ତାହାହେଲେ ବିପଦ ଓ ଅସୁବିଧାଜନକ। ଏହିପରି ଚାରିଆଡ଼େ ବିଶୃଙ୍ଖଳା। ଡାକରେ ପତ୍ର ଓ ଟେଲିଗ୍ରାମ ସୁଦ୍ଧା ନିୟମିତରୂପେ ଯିବା ଆସିବା ହେଉନାହିଁ। ଆନ୍ଦୋଳନ କ୍ରମେ ସହରରୁ ଯାଇ ମଫସଲରେ ବ୍ୟାପିଲା । ମଫସଲରେ ଥାନା ଘରମାନ ପୋଡ଼ି ଦିଆହୋଇଥିବା ଓ ପୋଲିସ କର୍ମଚାରୀମାନେ ପ୍ରାଣଘେନି ପଳାଇ ଯାଉଥିବା ସମ୍ବାଦ ଘନ ଘନ ଶୁଣା ଯାଉଥାଏ। ମୁଜାଫରପୁର ଜିଲ୍ଲାସ୍ଥ ସୀତାମାଢ଼ୀର ବିହାରୀ ସବ୍‌ଡ଼ିଭିଜନାଲ୍ ଅଫିସର ବିଦ୍ରୋହ ଦମନ ସକାଶେ ଏକସ୍ଥାନକୁ ଯାଇଥିବା ସମୟରେ ତାଙ୍କୁ ହତ୍ୟା କରାହେଲା। ତାଙ୍କ ପରିବାରଙ୍କ ସକାଶେ ସରକାର ବୃତ୍ତି ବନ୍ଦୋବସ୍ତ କରିଦେଲେ। ପାଟଣାରେ ପ୍ରତ୍ୟହ ଗଣ୍ଡା ଗଣ୍ଡା ବିମାନ ଅନେକ ଘରର ଅଳ୍ପ ଉପରେ ଉଡ଼ି ଉଡ଼ି ଭୀଷଣ ଗର୍ଜନଦ୍ୱାରା ଲୋକଙ୍କ ହୃଦୟରେ ଆତଙ୍କ ସୃଷ୍ଟି କରୁଥାଏ। ଏପରି ଗୋଟିଏ ବିମାନ ଉଠୁଥିବା ସମୟରେ ଛାତ ଉପରେ ଧକ୍କା ବାଜି ତଳେ ପଡ଼ିଗଲା ଓ ତତ୍କ୍ଷଣାତ୍ ଗୋରା ଆରୋହୀଗଣଙ୍କୁ ଉତ୍ୟକ୍ତ ଜନତା ହତ୍ୟା କରିପକାଇଲେ।

ଭାରତବାସୀଙ୍କ ହସ୍ତରେ ଅସ୍ତ୍ରଶସ୍ତ୍ର କିଛି ନ ଥିଲା। ମହାତ୍ମା ଗାନ୍ଧୀ ଶୂନ୍ୟ ହସ୍ତରେ ଇଂରେଜଙ୍କ ବିରୁଦ୍ଧରେ ଅହିଂସାତ୍ମକ ନୈତିକ ଯୁଦ୍ଧ କରିବାକୁ ଦେଶବାସୀଙ୍କୁ ଉଦ୍‌ବୁଦ୍ଧ କରିଥିଲେ। ଏହି ଆନ୍ଦୋଳନ ଫଳରେ ରେଲ ବନ୍ଦ ହୋଇଗଲା। ଡାକ ଯାତାୟତ କଲାନାହିଁ। ସ୍କୁଲ କଲେଜ ବନ୍ଦ ହୋଇଗଲା। ବିଚାରାଳୟକୁ ପକ୍ଷମାନେ ବର୍ଜନ କଲେ। ବଜାରରେ ଜିନିଷପତ୍ର ମିଳିଲା ନାହିଁ । ଯାହା ମିଳିଲା ତାହା ଦୁର୍ମୂଲ୍ୟ ହେଲା । ସରକାରଙ୍କ ଆଇନ୍‌କାନୁନ୍ ପ୍ରତି ଲୋକଙ୍କ ସମ୍ମାନ ହ୍ରାସହେଲା। ଏହା ତ ରାଷ୍ଟ୍ରବିପ୍ଳବ। ଏଥିରେ ଦେଶବାସୀ ମହାତ୍ମାଗାନ୍ଧୀଙ୍କୁ ଅଭିନନ୍ଦନ କରିବାକୁ ଲାଗିଲେ। ୧୯୪୨ ମସିହା ଅଗଷ୍ଟ ୮ ତାରିଖରେ ବମ୍ବେରେ ବସିଥିଲା ନିଖିଳ ଭାରତ କଂଗ୍ରେସ କମିଟିରେ ୱାର୍ଦ୍ଧା କଂଗ୍ରେସ କାର୍ଯ୍ୟକାରୀ କମିଟିର ନିର୍ଦ୍ଧାରଣ ସମର୍ଥିତ ହେବା ପରେ ମହାତ୍ମା ଗାନ୍ଧି ତାହାକୁ ଦେଶରେ କାର୍ଯ୍ୟକାରୀ କରିବା ପୂର୍ବେ ବଡ଼ଲାଟଙ୍କ ସଙ୍ଗେ ସାକ୍ଷାତ୍ କରି ତାହାର ଆଲୋଚନା କରିବେ ବୋଲି ଜଣାଇ ଦେଇଥିଲେ। କିନ୍ତୁ ଏହା କରିବା ପାଇଁ ତାଙ୍କୁ ସମୟ ବା ଅବସର ଦିଆ ନଯାଇ ୯ତାରିଖ ସକାଳେ ତାଙ୍କୁ ଓ ତାଙ୍କ ସହକର୍ମୀଙ୍କୁ ଗ୍ରେଷ୍ତାର କରାଗଲା। ତତ୍ପରେ ଭାରତର ଅନ୍ୟାନ୍ୟ ପ୍ରଦେଶର କଂଗ୍ରେସ ନେତାମାନଙ୍କୁ ସୁଦ୍ଧା ଗ୍ରେଷ୍ତାର କରାଗଲା। କଂଗ୍ରେସ ନେତାମାନେ ନିଖିଳ ଭାରତ କଂଗ୍ରେସ କମିଟି ଦ୍ୱାରା ଗୃହୀତ ଆଇନ ଅମାନ୍ୟ ଆନ୍ଦୋଳନ ଜାରି କରିପାରିଲେ ନାହିଁ । ଏହାର ଉତ୍ତାରେ ଯେଉଁ ଆନ୍ଦୋଳନ ହେଲାନ୍ତ ତାହା କଂଗ୍ରେସ ଦେଶବାସୀଙ୍କ ଦ୍ୱାରା ହେଲାନ୍ତ ଯେହେତୁ ପ୍ରାୟ ସମସ୍ତ କଂଗ୍ରେସ ନେତାମାନେ କାରାରୁଦ୍ଧ ହୋଇ ରହିଲେ । ସରକାର ସାଧାରଣ ସମୟରେ ଆନ୍ଦୋଳନ ଦମନ କରିବା ସକାଶେ ଅବଲମ୍ବିତ ଉପାୟମାନ ଯୁଦ୍ଧ ସମୟରେ ସୁଦ୍ଧା ପ୍ରୟୋଗ କଲେ । ଅଥଚ ଭାରତବାସୀଙ୍କୁ ଯୁଦ୍ଧରେ ସେମାନଙ୍କ ସହିତ ସହଯୋଗ କରିବାକୁ ଭିକ୍ଷାକଲେ। କିନ୍ତୁ ଦେଶବ୍ୟାପୀ ଆନ୍ଦୋଳନ ଫଳରେ ସେମାନଙ୍କ ମନରୁ ସହଯୋଗ-ପ୍ରବଣତା ଦୂର ହୋଇଥିବା ଲକ୍ଷଣ ଚତୁର୍ଦ୍ଦିଗରେ ସ୍ପଷ୍ଟ ଭାବରେ ଦୃଷ୍ଟ ହେଉଥିଲା ।

ପାଟଣାର ଅବସ୍ଥା କ୍ରମେ କ୍ରମେ ଏପରି ହେବାକୁ ଲାଗିଲା ଯେ, ଆଉ ସେଠାରେ ରହିବା ଆମ୍ଭେମାନେ ନିରାପଦ ମନେକଲୁ ନାହିଁ। ଲରୀ ଅଫିସକୁ ଯାଇ ବୁଝି ଆସିଲି ବି.ଏନ୍.ଆର, ପଥରେ କୌଣସି ଗୋଳମାଳ ନାହିଁ ଓ ରାଞ୍ଚି–ଚକ୍ରଧରପୁର ଦେଇ ସମ୍ବଲପୁର ଯାଇହେବ । ତା.୪.୯.୪୨ ଦିନ ପାଟଣା ଛାଡ଼ିବା ଆମ୍ଭେମାନେ ସ୍ଥିର କଲୁ। ପୂର୍ବଦିନ ଜନ୍ମାଷ୍ଟମୀ। ସନ୍ଧ୍ୟାରେ ଡାକ୍ତର ଦୁଖନ୍‌ରାମଙ୍କ ସହିତ ଶ୍ୟାମା ସଙ୍ଗେ ଯାଇ ସାକ୍ଷାତ କଲି। ସେ ତାହା ସକାଶେ ବ୍ୟବସ୍ଥା ପତ୍ର ଲେଖିଦେଲେ ଓ ଘରେ ତାହା ପ୍ରତି କିପରି ଭାବରେ ଯନ୍ତ କରିବାକୁ ହେବ ସେହି ସମ୍ବନ୍ଧରେ ଉପଦେଶ ଦେଲେ। ତତ୍ପରେ ପୂର୍ବପରି ବିଦାୟ ଦୃଶ୍ୟ। ଶ୍ୟାମାକୁ କୋଳରେ ଧରି ପୂର୍ବପରି ସ୍ନେହପୂର୍ଣ୍ଣ କେତେକଥା କହିଲେ। ଦୁଇବର୍ଷ ଧରି ନିଜ ହାତରେ ଶ୍ୟାମାର ଚିକିତ୍ସାକରି ତାହାପ୍ରତି ତାଙ୍କ ଗଭୀର ସ୍ନେହ ଜାତ ହୋଇଯାଇଅଛି । ଏପରିକି ତାକୁ ଛାଡ଼ିବାକୁ ସୁଦ୍ଧା ଇଚ୍ଛା ହେଉନାହିଁ । କହୁ କହୁ ତାଙ୍କ ଚକ୍ଷୁଦ୍ୱୟ ଅଶ୍ରୁପୂର୍ଣ୍ଣ ହୋଇଗଲା। ଚକ୍ଷୁକୁ ରୁମାଲରେ ପୋଛି ପକାଇଲେ। ମୋ ଚକ୍ଷୁରୁ ସୁଦ୍ଧା ଦୁଇ ଟୋପା ଲୁହ ଖସିପଡ଼ିଲା। ଏଡ଼େ ଦେବୋପମ ହୃଦୟବତ୍ତା କେବଳ ଅନୁଭୂତିର ବିଷୟ କଥାରେ ବ୍ୟକ୍ତ କରାଯାଇ ନ ପାରେ। ଘରେ ଶ୍ୟାମା ପ୍ରତି ଅତ୍ୟନ୍ତ ଯତ୍ନ କରିବା ପାଇଁ ମୋତେ ବିଶେଷ ଭାବରେ ଉପଦେଶ ଦେଲେ, ଯେହେତୁ ତାହାର ଚକ୍ଷୁରୋଗ ସମ୍ପୂର୍ଣ୍ଣ ରୂପେ ଭଲହୋଇ ନ ଥିଲା।

ତା,୪.୯.୪୨ ସକାଳେ ଆମ୍ଭେମାନେ ମୋଟର ଲରୀ ଯୋଗେ ପାଟଣା ତ୍ୟାଗକଲୁ ଓ ରାତ୍ରି ପ୍ରାୟ ୨ଟା ବେଳେ ରାଞ୍ଚିରେ ପହଞ୍ଚି ବଡ଼କଷ୍ଟରେ ଲରୀ ଷ୍ଟେସନରେ ରାତ୍ରିଯାପନ କଲୁ। ପରଦିନ ପ୍ରାୟ ୧୨ଟା ବେଳେ ଲରୀରେ ରାଞ୍ଚି ତ୍ୟାଗକରି ସନ୍ଧ୍ୟାରେ ଚକ୍ରଧରପୁରରେ ପହଞ୍ଚିଲୁ ଓ ସେଠାରେ ରାତ୍ରିରେ ରହି ପରଦିନ (୬.୯.୪୨) ସକାଳେ ରେଲରେ ଆସି ଅପରାହ୍ନରେ ସମ୍ବଲପୁରରେ ପହଞ୍ଚିଲୁ। ରେଲରେ ଯାତ୍ରୀ ଭିଡ଼ ଏତେ ଅଧିକ ହୋଇଥିଲା ଯେ, ଆମ୍ଭମାନଙ୍କ ସଙ୍ଗେ ଥିବା ପ୍ରାୟ ସମସ୍ତ ଜିନିଷପତ୍ର ରେଲଗାଡ଼ି ବ୍ରେକ୍ ଭେନ୍‌ରେ ଦେବାକୁ ହୋଇଥିଲା । ଘରକୁ ଆସି ବାକ୍‌ସମାନ ଫିଟାଇ ଦେଖିଲି ତନ୍ମଧ୍ୟରୁ ଅନେକ ଜିନିଷ ଚୋରି ହୋଇଯାଇଅଛି ।

**॥ ଗଡ଼ଜାତ ଭ୍ରମଣ ॥**

ଦୀର୍ଘ ୩୩ ବର୍ଷ ବ୍ୟାପୀ କର୍ମମୟ ଜୀବନର ଅବସାନ ଉତ୍ତାରେ ମୋର ବାଲ୍ୟକାଳର ଶିକ୍ଷାସ୍ଥଳ ଥରେ ଦେଖି ଆସିବା ଆକାଙ୍‌କ୍ଷା ବଳବତୀ ହେଲା । ବଲାଙ୍ଗିରଗାମୀ ବସ୍‌ରେ ତା ୯.୭.୧୯୪୨ ଅପରାହ୍ନ ଗୋଟାକବେଳେ ସମ୍ବଲପୁରରୁ ବାହାରି ସନ୍ଧ୍ୟାରେ ବଲାଙ୍ଗିରରେ ପହଞ୍ଚିଲି। ମୋର ସହାଧାୟୀ ବନ୍ଧୁ ତତ୍କାଳୀନ ପାଟଣା ଷ୍ଟେଟ୍‌ର ରାଜସ୍ୱ ମନ୍ତ୍ରୀ ସମ୍ବଲପୁରବାସୀ ଶ୍ରୀ ଲକ୍ଷ୍ମଣ ସାହାଣୀଙ୍କୁ ମୋର ଆଗମନ ସମ୍ବାଦ ପୂର୍ବରୁ ପତ୍ରଦ୍ୱାରା ଜଣାଇଦେଇଥିଲି । ତାଙ୍କ ଘରେ ଯାଇ ରହିଲି। ତାଙ୍କ ମଧ୍ୟସ୍ଥତାରେ ପାଟଣା ମହାରାଜା ଶ୍ରୀ ରାଜେନ୍ଦ୍ର ନାରାୟଣ ସିଂହଦେଓଙ୍କ ସଙ୍ଗେ ସାକ୍ଷାତ ଲାଭର ସୁଯୋଗ ହୋଇଥିଲା। ୧୯୮୯ରୁ ୧୯୦୨ ସାଲ ପର୍ଯ୍ୟନ୍ତ ମୁଁ ବଲାଙ୍ଗିରରେ ମଧ ଇଂରାଜୀ ସ୍କୁଲର ଛାତ୍ର ଥିବା ସମୟରେ ମୋର ଶିକ୍ଷକ ଶ୍ରୀ ରବିଚନ୍ଦ୍ର ସାଏ ମୋତେ ଦେଖିବାକୁ ଆସିଥିଲା । ୪୦ ବର୍ଷ ପରେ ତାଙ୍କ ସହିତ ଏହି ମୋର ସାକ୍ଷାତ। ବୃଦ୍ଧ ହୋଇଯାଇଅଛନ୍ତି । ମୋତେ ଦେଖି ଆନନ୍ଦ ପ୍ରକାଶ କଲେ । ପୂର୍ବସ୍ମୃତି ଜଡ଼ିତ ଭକ୍ତି ଗଦ୍‌ଗଦ୍ ହୃଦୟରେ ମୁଁ ତାଙ୍କୁ ଅଭିବାଦନ କଲି। ରବିବାକୁ ପାଟଣା ଷ୍ଟେଟ୍‌ର ପ୍ରଥମ ମାଟ୍ରିକ୍ୟୁଲେଟ୍ । ୧୮୯୬ ସାଲରେ ଏଣ୍ଟ୍ରାନ୍ସ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଯେତେବେଳେ ଆସିଲେ, ମହାରାଜା ବଳଗଞ୍ଜନ ସିଂହଦେଓ ତାଙ୍କୁ ହାତୀରେ ବସାଇ ବଲାଙ୍ଗିରରେ ବୁଲାଇଥିଲେ ଓ ମଧ ଇଂରାଜୀ ସ୍କୁଲରେ ଶିକ୍ଷକ କାର୍ଯ୍ୟ ଦେଇଥିଲେ । ରବିବାବୁ ପ୍ରବୀଣ ଶିକ୍ଷକ ଥିଲେ ଓ ଜୀବନବ୍ୟାପୀ ଶିକ୍ଷକତା କରିଥିଲେ। ସେ ଆଉ ଇହ ଜଗତରେ ନାହାଁନ୍ତି ।

(କ୍ରମଶଃ)

# ଭାରତୀୟ ସଂସ୍କୃତିର ଉପାସକ ଫକୀରମୋହନ ଓ ଗଙ୍ଗାଧର

## ପ୍ରଫେସର ମଣୀନ୍ଦ୍ର କୁମାର ମେହେର



ଏହି ଉଭୟ ସାହିତ୍ୟ ସ୍ରଷ୍ଟା ଥିଲେ ଉଚ୍ଚଶିକ୍ଷାରୁ ବଂଚିତ। ପାଶ୍ଚାତ୍ୟ ସାହିତ୍ୟ ଅଧ୍ୟୟନର ସୁଯୋଗ ମଧ୍ୟ ଉଭୟେ ଲାଭ କରିପାରିନଥିଲେ ସତେ ଯେମିତି ଏହି ସୁଯୋଗରୁ ବଂଚିତ ହେବା ଉଭୟଙ୍କ ପାଇଁ ହୋଇଛି ଏକ ଏକ ଦିବ୍ୟ ଆଶୀର୍ବାଦ। ଇଂରାଜୀ ଶିକ୍ଷା ଦୀକ୍ଷାରେ ଶିକ୍ଷିତ ଓ ଦୀକ୍ଷିତ ହୋଇଥିଲେ ମଧ୍ୟ ସେମାନେ ଯେ ନିଜସ୍ୱ ଆତ୍ମାର ଆହ୍ୱାନଠାରୁ ଦୂରବର୍ତ୍ତୀ ହୋଇଯାଇଥାନ୍ତେ ତାହା ନୁହେଁ। ତଥାପି ଏହି ଇଂରାଜୀ ଶିକ୍ଷାର ବଳୟ ମଧ୍ୟକୁ ପ୍ରବେଶ ନ କରିବା ଦ୍ୱାରା ସେମାନେ ପ୍ରତ୍ୟକ୍ଷ ଭାବରେ ଭାରତୀୟ ସଂସ୍କୃତି ସହିତ ଆପଣାର ଜୀବନକୁ ସମ୍ମିଳିତ କରିଦେଇ ପାରିଥିଲେ।

ଫକୀରମୋହନଙ୍କ ପଦ୍ୟ ହେଉ ବା ଗଦ୍ୟ ସର୍ବତ୍ର ଭାରତ ମାଟିର ସୁଗନ୍ଧ ପାଠକମାନେ ଆହରଣ କରିପାରନ୍ତି। ବାଲ୍ୟକାଳରୁ ଖାଂଟି ଭାରତୀୟ ଭାବରେ ଉଭୟେ ଜୀବନ ଅତିବାହିତ କରି ଆସିଛନ୍ତି ଆନ୍ତରିକତା ସହକାରେ। ଗଙ୍ଗାଧରଙ୍କ କାବ୍ୟ କବିତା ହେଉଛି ଯଥାର୍ଥରେ ଭାରତୀୟ ଭାବଧାରା ଉପରେ ପ୍ରତିଷ୍ଠିତ କୀର୍ତ୍ତି। ତାଙ୍କ କାବ୍ୟର ବିଷୟବସ୍ତୁ ପୁରାଣ ଓ ଇତିହାସରୁ ସଂଗୃହୀତ। ଭାରତବର୍ଷର ମହାନାୟକ ଓ ମହାନାୟିକାମାନଙ୍କୁ ଆଧାର କରି ସେ ଚରିତ୍ର ଚିତ୍ରଣର ଅକଳ୍ପନୀୟ ମାଧୁର୍ଯ୍ୟ ପ୍ରକଟ କରିଛନ୍ତି। 'ତପସ୍ୱିନୀ', 'ପ୍ରଣୟବଲ୍ଲରୀ', 'ଇନ୍ଦୁମତୀ', 'କୀଚକ ବଧ', ଆଦି କାବ୍ୟରେ ସୀତା, ରାମଚନ୍ଦ୍ର, ଦୁଷ୍ମନ୍ତ, ଶକୁନ୍ତଳା, ଯୁଧିଷ୍ଠିର ଆଦି ପଂଚଭ୍ରାତା ଓ ଦ୍ରୌପଦୀଙ୍କ ମହନୀୟତା ପ୍ରତିପାଦନ ସେ କରି ଦେଇଛନ୍ତି ବଳିଷ୍ଠ ଭାବରେ। ଫକୀରମୋହନ ମଧ୍ୟ ଏହି ପୌରାଣିକ ଓ ଐତିହାସିକ ସୃଷ୍ଟି ସହିତ ନିଜକୁ ଜଡ଼ିତ କରିଦେଇଛନ୍ତି ଅନୁବାଦ ସାହିତ୍ୟସୃଜନ ମାଧ୍ୟମରେ। ଏହି ପ୍ରାଚୀନ ଭାବାଦର୍ଶଠାରୁ ସେ ପ୍ରେରଣା ଲାଭ କରିଛନ୍ତି ସକଳ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଯେପରି ନିବିଡ଼ ଭାବରେ, ତାହା ହିଁ ତାଙ୍କ ଜୀବନ ଗଠନରେ ନେଇଛି ମୁଖ୍ୟ ଭୂମିକା। ସେହିପରି ସେ କଥା ସାହିତ୍ୟ ସୃଜନ ଧାରାରେ ମଧ୍ୟ ଏହି ଅଧ୍ୟୟନର ସାରମର୍ମ ପ୍ରକଟିତ କରିଦେଇଛନ୍ତି ସାର୍ଥକ ରୂପେ। ଫକୀରମୋହନଙ୍କ ପୂର୍ବରୁ ଓଡ଼ିଶାର କୌଣସି ଲେଖକ ଗ୍ରାମ୍ୟ-ଜୀବନ ଭିତ୍ତିକ ଉପନ୍ୟାସ ସୃଷ୍ଟି କରୁନଥିଲେ। ପବିତ୍ର ଓଡ଼ିଶା ମାଟିର ବୈଭବ ଫକୀରମୋହନଙ୍କ ଗଳ୍ପ ଉପନ୍ୟାସରେ ସ୍ଥାନ ପାଇବା ତେଣୁ ବହୁ ଦୃଷ୍ଟିରୁ ଯେ ଗୁରୁତ୍ୱପୂର୍ଣ୍ଣ ତାହା କାହାକୁ ଅଜଣା ନୁହେଁ। ସେହିପରି ସହରୀ ସଭ୍ୟତା ଓ ସାମାଜିକ ଜୀବନର ଅନେକ ନିଗୂଢ଼ ଦିଗକୁ ସେ ପ୍ରତିଫଳିତ କରିଦେଲେ ତାଙ୍କ ସାହିତ୍ୟରେ।

ଗଙ୍ଗାଧର ଫକୀରମୋହନଙ୍କ ପରି କଥା ସାହିତ୍ୟର କୋଣାର୍କ ନିର୍ମାଣ କରିନାହାନ୍ତି ତଥାପି ତାଙ୍କ କାବ୍ୟ କବିତାରେ ତତ୍କାଳୀନ ସମାଜ ଓ ଅତୀତର ଆଦର୍ଶ ଫୁଟି ଉଠିଛି। ଭାରତୀୟ ସଂସ୍କୃତିର ଆତ୍ମିକ ସ୍ପନ୍ଦନ ସହିତ ଫକୀରମୋହନ ଓ ଗଙ୍ଗାଧର ଉଭୟେ ସୁଗଭୀର ଭାବରେ ସଂଶ୍ଳିଷ୍ଟ। ତ୍ୟାଗ, ତିତିକ୍ଷା, ଆତ୍ମୋତ୍ସର୍ଗ, କ୍ଷମା, କୃତଜ୍ଞତା ଆଦି ଭାବ ସକଳ ସହିତ ନିଜକୁ ସଂଲଗ୍ନ କରି ରଖିବାର ଏ ଉଭୟଙ୍କ କୀର୍ତ୍ତିର ଏକ ଏକ ମହାନ୍ ଦିଗ। ସେହିପରି ମଣିଷ ଭିତରେ ଥିବା ଯେତେକ ମନ୍ଦ ଗୁଣ ତା'ର ଖୋଳପା ବୋଲି ହୃଦୟଙ୍ଗମ କରିଛନ୍ତି ସେମାନେ। ସେଥିପାଇଁ ଗଙ୍ଗାଧର ଆଦର୍ଶ ଚରିତ୍ର ଚିତ୍ରଣରେ ନିଜକୁ ନିୟୋଜିତ କରିଥିବାବେଳେ ଫକୀରମୋହନ ବାସ୍ତବତା ମଧ୍ୟରେ ଅନ୍ୱେଷଣ କରିଛନ୍ତି ଆଦର୍ଶ ଭାବାବେଗରେ। ଏହି କାରଣରୁ ତ 'ମାମୁଁ' ଉପନ୍ୟାସର ଖଳନାୟକ ନାଜର ନଟବର ଦାସ ପଶ୍ଚାତାପର ଅଶ୍ରୁରେ ହୋଇଛନ୍ତି ପରିପ୍ଳାବିତ।

ଫକୀରମୋହନ ଓ ଗଙ୍ଗାଧର ଉଭୟଙ୍କ ମଣିଷ ପ୍ରତି ଶୁଭ ବିଶ୍ୱାସ ଥିଲା ସ୍ୱଚ୍ଛ ଓ ନିର୍ମଳ। ସେଇ କାରଣରୁ ମଣିଷ ହୃଦୟର ଶାନ୍ତି, ସରଳତା ଓ ସମ୍ବେଦନଶୀଳତାକୁ ଯଥାର୍ଥ ଭାବରେ ଚିହ୍ନଟ କରିପାରିଥିଲେ ଦୁଇଜଣ। ମଣିଷ ଯେ ଅମୃତର ସନ୍ତାନ ଏହା ଗଙ୍ଗାଧର ଗାନ କରିଛନ୍ତତି 'ମଧୁମୟ' ଓ 'ଅମୃତମୟ' କବିତା ଦୁଇଟିରେ। ଫକୀରମୋହନଙ୍କ ମଧ୍ୟ ସେହି ଆସ୍ଥାଶୀଳତା ଅନେକତ୍ର ପ୍ରକଟିତ ହୋଇଯାଇଛି ମାର୍ମିକ ଭାବରେ। ଜଟିଳତାକୁ ନୁହେଁ ସରଳତାକୁ ଫକୀରମୋହନ କେତେ ଭଲପାଉଥିଲେ ତାହାର ଶ୍ରେଷ୍ଠ ଦୃଷ୍ଟାନ୍ତ 'ରେବତୀ' ଚରିତ୍ର। ରେବତୀ ଓ ବାସୁଦେବଙ୍କ ନୀରବ ପ୍ରେମ ଯେପରି ରୂପାୟିତ ତା ସହିତ ଗଙ୍ଗାଧରଙ୍କ କାବ୍ୟ ବର୍ଣ୍ଣିତ ନାୟକ ନାୟିକାଙ୍କ ପ୍ରେମକୁ ତୁଳନା କରାଯାଇପାରେ। 'ପ୍ରଣୟ ବଲ୍ଲରୀ' କାବ୍ୟ ରଚନା ସମୟରେ ଗଙ୍ଗାଧର 'ଶକୁନ୍ତଳା' ଚରିତ୍ରକୁ ଯେପରି 'ସରଳ ହୃଦୟା' ଓ 'ପ୍ରଣୟ ମୁଗ୍ଧା' କରି ଗଢ଼ି ତୋଳିଛନ୍ତି ସେହି ସାରଲ୍ୟର ଦ୍ୟୁତି ସମୁଜ୍ଜଳ ହୋଇଉଠିଛି 'ରେବତୀ'ର ହୃଦୟରେ।

ଭାରତୀୟ ଜୀବନାଦର୍ଶର ପ୍ରତୀକ ହେଉଛନ୍ତି ଫକୀରମୋହନ ଓ ଗଙ୍ଗାଧର ଉଭୟଙ୍କ ଜୀବନ ଯାପନ ଶୈଳୀରେ ସେହି ଆଦର୍ଶର ପ୍ରସ୍ଫୁଟନ ଘଟିଛି ବିଭିନ୍ନ ସମୟରେ। ଗଙ୍ଗାଧର ପ୍ରତିଦିନ ଭଗବତ୍ ଗୀତା ପାଠ କରୁଥିଲେ। ଫକୀରମୋହନଙ୍କ ଏହି ପବିତ୍ର ଗ୍ରନ୍ଥ ପ୍ରତି ରହିଥିଲା ଭକ୍ତିପୂତ ଆକର୍ଷଣ। ଉଭୟେ ଜୀବନର ନାନା ସୁଖଦୁଃଖର ସମ୍ମୁଖୀନ ହୋଇଛନ୍ତି। କିନ୍ତୁ ସମଗ୍ର ଜୀବନ ବିତାଇଛନ୍ତି ସ୍ଥିତପ୍ରଜ୍ଞ ଚିତ୍ତରେ। ଏହା ହିଁ ଭାରତୀୟ ସଂସ୍କୃତିର ଯଥାର୍ଥ ଆରାଧନା, ଏଥିରେ ସନ୍ଦେହ ନାହିଁ।


♥ ସ୍ନାତକୋତ୍ତର ଭାଷା ଓ ସାହିତ୍ୟ ବିଭାଗ
ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର


## ଆମ ସମୟର କବିତା.....

### ॥ ଅଳସ ସଂଜର ରାଗ ॥

**ଉମାକାନ୍ତ ମହାପାତ୍ର**



ନଈକୂଳ ପବନରେ ଅମୃତର ରାଗ
ପ୍ରଣୟ ବିଧୁର ମନ ମିଠା ଅନୁରାଗ
ସରମୀଲତାର ଛାତି କରାଟରେ ଶଙ୍କା
ମେଘର ପଣତେ ଝୁଲେ ତୁଷାର ଚନ୍ଦ୍ରିକା...

ବାସନ୍ତୀ ରାତିରେ ଦେଖି ରକତ ଗୋଲାପ
ଅଳସ ଆତୁର ଓଠେ ବଢେ ରକ୍ତଚାପ
ଉଷୁମ ଧାରାରେ ଭରି କଦମ୍ବ ରୋମାଞ୍ଚ
ପାଣିର ଖରାରେ ଖୋଷ ଆପଣାର କୁଞ୍ଚ...

ନୀଳ ଆକାଶରେ ତୁମେ ବଉଦର ତରୀ
କନକ ଖିଆଲି ମନ ଚଞ୍ଚଳ ଚାତୁରୀ
ଆଖିରେ ମିଟିକା ମାରି କୁହୁକ ଆଚରି
ଖସି ଚାଲିଯାଅ ଧୀରେ ମନ ଚୋରି କରି...

ପଲକରେ ବୁଣି ତୁମେ ପ୍ରୀତି ଅପାସୋରା
ଜୀବନରେ ଲୋଭଦିଅ ମରଣରେ ପରା...


ସଂପାଦକ : ଶ୍ରୀପର୍ଣ୍ଣା,
ଉଦୟରାଗ କମ୍ପ୍ଲେକ୍ସ
ସିପସରୁବାଲି, ବଳିଆପଣ୍ଡା,
ପୁରୀ - ୭୫୨୦୦୧,
(ମୋ) ୯୨୩୮୫୯୨୪୯୨.


### ॥ ଜମାବି ମନେ ପଡୁନା ॥

**ନିହାରିକା ରାୟ ବରାଳ**



ତୁ ଜମାବି ମନେ ପଡୁନା
ମୋ ହଜିଲା ଅତୀତର ଏନ୍ତୁଡ଼ିଶାଳରେ
ବିଳମ୍ବିତ ରାତିର ଶେଷପ୍ରହରରେ
କବିତା ଲେଖାବେଳେ
ଟ୍ରେନରେ ଦୂର ଯାତ୍ରାରେ
ଏକୁଟିଆ ବସିଥିବା କେଉଁ ଟୁରିଷ୍ଟ ସେଣ୍ଟରର
ନିରୋଳା ପ୍ରକୃତିରେ
ମୋ ଶବ୍ଦର ନିଶବ୍ଦରେ
ଅବା ଚୁପ ହୋଇଯାଇଥିବା
ତାନପୁରାର ତାରରେ।

ତୁ ଜମାବି ମନେ ପଡୁନା
ମୋ ଘର ସଂସାରର ବୋଝରେ
ମୋ ଫୋନର ୱାର୍ଡସପରେ
ତୋର ଶେଷସୀନକୁ ଦେଖୁ ଦେଖୁ
ଉଦବିଗ୍ନ ହୋଇଯାଏ ମନ
ଆଜି ଜମାବି ଅନଲାଇନ
ନାହୁଁ କାହିଁ କେତେବେଳୁ
ଟିଭି କି ରେଡ଼ିଓରୁ ଗୀତଟିଏ ଶୁଣୁଶୁଣୁ
ଅନ୍ୟମନସ୍କ ଭାବେ ଭୁଲି ଯାଏ ଡାଲିରେ ଲୁଣ
ପକାଇବାକୁ କି ଚା'ରେ
ଚିନି ବଦଳରେ ଆଉ କିଛି
କେବେକେବେ ଗ୍ୟାସର ସୁଇଚ୍‌କୁ
ସିମ ଜାଗାରେ ହାଇ କରିଦିଏ।

ତୁ ଜମାବି ମନେପଡୁନା
ମୁଁ ସଜେଇହେଇ ନିଜକୁ
ଆଇନରେ ଦେଖିଲାବେଳେ
କାହା ପାଇଁ ଏତେ ସାଜସଜା
ନିଜକୁ ପ୍ରଶ୍ନ କଲାବେଳେ
କେବେ ନିଜ ଲୁହକୁ
କୋହ ସହ ଫେଣ୍ଟିଲା ବେଳେ
ଅବା ଧୁମ୍ ବର୍ଷାରେ ବିଜୁଳି,
ଘଡଘଡିର ରଡି ଶୁଣିଲାବେଳେ
ମୋ ଝର୍କାରେ ଫଗୁଣର
ମୃଦୁ ଗୁଂଜରଣ ଦସ୍ତକ ଦେଲାବେଳେ
ଟିପି ଟିପି କାକର ବିନ୍ଦୁ ସବୁ
ମନର ଘାସ ଗାଲିଚାରେ
ଅସ୍ଥାନମାଡି ବସିଥିଲାବେଳେ
ତୁ ଜମାବି ମନେ ପଡୁନା ।


♥ ଅନୁରାଗ
ବି/୧୦, ପ୍ରତିଭା ଏନକ୍ଲେଭ
ବିଜେବି ନଗର, ଭୁବନେଶ୍ୱର


### ॥ ଖରାବେଳ ॥

**ପୂର୍ଣ୍ଣଚନ୍ଦ୍ର ମହାରଣା**



କେହିନାଇଁ
ଆସ ଆସ !
ସଇନା ତୋଟା ତଳୁ
ସାଉଁଟିବା ଛାଇ ।
ଏଇକ୍ଷିଣା ଖାଁ ଖାଁ ଖରାବେଳ
ଦିନ ଦି'ପହର
ଜାଣେ ପରା !
ତମେ ହସିଲେ କୃଷ୍ଣଚୂଡ଼ା
ରାଗିଲେ ଶିମିଳି ଫୁଲ ।


♥ ବାଳକାଟୀ, ଖୋର୍ଦ୍ଧା- ୭୫୨୧୦୦




**ଡ.ମମତା ପ୍ରିୟଦର୍ଶିନୀ ସାହୁ**

### ॥ ସୁନ୍ଦରଗଡ -୪ ॥

'ଦେମୂଲ୍ ପୂଜା ' .......
ସତରେ ମନ ଝୁରୁଛି
ଖୁବ୍ ଆକ୍ତାମାକ୍ତା ହୋଇ ,
'ଗାଁ କାଲୋ' ପେରେମ୍ କାଲୋ ଅଛି
ହେଲେ ଗାଁ ଦେମୂଲ କାଇଁ ?
ପ୍ରତି ବାହାଘର , ପୂଜା ପୂନିଅ
ସବୁଥିରେ ସେ ଥିଲେ
ସର୍ବାଗ୍ରେ ପୂଜିତ,
ଗାଁ ଯତ୍ରା ବି ହୁଏସେଇ ପାଖରେ।
ବଡ଼ ବଡ଼ ଦୁଇଟା ଜାମ୍ ଆଉ କୁସମ୍
ତା ସାଙ୍ଗକୁ ଆଉ ଗୋଟେ
ସେମେଲ୍ ଗଛ,
ଭାରି ଡର ମାଡେ
ଯେବେ ଯେବେ ଜେଜେ କହିଛନ୍ତି
ସେଠି ରୁହେ ' ରାକସ୍‌ବୁଢା ' ।
ସେ କୁଆଡେ ଗାଁ ଜଗେ
ସଭିଙ୍କ ମଙ୍ଗଳ କରେ
ହେଲେ ଏ ମନ ଥରଥରେଇ ଯାଏ ।
ପୂଜା ଦିନ ବଳି ପଡେ
ସେତକ ଥାଏ ପ୍ରସାଦ ଭକ୍ତଙ୍କ ପାଇଁ,
ପିଲାବେଳୁ ଏଇ ଚିନ୍ତା
'ମା କଣ ସନ୍ତାନ ରକ୍ତ ଚାହେଁ?'
ହେଲେ କିଏ ଦୂର କରିବ
ଏ ସରଳ ନିରୀହଙ୍କ ଅନ୍ଧବିଶ୍ୱାସ।
ଆଜି ବି ଅଛି ସେତକ ପରଂପରା
କିଛି ବଦଳିନି
ଖାଲି ଯା ବଦଳିଛି
ମୋର ସେଇ ପିଲାଦିନ ଗାଁ
କୁଦର୍ ଜମି, ମୋ ଖେଳ ପଡିଆ
ନଦୀ ପଠା, ଦେମୂଲ୍ ପୂଜା ...


♥ (ମୋ)୯୩୩୭୦୬୭୧୮୬


### ॥ ନିଆଁର କିଛି ପ୍ରତିଶବ୍ଦ ॥

**ସୁଶୀଲ କୁମାର ପାଣିଗ୍ରାହୀ**



ନିଆଁକୁ ମନରେ
ରଖିପାର...
ଆଖିରେ ବି ନିଆଁକୁ ଟିକେ
ଜାଗା ଦିଆଯାଇ ପାରିବ, ଦେଇପାର...
ଆମେ ତ ଜାଣୁ
ନିଃଶ୍ୱାସରୁ ନିଆଁ ଝରିବା କଥା
ନିଆଁକୁ ହସରେ ଧରି ରଖିବା ବି
ଗୋଟିଏ କଳା, ବହୁତ ପୁରୁଣା
କ୍ରୋଧ ଯେ ନିଆଁରେ ଗଢ଼ା
କାହାକୁ ବା ଅଜଣା
ଦିନେ ଆମେ ଜାଣୁ
ପତଙ୍ଗ କାହିଁକି
ଏତେ ଖୋଜେ ନିଆଁ!
ଛାରଖାର ହୁଏ ବି ମହୁଘର!!

ଯେବେ ପାଖରେ କୋଉଠି
ନିଆଁ ଅଛି ତ
ଜରୁର୍ ଥାଏ ଲାଖର ଘର
ସମୟ ଶତ୍ରୁ ହେଲେ
ଏ ବିପଦ ଅଧିକ।
ଶାନ୍ତିରେ ଚିରନିଦ୍ରା ଲାଗି
ନିଆଁ ପଡ଼ିବ ଲୋଡ଼ା
ନିଆଁଠୁ କିଏ ବା ଅଛି ଦୂର ?
ହେଲେ ହୃଦୟଠୁ ନିଆଁକୁ
ଟିକେ ଦୂରରେ ରଖ
ଯେଣୁ ହୃଦୟରେ ଥାଏ
ସବୁଠୁ ମୂଲ୍ୟବାନ ଅତି କୋମଳ ପ୍ରେମ।


♥ ପ୍ଲଟ ନଂ-୨୦୩
କଲ୍ୟାଣୀ ରେସିଡେନସି
ଫାର୍ମ ରୋଡ଼
ମୁଦିପଡ଼ା, ସମ୍ବଲପୁର-୨


### ॥ ନିଜର ଦୁଃଖ ॥

**ଡକ୍ଟର ଶ୍ରୀହରି ଧଳ**



ଉଜ୍ଜଳ ଆଲୁଅ ଭିଡ଼ରେ
ଅନ୍ଧ ହେଲାବେଳକୁ,
କିଏ ହାତଧରି ବାଟଚାଲେ,
ଖୁବ୍ ନିଜର ଛୁଆଁ।
କେବେଠୁ ଚିହ୍ନ ଜଣା..
ମଣିଷଟି ପରି ଲାଗେ।

ଚିହ୍ନେ ନିଜର ଦୁଃଖ।
ରକ୍ତ ଶୀରାରେ ପହଁରୁଥାଏ-
ଆତ୍ମିୟତା ଚିହ୍ନୋଉଥାଏ
ଅନ୍ଧାରର ଗଭୀରତା।
କେମିତି ନିଆଁରେ ପାଦ ଥାପିଲେ-
ଫୋଟକାରେ-
ଦିଶେ କଷ୍ଟର କବିତା।
ସ୍ୱାର୍ଥର ବଲ୍‌ଗା ପିଠିରେ ସୁଖ ମୁହଁ।
ଧାଉଁଥିଲାବେଳେ ସେମାନେ-
ମୁଁ ଅଟକି ଗଲିତ-
ଭଂଗା ବିଶ୍ୱାସ ସାଥୀରେ..
କିଏ ଉଠେଇ ନେଲା ଦାଣ୍ଡ ମଝିରେ ।

ଓଠରେ ଉଠେଇନେଲା
ପାଦରୁ କନ୍‌ଟା,
ଛାତିରୁ କ୍ଷତ।
ବୁଝିଲି,
ନିଜର ବୋଲି କେହି-
ଛାଇ ପରି ବାଟଚାଲେ- ଦୁଃଖ।


♥ ଡାଉଁତରା, କପାସି, ଚିତାଲୋ
ଯାଜପୁର
ମୋ: ୮୧୧୭୦୮୧୯୦୬

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର, ରବିବାର, ୧୬ ଅପ୍ରେଲ ୨୦୨୩




## ପ୍ରେମରେ ପ୍ରେମରେ ଗୀତି ....( ୫ )



### ॥ ଜଳିବାର ଅନୁଭବ ॥

ନିତି ମୁଁ ମରୁଛି ନିତି ମୁଁ ଜିଉଛି
ତୁମରି ପ୍ରେମରେ ସଖୀ !
ତୁମେ କି ବୁଝିବ ଝାସ ଦିଏ କାହିଁ
ପତଙ୍ଗ ଅନଳ ଦେଖି ।

ଦେଖିଛ କି କେବେ ପତଙ୍ଗର ସେଇ
ଜଳିବାର ଅନୁଭବ,
ହୁଏତ ସକଳ ଜାଳିବାର ଦୁଃଖ
କିଛି କିଛି ବୁଝିଥିବ,
ତୁମେ ତ ନିଥର ମାଟି ଦୀପଟିଏ
ସେତକ ବି ନାହିଁ ଦେଖି ।

କେଉଁ ଜନମରେ କାଳେ କେତେ ବେଳେ
ତୁମ ପ୍ରେମ ଥିବ ଲେଖା,
ଯେଥିପାଇଁ ଗୋରୀ ମରି ମୁଁ ଜିଉଛି
କାଳେ ହୋଇଯିବ ଦେଖା,
ଗୋଟିଏ ଜନ୍ମରେ ସାତ ଜନମର
ଅନୁଭବ ଅଛି ଚାଖି ।

■ ବିପିନ ମହାନ୍ତି



♥ ୩୩, ଗଡ ମହାବୀର ବିହାର, ଗ୍ୟାରେଜ ଛକ, ଭୁବନେଶ୍ୱର-୨
(ମୋ) ୯୮୬୧୧୪୪୯୯୧

## ଦୃଷ୍ଟିକୋଣ - ୫

## ବ୍ୟୟବହୁଳ ପ୍ରତିମୂର୍ତ୍ତି ସ୍ଥାପନ କ'ଣ ଏକାନ୍ତ ଜରୁରି ?

କାଳୀପଦ ପଣ୍ଡା



ସ୍ୱାଧୀନତା ପରେ ଆମଦେଶ ଭାରତବର୍ଷରେ ଦିନକୁ ଦିନ ପ୍ରତିମୂର୍ତ୍ତି ସ୍ଥାପନର ପ୍ରାବଲ୍ୟ ଖୁବ୍ ଜାୟାବିସ୍ତାର କରିବାରେ ଲାଗିଛି । ତାହା କେନ୍ଦ୍ରଠାରୁ ଆରମ୍ଭକରି ରାଜ୍ୟ, ଜିଲ୍ଲା ପର୍ଯ୍ୟନ୍ତ, ଗ୍ରାମାଞ୍ଚଳ ସହରାଞ୍ଚଳ ପର୍ଯ୍ୟନ୍ତ ସବୁ ସ୍ଥାନରେ ସତେଅବା ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ମନେକରି ଏ ଦିଗରେ ହଜାର ହଜାର କୋଟି ଟଙ୍କା ବିନିଯୋଗ କରାଯାଉଛି । ମନେହେଉଛି, ଏହି ପ୍ରତିମୂର୍ତ୍ତି ସ୍ଥାପନ ଭାରତୀୟ ଗଣତନ୍ତ୍ର ଶାସନର ଏକ ପ୍ରମୁଖ ବିଷୟ । ଦେଶ ଏହି ପ୍ରତିମୂର୍ତ୍ତି ସ୍ଥାପନର ପ୍ରତିଯୋଗିତାରେ ସାମିଲ ହୋଇ କିଏ କେତେ ଉଚ୍ଚତାସମ୍ପନ୍ନ ଏବଂ ଆକର୍ଷଣୀୟ ବ୍ୟବସ୍ଥା ମଧ୍ୟରେ ମୂର୍ତ୍ତିଗୁଡ଼ିକ ସ୍ଥାପନ କରି ଲୋକଙ୍କର ଦୃଷ୍ଟିଆକର୍ଷଣ କରିବେ ସେ ଦିଗରେ ରୀତିମତ ପ୍ରତିଯୋଗିତା ଦେଖାଯାଉଛି । ସାଧାରଣ ଜନତା ଏହି ବୃହଦାକାୟ ବିଶାଳ ପ୍ରତିମୂର୍ତ୍ତି ଦର୍ଶନରେ କେଉଁ ଆନନ୍ଦ ବା ଉପକାର ପାଏ ସେ ତାହା ସାମ୍ପ୍ରତିକ ସ୍ଥିତିରେ ଚିନ୍ତା କରିବାର ସମୟ ଆସିଛି ।

ଆର୍ଯ୍ୟାବର୍ତ୍ତ ଭାରତବର୍ଷରେ ମୁଖ୍ୟତଃ ଦେବଦେବୀଙ୍କ ମନ୍ଦିରରେ ଠାକୁରମାନଙ୍କର ପ୍ରତିମୂର୍ତ୍ତି ସ୍ଥାପନ କରି ସେହି ଦେବଦେବୀଙ୍କୁ ପୂଜାର୍ଚ୍ଚନା ପୂର୍ବକ ଲୋକଙ୍କର ହୁଏତ ଭକ୍ତିଭାବ ଜାତ ହେବା ପାଇଁ ଦୁଇଶହବର୍ଷ ଧରି ମନ୍ଦିରମାନ ଗଢ଼ି ଆସିଛି । କିନ୍ତୁ ଦେଶର ବିବିଧ କ୍ଷେତ୍ରରେ ନିଜର ଅବଦାନ ରଖୁଥିବା ବରପୁତ୍ରମାନଙ୍କୁ ଭବିଷ୍ୟତ ପିଢ଼ିକୁ ପରିଚିତ କରାଇବା ଉଦ୍ଦେଶ୍ୟରେ ସେମାନଙ୍କର ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ନିର୍ମାଣ କରି ତା'ର ଚତୁଃପାର୍ଶ୍ୱରେ ଆଲୋକସଜ୍ଜା ଠାରୁ ନାନା ଆମୋଦପ୍ରମୋଦଧର୍ମୀ ବ୍ୟବସ୍ଥାମାନ ଗ୍ରହଣ କରାଯିବାର ଯେଉଁ ଧାରା ଆରମ୍ଭ ହୋଇଛି ତାହା ଅଧୁନାତନ ଏକବିଂଶ ଶତାବ୍ଦୀର ଜଗତୀକରଣ ସମୟରେ ସମସ୍ତଙ୍କୁ ଭାବିବାକୁ ଅନେକ ପରିମାଣରେ ବାଧ୍ୟ କରାଉଛି । ଜଣେ ବ୍ୟକ୍ତିର ଅବଦାନକୁ ତା'ର ବିଶାଳକାୟ ପ୍ରତିମୂର୍ତ୍ତି ଦର୍ଶନରୁ ଯେ ପରପିଢ଼ି ବିଶେଷ ଅବଗତ ହେବେ ତାହା କାହିଁକି ପ୍ରଣିଧାନଯୋଗ୍ୟ ମନେହୁଏନା । ବରଂ ସେହି ବ୍ୟକ୍ତିର କୃତି ଓ କୀର୍ତ୍ତିକୁ ଯଥାସମ୍ଭବ ବିବିଧ ଆଞ୍ଚଳିକ ଭାଷା ସମେତ ଜାତୀୟଭାଷା ଓ ବିଦେଶୀ ଭାଷାରେ ଯଦି ଆମେ ଲେଖିକରି ପ୍ରକାଶକରୁ ମୋର ମନେହୁଏ ସେହି ବ୍ୟକ୍ତିଙ୍କର ପ୍ରତିଷ୍ଠା କ୍ରମଶଃ ପିଢ଼ି ପରେ ପିଢ଼ିକୁ ସଂକ୍ରମିତ ହେବ । ପୁନଃଶ୍ଚ ଛକବଜାରମାନଙ୍କରେ ଯେଉଁଭଳି ମୂର୍ତ୍ତି ପ୍ରତିଷ୍ଠାର ପ୍ରାବଲ୍ୟ ତହିଁରେ ସେହି ମୂର୍ତ୍ତିମାନେ ଖରା, ବର୍ଷା, ଶୀତ, କାକର ଖାଇ ସତେଅବା ମୂକ ବଧିର ସମ ଛିଡ଼ାହୋଇ ରହିଥା'ନ୍ତି ପରିବର୍ତ୍ତିତ ସମାଜଜୀବନକୁ ଅବଲୋକନ କରିବା ପାଇଁ ? ହଁ, ଗୋଟିଏ ଭୂଖଣ୍ଡର ବା ଏକ ଏକ ଅଞ୍ଚଳର ଜାତୀୟ ଜୀବନକୁ ଅବଦାନ ରଖୁଥିବା ତ୍ୟାଗ ଓ ବଳିଦାନ ଦେଇଥିବା ସଂଗ୍ରାମୀ ସୁସନ୍ତାନମାନଙ୍କର ଯଦିଓ ପ୍ରତିମୂର୍ତ୍ତି ସ୍ଥାପନ ଏକ ମହତ କାର୍ଯ୍ୟ ମାତ୍ର ତାହା ଯେ ଗ୍ରାମାଞ୍ଚଳ ଠାରୁ ସହରାଞ୍ଚଳ ଅସଂଖ୍ୟ ପରିମାଣରେ କରାଯିବ, ତାହା କାହିଁକି ବିଶେଷ ପ୍ରାସଙ୍ଗିକ ମନେହୁଏନା । ପ୍ରତ୍ୟେକ ଜିଲ୍ଲା, ରାଜ୍ୟ ଓ କେନ୍ଦ୍ରରେ ସାଂସ୍କୃତିକ ବିଭାଗ ରହିଛି । ମ୍ୟୁଜିୟମ୍, ସଭାଗୃହ ଓ ସରକାରୀ ଦପ୍ତରମାନଙ୍କରେ ଯଦି ସେମାନଙ୍କର ପ୍ରତିମୂର୍ତ୍ତି ରଖାଯାଏ ତାହାକୁ ଯେଉଁ ପରପିଢ଼ି ଆସିବେ ସେମାନେ ସେଠାରେ ଦେଖି ଜାଣିବାରେ କୌଣସି ଅସୁବିଧା ନାହିଁ । ଅଥଚ ସ୍ୱର୍ଗବାସୀ ଦେଶର ସନ୍ତାନମାନଙ୍କୁ ଛକବଜାରରେ ଟ୍ରାଫିକ୍‌ପୋଷ୍ଟମାନଙ୍କରେ ଛିଡ଼ା କରାଇ ଆମେ କିଭଳି ବାର୍ତ୍ତା ଦେଉଛୁ ତାହା ବି ବିଚାର୍ଯ୍ୟର ବିଷୟ ।

ଏଠାରେ ଓଡ଼ିଆ ଜାତୀୟଜୀବନ ଦୃଷ୍ଟିରୁ ସ୍ମରଣ କରାଯାଇପାରେ ଯେ, ବ୍ୟାସକବି ଫକୀରମୋହନ ସେନାପତି ତାଙ୍କ ଜୀବଦ୍ଦଶାରେ ତାଙ୍କ ପ୍ରିୟ ଶାନ୍ତିକାନନ ଉଦ୍ୟାନ ପରିସରରେ ନିଜେ ଛିଡ଼ାହୋଇ ବାଲେଶ୍ୱର ଜିଲ୍ଲାସ୍କୁଲ୍‌ର ଡ୍ରଇଂଶିକ୍ଷକଙ୍କୁ ଡକାଇ ନିଜର ଏକ ପୂର୍ଣ୍ଣାଅବୟବ ପ୍ରତିମୂର୍ତ୍ତି ପ୍ରତିଷ୍ଠା କରିଥିଲେ । ମାତ୍ର ସେହି ପ୍ରତିମୂର୍ତ୍ତି ମଧ୍ୟ ତାଙ୍କ ମୃତ୍ୟୁର ପାଞ୍ଚଦଶନ୍ଧିରୁ ଊର୍ଦ୍ଧ୍ୱକାଳ ଘଞ୍ଚଜଙ୍ଗଲ ପରିବେଷ୍ଟିତ ହୋଇ ରହିଥିଲା । ସେହି ପ୍ରତିମୂର୍ତ୍ତି ଦେହରେ ମାଂସ କଟାଯାଉଥିଲା । ବହୁବର୍ଷ ପରେ ଡକ୍ଟର ମହତାବ ଓ ଅନ୍ୟ କେତେକ ମହାନ ବ୍ୟକ୍ତି ଏହି ପରିତ୍ୟକ୍ତ ସ୍ଥାନରୁ ତାଙ୍କର ପ୍ରତିମୂର୍ତ୍ତିକୁ ସର୍ବସାଧାରଣ ଦର୍ଶନ କରିବା ପାଇଁ ପରିଷ୍କାର ପରିଚ୍ଛନ୍ନ କରି ତା'ର ସୁରକ୍ଷା ଦିଗରେ ଆଗେଇ ଆସିଥିଲେ । ଜଣେ ମହାନ ବ୍ୟକ୍ତି ତାଙ୍କର ଜୀବଦ୍ଦଶାରେ ନିଜର ପ୍ରତିମୂର୍ତ୍ତି ସ୍ଥାପନ କରି ସେ ଏ ଜାତୀୟ ଜୀବନକୁ କେଉଁ ବାର୍ତ୍ତା ଦେବାକୁ ଚାହିଁଥିଲେ, ତାହା ତ ଆଜି ବି ଗବେଷଣାସାଧ୍ୟ । ଏବେଏବେ ଭାରତସରକାର ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ବିଶାଳ, ସୁଉଚ୍ଚ ପ୍ରତିମୂର୍ତ୍ତି ସ୍ଥାପନ କରି ବିଶ୍ୱବାସୀଙ୍କୁ ଆକର୍ଷିତ କରିଥିଲା ବେଳେ ଚଳିତମାସ (ଅପ୍ରେଲ୍ ୧୪)ତାରିଖରେ ଭାରତୀୟ ସମ୍ବିଧାନର ପ୍ରଣେତା ବାବାସାହେବ ଆମ୍ବେଦକରଙ୍କ ୧୨୫ଫୁଟ୍‌ର ପ୍ରତିମୂର୍ତ୍ତି ହାଇଦ୍ରାବାଦ୍‌ଠାରେ ଉନ୍ମୋଚନ ହୋଇଛି । ଏହା ଆମ୍ବେଦ୍‌କରଙ୍କ ସବୁଠୁ ଉଚ୍ଚତମ ମୂର୍ତ୍ତି । ଯେଉଁଥିରେ ୩୫ହଜାର ଲୋକ ଯୋଗ ଦେଇଥିଲେ, ୭୫୦ସରକାରୀ ବସ୍ ଲୋକଙ୍କୁ ଆଣିଥିଲା । ଆମ ରାଜ୍ୟ ଓଡ଼ିଶାରେ ଆମ ପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମହୋଦୟ ଦୀର୍ଘ ୨୫ବର୍ଷ ଧରି ନିରବଚ୍ଛିନ୍ନ ଶାସନ କରୁଥିବାରୁ ତାଙ୍କର ପୂଜ୍ୟପିତା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ତ ଏବେ ଓଡ଼ିଶାର ପ୍ରତିଟି କୋଣଅନୁକୋଣରେ ସ୍ଥାପିତ ହୋଇସାରିଲାଣି । ଉତ୍ତରପ୍ରଦେଶଠାରୁ ଆରମ୍ଭକରି ଦେଶର ସବୁ ରାଜ୍ୟମାନଙ୍କରେ ଶାସନକଳରେ ଥିବା ଦଳ ଓ ବିରୋଧିଦଳ ନିଜନିଜକୁ ସୁହାଇଲା ଭଳି ସ୍ୱାଧୀନତାସଂଗ୍ରାମଠାରୁ ଆରମ୍ଭକରି ଶିକ୍ଷା, ସାହିତ୍ୟ, ସଂସ୍କୃତି, କଳା ଆଦି ବିବିଧ କ୍ଷେତ୍ରର ମହାନ ଭାରତୀୟମାନଙ୍କର ପ୍ରତିମୂର୍ତ୍ତି ସ୍ଥାପନରେ ଏକରକମ ପ୍ରତିଯୋଗିତାରେ ଲାଗିପଡ଼ିଛନ୍ତି ।

ଏଠାରେ ସାଧାରଣରେ ପ୍ରଶ୍ନଉଠେ ଯେ, ଏହି ପ୍ରତିମୂର୍ତ୍ତି ସ୍ଥାପନ ଗୋଟିଏ ବିକାଶୋନ୍ମୁଖୀ ରାଷ୍ଟ୍ରର ଜନସାଧାରଣଙ୍କ ହିତପାଇଁ କେତେ ପରିମାଣରେ ଉଦ୍ଦିଷ୍ଟ ? ଯେଉଁ ଦେଶରେ ସାଧାରଣ ଲୋକଟିଏ ତା' ନିଜ ଅଞ୍ଚଳରେ ଡାକ୍ତରଟିଏ ଠାରୁ ଚିକିତ୍ସା ପାଇବାରୁ ବଞ୍ଚିତ ହୁଏ, ରକ୍ତଭଣ୍ଡାରଟିଏ ପାଏ ନାହିଁ, ବେସରକାରୀ ଶିକ୍ଷାନୁଷ୍ଠାନମାନଙ୍କୁ ଅନୁମତି ଦେଇ ଶିକ୍ଷାରେ ବ୍ୟବସାୟୀକରଣ କରାଯାଏ, ସେଠାରେ ଏହିଭଳି ପ୍ରତିମୂର୍ତ୍ତି ପ୍ରତିଷ୍ଠା ରାଜନୀତି କେତେ ପ୍ରାସଙ୍ଗିକତା ରଖେ ତାହା ବୁଦ୍ଧିଜୀବୀ ଓ ଚିନ୍ତାଶୀଳ ବ୍ୟକ୍ତିମାନଙ୍କ ପାଇଁ ଆଲୋଚନାର ବିଷୟ ହୋଇଛି ।

ମୋର ବ୍ୟକ୍ତିଗତ ଭାବରେ ଏ ଦିଗରେ ନିର୍ଦ୍ଦିଷ୍ଟ ମତ ଯେ, କେନ୍ଦ୍ର ଓ ରାଜ୍ୟ ପରିପ୍ରେକ୍ଷୀରେ ଯେଉଁ ମହାନ ବରପୁତ୍ରମାନଙ୍କର ପ୍ରତିମୂର୍ତ୍ତି ସ୍ଥାପନର ପ୍ରାସଙ୍ଗିକତା ରହିଛି ବୋଲି ଅନୁଭବ କରାଯିବ, ସେହି ବରପୁତ୍ରମାନଙ୍କର ପ୍ରତିମୂର୍ତ୍ତି ସାଂସ୍କୃତିକଭବନ, ମ୍ୟୁଜିୟମ୍, ବିଶ୍ୱବିଦ୍ୟାଳୟ, ଅନ୍ୟାନ୍ୟ ଶିକ୍ଷାନୁଷ୍ଠାନ ଅଥବା ବିଭିନ୍ନ ବିଭାଗର ମୁଖ୍ୟଦପ୍ତରମାନଙ୍କରେ ସ୍ଥାପନ କରିବାପାଇଁ ଏକ ବିଧିବଦ୍ଧ ଆଇନ୍ ମଧ୍ୟ କେନ୍ଦ୍ର ଓ ରାଜ୍ୟସ୍ତରରେ ପ୍ରଣୟନ ହେବା ଏକାନ୍ତ ଜରୁରି ହୋଇପଡ଼ିଲାଣି । ନ ହେଲେ ସମୟ ଆସିବ, ଯେଉଁଆଡ଼େ ଅନାଇଲେ ସବୁଠି ଖାଲି ମାଳମାଳ ପ୍ରତିମୂର୍ତ୍ତିମାନଙ୍କର ଲମ୍ୱାଧାଡ଼ି ଦେଖିବାକୁ ମିଳିବ । ସେ ପ୍ରତିମୂର୍ତ୍ତିମାନେ ବର୍ଷଯାକ ଅପେକ୍ଷା କରିଥା'ନ୍ତି କେଉଁଦିନ ସେମାନଙ୍କର ଶ୍ରାଦ୍ଧ ବା ଜନ୍ମତିଥି ଆସିବ, ଯେଉଁଦିନ କି କେତେକ ବ୍ୟକ୍ତି ମାଲ୍ୟାର୍ପଣ କରିବା ନାଁରେ ହୁଏତ ପ୍ରତିମୂର୍ତ୍ତିରେ ଟିକିଏ ଧୂଳି ଝାଡ଼ିବେ, ପାଣି ପକାଇବେ, ଧୂପଟିଏ ଦେବେ, ଫୁଲହାର ଲମ୍ୱାଇ ଫଟୋଟିଏ ଉଠାଇ ଗଣମାଧ୍ୟମରେ ନିଜର ମହାନତାକୁ ଦେଖାଇବେ । ଆଉ ବର୍ଷତମାମ ସେହି ବାସିଫୁଲ ସେ ପ୍ରତିମୂର୍ତ୍ତି ଧାରଣ କରିଥିବ, ଅସନା ଭିତରେ ଯେତେଯାହା ପରିତ୍ୟକ୍ତ ଅଳିଆ ଆବର୍ଜନା ଭିତରେ ମୂର୍ତ୍ତିଟି ଛିଡ଼ା ହୋଇଥିବ ।

♥ ସୂନାରୂଇ, ବି.କଟିସାହି, ସିଂଲା
ବାଲିଆପାଳ, ବାଲେଶ୍ୱର-୭୫୬୦୨୩
(ମୋ):୯୪୩୭୦୮୯୨୪୧

## ଗୋଟେ ବଡଗଳ୍ପ

# ନର୍କକୁ କେତେ ବାଟ

ସଚ୍ଚିଦାନନ୍ଦ ମିଶ୍ର



**ପ୍ରକୃତି ମଣିଷ ଭିତରେ ଗୋଟିଏ ସଂଯମତା ଭରିଦେଇଛି । ପ୍ରାଗ୍ ଐତିହାସିକ ଯୁଗରେ ମଣିଷ ଲଂଗଳା ହୋଇ ବୁଲୁଥିଲା ପଶୁ ପକ୍ଷୀଙ୍କ ସହିତ । କ୍ରମେ ତା' ଭିତରେ ଥିବା ଏହି ପ୍ରବୃତ୍ତିକୁ ଶୃଙ୍ଖଳିତ କରିବାପାଇଁ ଚେଷ୍ଟା କଲା । ସଫଳତା ବି ପାଇଛି । ଖୁବ୍ ଆଗେଇ ଯାଇଛି ସଂଯମତାକୁ ନେଇ । ହେଲେ ପ୍ରେମରୁ ପ୍ରତାରଣା । ବିବାହରୁ ବିଚ୍ଛେଦ । ବିଶ୍ୱାସରୁ ବିଷମତା । ଧର୍ଷଣ । ଯୌନ ଶୋଷଣ । ଯୌନ ନିର୍ଯ୍ୟାତନା ।**

ବିପ୍ରଚରଣ ରାସ୍ତାରେ ଗଲାବେଳେ ପାଖ ଗଳିର ଟିକେ ଡାହାଣକୁ ବଙ୍କେଇ ବାମକୁ ଗଲେ, ଯେଉଁ ନାଲି ଦି'ମହଲା କୋଠାଟା ପଡ଼ିବ, ସେଠି ଟିକେ ଠିଆ ହୁଅନ୍ତି । ସାଇକେଲରୁ ଓହ୍ଲାଇ ଟିକେ ଏପଟ ସେପଟ ହୋଇ ଆଗକୁ ଚାହାଁନ୍ତି । ପଛକୁ ବି । କାହାକୁ ଅପେକ୍ଷା କରନ୍ତି କି କ'ଣ ? ପୁନରପି ପରିସ୍ରା ଲାଗେ । ପରିସ୍ରା କରୁ କରୁ ଭାବନ୍ତି ଏଠି ଠିଆ ହେବା ମାନେ ? ଆଗପଛ ହେଉ ହେଉ ସମୟ ଗଡ଼ିଯାଏ । ମନ ବି । ପନ୍ଦର ମିନିଟ ତଳର ଭାବନା ବିପ୍ର ଚରଣଙ୍କୁ ଆକାଶରେ ଉଡ଼ିବାର ଗାନ ଶୁଣାଏ । ଚମକିପଡ଼ି ସେ ଦେଖନ୍ତି ନିଜକୁ । ଯଦି କେହି ସେ ବାଟରେ ଯାଉଥିବା ଚିହ୍ନା ଲୋକଟା ଗଳା ଖଂକାର ଡାକି ଦିଏ ମଉସା କି ଅଜା ଏଠି କି କାମ ??

ବିପ୍ରଚରଣ ଖୁବ୍ ଜୋରେ ସାଇକେଲ ଗଡ଼ାଇ ଚାଲନ୍ତି ରାସ୍ତା ମୋଡ଼ି ବୁଲିବା ଯାଏ । ପେଡ଼ାଲରେ ଗୋଡ଼ ଥୋଇବାକୁ ମନେ ନଥାଏ । ବିବ୍ରତ କରୁଥାଏ ମନ । ଯେମିତି କେହି ତାଙ୍କ ମନ ଭିତର କଥା ନଜାଣୁ । ସେ ନାଲିକୋଠାଟାକୁ ଥରେ ଥରେ ମନ ଭିତରକୁ ଆଣୁଛନ୍ତି । ଭାରି ଇଚ୍ଛା ହେଉଛି କୋଠାଟା ମାଡ଼ିବେ । କୋଠାର ପ୍ରଥମ ପାହାଚରୁ କ୍ରମାନ୍ୱୟ ଶେଷ ପାହାଚ ଯାକେ ଗଢ଼ା ହୋଇଥିବ ସ୍ୱପ୍ନର ତାଜମହଲ । ତାଜମହଲର ପ୍ରଥମ ଦର୍ଜା ପାଖରେ ସେ ଚୁପ୍‌ଚାପ୍ ଠିଆ ହେବେ । କେହି ଜଣେ ସ୍ତ୍ରୀ ଲୋକ ଆସି ଭିତରକୁ ଡାକି ନେବ : ସିଏ ଯାଇ ବସିବେ ଏକ ସୁକୋମଳ ଗଦି ଉପରେ । କିଛି ସମୟ ପରେ କେହି ଜଣେ ଚାହା କପ୍ ଧରି ଆସିବ । ସେ ଚାହା ପିଇବା ଆରମ୍ଭ କରିବେ, ଭିତର ରୁମ୍‌ଟା ଲାଗିବ ନିର୍ଜନ ନିର୍ଜନ । ସେ ଖୋଜିବେ ଆହୁରି ନିର୍ଜନତା । ଚାହା ପିଇ ସାରିବା ପୂର୍ବରୁ ଆହୁରି କେହି ଜଣେ ସୁନ୍ଦରୀ ତରୁଣୀ ଆସିବ ଓ ବ୍ୟସ୍ତ ବିବ୍ରତ ଢ଼ଂଗରେ ତାଙ୍କୁ ଡାକିନେବ ମହଲର ଅଭ୍ୟନ୍ତରକୁ । ଅଭ୍ୟନ୍ତରର ସୁଶୋଭିତ ଖଟ ଉପରେ ଶୋଇଥିବ 'ରାଣୀମହୁମାଛି' । ତାଙ୍କୁ ରାଣୀ ଆହ୍ୱାନ କରିବ । ସେ ମୁଲାୟମ ଶେଯରେ ଶୋଇ ଶୋଇ ଆଳାପ ଆରମ୍ଭ କରିବେ ରାଣୀ ସହିତ, ତାପରେ ତା' ଦେହର ଉତ୍ତାପରେ ମିଶିଯିବେ ସେ ।

ସାଇକେଲଟା ଧୀର ହୋଇଯାଇଥିଲା ସେତେବେଳକୁ । ରାସ୍ତାରେ ଯିବାର ନିୟମଟା ସେ ଭୁଲି ଯାଇଥିଲେ । ହଠାତ୍ ରାସ୍ତାରେ ଯାଉଥିବା ଜଣେ ଯୁବକଙ୍କ ଦେହରେ ବାଡ଼େଇ ହୋଇଗଲା ସାଇକେଲ୍ ।

ଯୁବକ ଜଣକ କହିଲା : ତମକୁ କ'ଣ ରାସ୍ତା ଦେଖାଯାଉନି ମଉସା ନା କୋଉ ପ୍ରେମିକା କଥା ଭାବୁଛ ? ବିପ୍ର ଚରଣଙ୍କ ଦେହରେ ଲାଗିଗଲା କି ସତରେ ନିଆଁ । ଅପ୍ରତିଭ ଭାବେ ସାଇକେଲରୁ ଓହ୍ଲାଇପଡ଼ି ସେ ଠିଆ ହୋଇପଡ଼ିଲେ । କି ଉତ୍ତର ଦେବେ । ରାଗଟା ଉଠିଯାଇଥିଲା ଶୀର୍ଷକୁ । କେମିତି ପାରଦ କମିଲା ପରି ଖସିଗଲା । ସେ ଚୁପ୍‌ଚାପ୍ ଦୋଷୀଟି ପରି ଠିଆ ହୋଇରହିଲେ । ଯୁବକ ଜଣକ କ'ଣ ଭାବିଲା କେଜାଣି ଆଉ କିଛି ନକହି ପଳାଇଗଲା ।

ବିପ୍ରଚରଣ ନିଜ ଭିତରେ ନିଜକୁ ଦେଖିଲେ । ଏତେ ବୟସରେ ଏମିତି ଭାବନା ମନକୁ ଆଣିବା ଗୋଟେ ବଡ଼ ଅପରାଧ ବ୍ୟତୀତ କିଛି ନହୋଇପାରେ । ଏତଦ୍‌ବ୍ୟତୀତ ଏ ବୟସରେ ସେ ଭୁଲ କରିବେ ଓ ତାଙ୍କ ଭୁଲକୁ ଦେଖି କିଏ ତାଗିଦ୍ କରିବ ଏହା ତାଙ୍କ ଚେତନାକୁ ବାରମ୍ବାର ଧିକ୍କାର କରୁଥିଲା । ସେହି ମୁହୂର୍ତ୍ତରେ ସେ ଶପଥ କରୁଥିଲେ ଏବେ ସତର୍କରେ ରହିବେ ଓ ଭାବିଚିନ୍ତି କାମ କରିବେ, ଯାହାଦ୍ୱାରା ତାଙ୍କ ବୟସ ଜନିତ ମର୍ଯ୍ୟାଦା ତିଳେମାତ୍ର ହାନି ନହୁଏ ।

ଭାବନା ସହିତ ଆଗକୁ ଚାଲିଲେ ବିପ୍ରଚରଣ । ଏହା ଭିତରେ ଅନେକ ସମୟ ବିତି ଯାଇଥିଲା । ତାଙ୍କର ମନେ ହେଲା ନାତୁଣୀ ପାଇଁ ଔଷଧ ଆଣିବାକୁ ଯାଇଛନ୍ତି ଶୀଘ୍ର ଫେରିବାକୁ ହେବ ଅଥଚ୍ ସେ ଏତେ ଡେରି କଲେଣି ଯେ ଘରକୁ ଫେରିବା ପରେ କାହାଠୁଁ ପଦେ ଦି'ପଦ ଶୁଣିବାକୁ ହେବ । ସବୁକଥାକୁ ପଛକୁ ପକାଇ ତାଙ୍କର ଔଷଧ ନେଇ ଘରେ ପହଞ୍ଚିବାକୁ ହେବ । ଦୌଡ଼ିଲେ ଯେ ଦୌଡ଼ିଲେ । କୁତ୍ସିତ ଭାବନା ରହିଗଲା ତା' ବାଟରେ । ସଂଧ୍ୟା ସମୟ । ବିପ୍ର ଚରଣ ଦାଣ୍ଡ ବାରଣ୍ଡାରେ ଠିଆ ହୋଇ ଚାହିଁଥିଲେ ଦୂର ଦିଗ୍‌ବଳୟକୁ । ଦିଗ୍‌ବଳୟ ତଳକୁ ଲୁଚି ଯାଉଥିଲେ ସୂର୍ଯ୍ୟ ଦେବତା । ଦୁଇଟା ପକ୍ଷୀ ଚକର କାଟୁଥିଲେ ଆକାଶରେ । ସିନ୍ଦୂରିତ ଆକାଶର ପ୍ରତ୍ୟେକ ପରିସ୍ଥିତି ଥିଲା ଶାନ୍ତ । ହଠାତ୍ ରତିକ୍ରାନ୍ତ ପକ୍ଷୀ ଯୁଗଳ ତାଙ୍କ ସାମ୍ନାରେ ଥିବା ଗଛ ଡାଳରେ ବସିପଡ଼ିଲେ । ମୈଥୁନ ଯେ ସେମାନଙ୍କର ଲକ୍ଷ୍ୟ ଓ ସାଧନ ଥିଲା । ଟିକିଏ ତଳକୁ ଚାହିଁଲେ ସେ । ପୁଣି ମନେ ହେଲା ମୈଥୁନରତ ପକ୍ଷୀଙ୍କ ସ୍ଥିତିକୁ ଅନୁଧ୍ୟାନ କଲେ ଖରାପ କ'ଣ ? ପୃଥିବୀ ବଂଚିଛି ଏଇଥିରେ । କୀଟ ପତଙ୍ଗଙ୍କଠାରୁ ମନୁଷ୍ୟ ପର୍ଯ୍ୟନ୍ତ ସମସ୍ତେ ପ୍ରକୃତିର ନିୟମ ଭିତରେ ବଂଧା । ପ୍ରକୃତି ମଣିଷ ଭିତରେ ଗୋଟିଏ ସଂଯମତା ଭରିଦେଇଛି । ପ୍ରାଗ୍ ଐତିହାସିକ ଯୁଗରେ ମଣିଷ ଲଂଗଳା ହୋଇ ବୁଲୁଥିଲା ପଶୁ ପକ୍ଷୀଙ୍କ ସହିତ । କ୍ରମେ ତା' ଭିତରେ ଥିବା ଏହି ପ୍ରବୃତ୍ତିକୁ ଶୃଙ୍ଖଳିତ କରିବାପାଇଁ ଚେଷ୍ଟା କଲା । ସଫଳତା ବି ପାଇଛି । ଖୁବ୍ ଆଗେଇ ଯାଇଛି ସଂଯମତାକୁ ନେଇ । ହେଲେ ପ୍ରେମରୁ ପ୍ରତାରଣା । ବିବାହରୁ ବିଚ୍ଛେଦ । ବିଶ୍ୱାସରୁ ବିଷମତା । ଧର୍ଷଣ । ଯୌନ ଶୋଷଣ । ଯୌନ ନିର୍ଯ୍ୟାତନା । ଏସବୁ ଆସିଲା କେଉଁଠୁ । ପକ୍ଷୀ ଜଗତରେ ଏମିତି ଦୃଶ୍ୟ ସେ କେବେ ଦେଖି ନାହାଁନ୍ତି । ପ୍ରତ୍ୟେହ ଖବର କାଗଜରେ ଗୋଟିଏ ଦି'ଟା ମହିଳା ଅସଦାଚରଣ ଖବର ଥିବ । ଶିଶୁ କନ୍ୟା ଧର୍ଷଣ ଥରାଇଦେଉଥିବ ମାଟିକୁ ପବନକୁ । ଅପହରଣ । ହତ୍ୟା । ଯୁଦ୍ଧ । ଅଶାନ୍ତି । ଏମିତି ଅନେକ ଅନେକ ।

ବିପ୍ର ଚରଣ ବସିପଡ଼ିଲେ ପିଣ୍ଡା ଉପରେ । ପକ୍ଷୀ ଦି'ଟା ହସି ହସି ଉଡ଼ିଗଲେ । ତାଙ୍କୁ ଲାଗିଲା ପକ୍ଷୀମାନେ ଥଟ୍ଟା ପରିହାସରେ ଉଡ଼େଇଦେଲେ ତାଙ୍କୁ । ତାଙ୍କ ଜଗତରେ ଏମିତି ସ୍ଥିତି ବୋଧେନାହିଁ । ସବୁ ସ୍ୱଚ୍ଛନ୍ଦତା ଭିତରେ ବଂଧନ କାହିଁକି ? ସ୍ୱାଧୀନତା ଭିତରେ ଶୃଙ୍ଖଳ କାହିଁକି ? ଏସବୁ ନିୟମକାନୁନ ନଥିଲେ ବୋଧହୁଏ ମଣିଷ ଗୋଟିଏ ସାଧା ସିଧା ଜୀବନ ମେଣ୍ଟାଇ ପାରିଥାନ୍ତା । ସ୍ୱାଧୀନ କି ସ୍ୱାଧୀନୋତ୍ତର ପ୍ରବାହ ଭିତରୁ ଜାତି ଜାତିକା ସମସ୍ୟାମାନଙ୍କର ଜନ୍ମ । ଯେତେ ଯେତେ ଭାବନା ସେତେ ସେତେ ଛକ । ନିସ୍ତାର ନାହିଁ ସେଥିରୁ । ମୁକ୍ତି ନାହିଁ ସେଥିରୁ । କେବଳ ମ୍ରିୟମାଣ । ସନ୍ତୁଳନ ।

ବିପ୍ରଚରଣଙ୍କ ଭାବନା ଡେଇଁ ପଡ଼ିଥିଲା ଦାର୍ଶନିକମାନଙ୍କ ପରି ଜୀବନର ନିର୍ଘାତ ସତ୍ୟଆଡ଼େ । ଅଧ୍ୟାପକ ଜୀବନରେ ଗୁଡ଼ାଏ ତଥ୍ୟରୁ ଫେଣେଇ ଯେତେ ନୂଆ ରାସ୍ତା ଆବିଷ୍କାର କରି ନମ୍ବର ପ୍ଲେଟ୍ ମାରି ଯାତ୍ରୀଙ୍କୁ ବାଟ ଦେଖାଇଛନ୍ତି, ସେତିକି ପୁରୁଣାରାସ୍ତାକୁ ଭୁଲିବାକୁ ପଡ଼ିଚି ତାଙ୍କୁ । ସବୁ ରାସ୍ତାର ଶେଷରେ ପହଞ୍ଚି ସେ ଦେଖିଛନ୍ତି ମଣିଷପଣିଆର ଗୋଟିଏ ଦୃଶ୍ୟ । ସେହି ଦୃଶ୍ୟ ପଛରେ ଗୁଡ଼ାଏ ଲୋକ ଧାଇଁ ଧାଇଁ ଅଣନିଶ୍ୱାସୀ ହେବା ଓ ପରପିଢ଼ିକୁ ଛାଡ଼ିଦେବା ବ୍ୟତୀତ ଆଉ କିଛି ନୂଆ ମୁହଁ ନୁହେଁ ।

ବିପ୍ର ଚରଣ ସେହି ମୁହୂର୍ତ୍ତରେ ଅନୁଭବ କରୁଥିଲେ ଆସ୍ତେ ଆସ୍ତେ ସେ ପାଗଳ ହେବାକୁ ଲାଗିଛନ୍ତି । ତେଣୁ ସବୁ କଥାକୁ ବାଦ ଦେଇ ସେ ଦୁଇ ମହଲା ନାଲିକୋଠା ଓ ତତ୍‌ସଂପର୍କୀୟ ରଂଗୀନ୍ ଭାବନାକୁ ଆଲୋଚନା ମଧ୍ୟକୁ ଆଣିବା ପାଇଁ ବାଧ୍ୟ ହେଲେ । ରାଣୀ ମହୁମାଛିର ସ୍କେଚ୍‌ଟିଏ ଟାଣି ତା' ଦେହରେ ରଂଗ ଦେବାକୁ ନିଷ୍ପତ୍ତି କରି ଦାଣ୍ଡ ପିଣ୍ଡାରୁ ଅଧିକ ନିର୍ଜନତା ଖୋଜି ବସିଲେ । ଏତେଗୁଡ଼ିଏ ସୁନ୍ଦରଭାବନାକୁ ଏକତ୍ରିତ କରି ପର୍ଯ୍ୟାୟକ୍ରମେ ବାସ୍ତବ ରୂପ ଆଣିବାକୁ ହେଲେ ତରତରରେ ନିଷ୍ପତ୍ତି ନନେଇ ଛେପ ଢ଼ୋକିବା ଓ ଅଧିକ ଶକ୍ତିଶାଳୀ କରିବାର ଉପାୟ ସ୍ଥିର କରିବା ପାଇଁ ଅନ୍ତତଃ ପକ୍ଷେ ମାହେନ୍ଦ୍ର କି ଅମୃତ ବେଳା ଖୋଜିବାରେ ମନସ୍ଥ କଲେ ।

ତା' ପରଦିନ ସକାଳ ହୋଇଥିଲା ବିପ୍ର ଚରଣଙ୍କପାଇଁ ଘାତକର । କାରଣ ପୂର୍ବଦିନର ସମସ୍ତ ଆଦର୍ଶ / ଫାଦର୍ଶ କଥା ଯେମିତି ପିତା ପିତା ଲାଗିଲା । ନାଳି କୋଠାର ଆକର୍ଷଣ ଓ ତତ୍‌ଜନିତ ସୁଖଦ ଭାବନା ତାଙ୍କୁ ଟାଣିଲା । ସିଏ ଗୋଟିଏ ସତର-ଅଠର ବର୍ଷର ଯୁବପ୍ରେମୀ ପରି ଅସ୍ଥିର ହୋଇ ଉଠିଲେ । ସବୁ ଦିନ ଭଳି ସ୍ୱାଭାବିକ ଭାବେ ପୋଷାକ ପିନ୍ଧି ଚାଲିଲେ ଭଂଗା ସାଇକେଲଟିଏ ଧରି । ଆଜି ହିଁ ସେ ନାଲି କୋଠାରେ ପ୍ରବେଶ କରିବେ । ସେଠି ରାଣୀ ମହୁମାଛିର ସାନ୍ନିଧ୍ୟରେ କଟି ଯିବ ବହୁ ସମୟ । ପଇସା ପଛେ ଯାଉ କିଛି ସମୟ ରଂଗୀନ୍ ଦୁନିଆରେ ତ ବୁଲି ଆସିହେବ । ସମାଜ ଆଁ କରି ଚାହିଁବ । ଚାହୁଁ । ବିପ୍ର ବାବୁଙ୍କ ମୁଣ୍ଡରେ ଗୋଟେ କଳଙ୍କର ଟୋପି ଲାଗିଯିବ । ସମସ୍ତେ ତାଙ୍କୁ ଦେଖିବେ ଟିକିଏ ଅଲଗା ଅଲଗା ଭାବରେ । ଏମିତି ତ ସମାଜରେ ବହୁ ଦାୟିତ୍ୱସଂପନ୍ନ ବ୍ୟକ୍ତିଙ୍କ ପୋଷାକରେ କଳଙ୍କର ଛିଟା । ସେମାନେ ଆଦର୍ଶର ଖୋଳପା ତଳେ ଜଣେ ଜଣେ ଅସୁର । ଏମିତି ବିପ୍ର ଚରଣ ଜଣେ ସେବା ନିବୃତ୍ତ କିରାଣୀ । ସମାଜରେ କୋଉ ଆଦର୍ଶ ମଣିଷ ଯେ ! ପାଦ ଠିକଣାରେ ନ ପଡ଼ି ଏକଡ଼ ସେକଡ଼ ହୋଇଗଲେ କ'ଣ ପ୍ରଣବ ଅଶୁଦ୍ଧ ହୋଇଯିବ ?

ବିପ୍ର ଚରଣ ଭାବନାକୁ ଘରେ ରଖିଦେଇ ଆଗେଇ ଚାଲିଲେ । ସାଇକେଲଟା ନାଲି କୋଠାତଳେ ଥୋଇ ଦେଇ ପାହାଚ ଚଢ଼ିବାକୁ ଲାଗିଲେ । ଦୁଆର ମୁହଁ ସାମ୍ନାରେ ଠିଆ ହୋଇଥିବା ଜଣେ ପ୍ରୌଢ଼ା ଅଟକାଇ ଦେଲେ ତାଙ୍କୁ ।

କୁଆଡ଼େ ଯାଉଛ : ପ୍ରଶ୍ନ କଲେ ପ୍ରୌଢ଼ା

'ନର୍କକୁ' - ବିପ୍ର ଚରଣ କହିଲେ ।

ନର୍କକୁ ଯିବା ସମୟ ଅନେକ ବେଳୁ ପାର ହୋଇଯାଇଛି । ଏବେ ସ୍ୱର୍ଗକୁ ଯିବାର ରାସ୍ତାରେ ଠିଆ ହୋଇ ନର୍କର ଚିନ୍ତା କାହିଁକି ? ଅଳ୍ପ ହସି ଉତ୍ତର ଦେଲେ ପ୍ରୌଢ଼ା ।

ସ୍ୱର୍ଗ ପଛରେ ଧାଇଁ ଧାଇଁ ମୁଁ କ୍ଳାନ୍ତ । ଯେତେ ହାତ ବଢ଼େଇଲେ ବି ବି ଆହୁରି ଦି' ଚାଖଣ୍ଡ ରହିଯାଉଛି । ହାରିଯାଉଛି, ଜୀବନ ଲୁଡୁର ଅନେଶୋତ ଘରେ ଚଟ୍‌କିନା ସାପଟା ଗିଳିଦେଉଛି । ପୁଣି ସିଡ଼ି ଚଢ଼ିବା । ଅଦ୍ୟମ ଉତ୍ସାହ । ପାହାଡ଼ ଚଢ଼ିବା ନିଶା । ଏସବୁ ଭିତରେ ବତୁରି ବତୁରି ଆଉ କେତେ କାଳ ଆଦର୍ଶକୁ ଧରିପାରିବି । ମୋର ନର୍କ ଦରକାର । ରାଣୀ ମହୁମାଛି ଦରକାର । ଏକା ନିଶ୍ୱାସେ ଏତେଗୁଡ଼ାଏ କଥା ବିପ୍ରଚରଣଙ୍କ ମୁହଁରୁ ବାହାରିପଡ଼ିଲା ।

ପ୍ରୌଢ଼ା ଜଣକ ଭିତରକୁ ନେଇଯାଇଥିଲେ ତାଙ୍କୁ । ବିପ୍ର ବସିଲେ ଗୋଟିଏ ପ୍ଲାଷ୍ଟିକ ଚେୟାର ଉପରେ ଅନେକ ସମୟ ପରେ ଜଣେ ମଧ ବୟସ୍କା ଶ୍ୱେତବସ୍ତ୍ର ପରିହିତା ନାରୀ ପାଣି ଗ୍ଲାସ୍‌ଟେ ଧରି ପହଞ୍ଚିଲେ । ମୁଖରେ ତାଙ୍କର ମଧ୍ୟାହ୍ନର ରଂଗ ବଦଳରେ ଥିଲା ଅପରାହ୍ନର ଛାଇ । ଜଣାପଡୁଥିଲା କିଛି ସମୟ ପୂର୍ବରୁ ବୋଧହୁଏ ଗୋଟିଏ ଜଟିଳ ଗଣିତର ସମାଧାନ କରୁ କରୁ ଭୁଲି ଯାଇଥିଲେ ତା'ର ସୂତ୍ର । ଜଟିଳ ଗଣିତର



ସମାଧାନ ତ ହୋଇନଥିଲେ । ପୁଣି ଆଉ ଗୋଟିଏ ପ୍ରୋବଲେମ୍‌ର ସାମ୍ନା । ବହୁ ଆଗ୍ରହର ସହ ପାଣି ଗ୍ଲାସ୍‌ଟା ଗ୍ରହଣ କରି ବିପ୍ର ଚରଣ ପଚାରିଲେ - ଦେଖ, ମୁଁ ରାଣୀଙ୍କ ରଂଗୀନ ଦୁନିଆଁରେ ମିଶିବାକୁ ଚାହେଁ । ମୋତେ ସେ ହିଁ ଲୋଡ଼ା । ଠିଆ ହୋଇଥିବା ସ୍ତ୍ରୀ ଲୋକଟି ତତ୍‌କ୍ଷଣାତ୍ ଅଦୃଶ୍ୟ ହୋଇଗଲେ । ତତ୍‌ପରେ ଆଉ ଜଣେ ତରୁଣୀ ତାଙ୍କ ହାତ ଧରି ଆହୁରି ଭିତରକୁ ଘେନିଗଲେ । ଠିଆ ଠିଆ ବିପ୍ରଚରଣ ଯାହାକୁ ସାମ୍ନାରେ ଦେଖିଲେ, ସେ ତାଙ୍କର ଚିହ୍ନା ଚିହ୍ନା ଜଣାପଡୁଥିଲେ ।

କେତେ ଟଙ୍କା ଦେଇପାରିବ ତମେ ପାଞ୍ଚ ହଜାର / ଦଶ ହଜାର / କୋଡ଼ିଏ ହଜାର / ପଚାଶ ହଜାର / ଲକ୍ଷେ ? ପ୍ରଶ୍ନକଲେ ମହିଳା ।

ଥମ୍ ଥମ୍ ହୋଇ ବିପ୍ର ଚରଣ କହିଲେ : ରାଣୀ ତମେ...

ପରଦା ଟେକି ସ୍ତ୍ରୀ ଲୋକ ଜଣକ କହିଲେ : ହଁ ତମେ ଯାହାକୁ ବି ଭାବୁଛ ସେହି ମୁଁ ।

ବିପ୍ର ଚରଣଙ୍କ ପାଦ ତଳୁ ମାଟି ଖସି ଖସି ଯାଉଥିଲା । ଯେଉଁ ମାତା ଗୀତା ପ୍ରବଚନରେ ହଜାର ହଜାର ଜନତାଙ୍କୁ ମୁଗ୍ଧ କରିଦେଉଥିଲେ ଇଏ ସେହି ନୁହଁନ୍ତି ତ ?

ଆଖି ମଳି ମଳି ବିପ୍ର ଚରଣ ପଛେଇ ପଛେଇ ଚାଲିଲେ । ସାମ୍ନାକୁ ବାହାରି ଆସୁଥିବା ଦୁର୍ଦ୍ଦାନ୍ତ ଲୋକଟା ତାଙ୍କୁ ଧରି ପକାଇଲା ଓ ଘୋସାଡ଼ି ଘୋସାଡ଼ି ନେଇଗଲା ଗୋଟିଏ ନିର୍ଜନ ସ୍ଥାନକୁ ତା' ପରେ ସେ ଆଉ କିଛି ଜାଣିନଥିଲେ ।

ଡାକ୍ତରଖାନାରେ ଚେତା ଫେରିଲା ବେଳକୁ ବିପ୍ର ଚରଣ ଅନୁଭବ କଲେ ଆଖି ଆଉ ଜିଭ ଏ ଦୁଇଟିକୁ ସେ ହରାଇଛନ୍ତି । କିଛି ଲୋକ କଥାବାର୍ତ୍ତା ହେବା ସେ ସ୍ପଷ୍ଟ ଶୁଣିପାରୁଥିଲେ ବୋଧହୁଏ ସେ ନର୍କକୁ ଯିବା ଲାଗି ବାହାରିପଡ଼ିଥିଲେ ବୟସର ଅପରାହ୍ନରେ । ଭଭ

♥ ପ୍ରତିଷ୍ଠାତା ସଂପାଦକ,
ସାହିତ୍ୟର ସ୍ୱର
ସରପଡା, ନିଶ୍ଚିନ୍ତକୋଇଲି, କଟକ
ମୋ :୯୯୩୭୬୮୯୮୩୮

## ଛୋଟ ଗପ

# ସାତଭାୟାର ସାବିତ୍ରୀ

ଦିଲ୍ଲୀପ କୁମାର ବିଶ୍ୱାଳ



ଉପକୂଳ ଓଡିଶାର ଶେଷ ସୀମାନ୍ତ ଗାଁ ସାତଭାୟାର ଝିଅ ସାବିତ୍ରୀ । ପ୍ରଥମଥର ପାଇଁ ସେଦିନ ନାଲିରଙ୍ଗର ଶାଢ଼ି ପିନ୍ଧିଥିଲା । ଆଖିରେ କଜଳ, ମଥାରେ ଟିକିଲି ଆଉ ବେଣୀରେ ବାନ୍ଧିଥିଲା ଗଜରା ହାର । ସାବିତ୍ରୀର ଗୋରା ତକ୍ ତକ୍ ମୁହଁ ଦିଶୁଥିଲା ଠିକ୍ କୁମାର ପୂର୍ଣ୍ଣିମାର ଜହ୍ନ ପରି । ଏ



ବର୍ଷ ସାବିତ୍ରୀର ଶେଷ କୁମାର ପୂର୍ଣ୍ଣିମା ବ୍ରତ । ଆର ବର୍ଷକୁ ସେ ଆଉ କୁମାରୀ ହେଇ ନଥିବ, ବାହାହେଇ ଯାଇଥିବ କୁଆଡ଼େ ଅବିନାଶ ବାବୁଙ୍କୁ ।

ଅବିନାଶ ବାବୁ ହେଉଛନ୍ତି ଓଡିଶାର ଜଣାଶୁଣା କଳାତ୍ମକ ସିନେମାର ଯୁବ ନିର୍ଦ୍ଦେଶକ । ଥରେ ସେ ସମୁଦ୍ର କୂଳିଆ ଗାଁ ଓ ଅଧିବାସୀ ମାନଙ୍କର ଜୀବନ ଶୈଳୀକୁ ନେଇ ଏକ ସିନେମା ନିର୍ମାଣ କରିବା ପାଇଁ ଭୁବନେଶ୍ୱରରୁ ସାତଭାୟା ଆସିଥିଲେ । ଏଇ ସମୁଦ୍ର କୂଳିଆ ଗାଁର ଭୌଗଳିକ ସ୍ଥିତି, ଜୀବନ ଜୀବିକା ତଥ୍ୟ ସଂଗ୍ରହ କରୁଥିବାବେଳେ ସୁନ୍ଦରୀ ସାବିତ୍ରୀ ସହିତ ତାଙ୍କର ସାକ୍ଷାତ ହେଇଥିଲା । ନୁଆଣିଆଁ ଚାଳଛପର ଘର, ଲୁଣିଆ ପରିବେଶ ମଧ୍ୟରେ ଯେ, ଏମିତି ସୁନ୍ଦରୀ କନ୍ୟାମାନେ ଜନ୍ମନେଇ ପାରନ୍ତି !!

ଏହା ଅବିନାଶ ବାବୁଙ୍କୁ ଆଶ୍ଚର୍ଯ୍ୟ କରିଥିଲା ।

ଏହାପରେ ଅନେକଥର ଅବିନାଶ ବାବୁ ସହରରୁ ସାତଭାୟାକୁ ଆସୁଥିଲେ । ସାବିତ୍ରୀ ସହିତ ଗୋଲାପି ସମ୍ପର୍କର ରଙ୍ଗ ଲାଗିଲା ପରେ, କେବେ କେବେ ସମୁଦ୍ର ବେଳାଭୂମିରେ ବୁଲୁଥିଲେ ତ ପୁଣି ଘଣ୍ଟା ଘଣ୍ଟା ବାଲିମେଦ ଉପରେ ଠିଆ ହେଇଥିବା ଥୁଣ୍ଟା ଗଛମୂଳେ ସବୁଜ ସ୍ୱପ୍ନ ବୁଣୁଥିଲେ । ସେଲ୍ଫି ଉଠାଉଥିଲେ, ସାବିତ୍ରୀର ହାତ ରନ୍ଧା ମାଛ, ଚିଙ୍ଗୁଡ଼ି ଓ ଦେଶୀ କୁକୁଡ଼ା ତରକାରି ଖାଇ ସହରକୁ ଫେରିଯାଉଥିଲେ । ସାବିତ୍ରୀ ଅବିନାଶ ବାବୁଙ୍କୁ ଆନମନା କରିଥିଲା ତାର ଆତିଥ୍ୟରେ ଅବିନାଶ ବାବୁ ଋଣୀ ହେଇ ଯାଉଥିଲେ । ସାବିତ୍ରୀର ସରଳତା ଓ ଭଲପାଇବା ଯେମିତି ହାତ ଠାରି ସାତଭାୟାକୁ ଟାଣି ଆଣୁଥିଲା ଅବିନାଶ ବାବୁଙ୍କୁ । କିଛିଦିନ ପରେ ସେ ପୁଣିଥରେ ସାତଭାୟା ଆସିଥିଲେ । ଏଥର ସେ ସାବିତ୍ରୀକୁ ପ୍ରେମ ନିବେଦନ କଲେ, ଖାଲି ପ୍ରେମ ନିବେଦନ କଲେ ନାହିଁ । ଗୋପନରେ ମା ପଞ୍ଚୁବରାହିଙ୍କ ପୀଠରେ ସିନ୍ଦୂର ଦେଇ ଗୋପନ ବିବାହ କଲେ । ତା ପରେ ସାବିତ୍ରୀର ଘରେ ରାତ୍ରିଯାପନ କରିବା ଆରମ୍ଭ କଲେ । କେବଳ ରାତ୍ରିଯାପନରେ କଥା ଅଟକି ନଥିଲା ସ୍ୱାମୀର ଅଧିକାର ମଧ୍ୟ ଜାହିର କରିସାରିଥିଲେ ଅବିନାଶ ବାବୁ ।

ଆଜି ବି ଥିଲା କୁମର ପୂର୍ଣ୍ଣିମା ସାବିତ୍ରୀ ସଜେଇ ହେଇ ଅପେକ୍ଷା କରିଛି ଅବିନାଶ ବାବୁଙ୍କୁ । ଏଇଟା ତ ତାର ଶେଷ କୁମାର ପୂର୍ଣ୍ଣିମା ଆସନ୍ତା ମାସରେ ଅବିନାଶ ବାବୁ କୁଆଡ଼େ ତାକୁ ମା ପଞ୍ଚୁବରାହୀଙ୍କ ପୀଠରେ ସତସତିକା ବାହାହେଇ ଭୁବନେଶ୍ୱର ନେଇଯିବେ । ରାତିର ପ୍ରହର ବଢ଼ିବଢ଼ି ଯାଉଥିଲା ଜହ୍ନର ସତେଜ ଓ ସଫେଦ ଆଲୁଅ ତା ମୁହଁରେ ବିଛାଡ଼ି ହେଇ ପଡୁଥିଲା । ଲାଜେଇ ଲାଜେଇ ଜହ୍ନକୁ ଚାହୁଁଥିଲା ସେ । ଜହ୍ନ ଭିତରେ ସେ ଦେଖୁଥିଲା ତା ସ୍ୱପ୍ନର ସୌଦାଗରକୁ । ଓଷା ସାରି ସବୁ କୁମାରୀ ମାନେ ନିଜନିଜ ଘରକୁ ଚାଲିଗଲେ । ସାବିତ୍ରୀ ମଧ୍ୟ ନିଜ ଘରକୁ ଫେରି ଆସିଲା ମାତ୍ର ଅବିନାଶ ବାବୁ ଏଥର କୁମାର ପୂର୍ଣ୍ଣିମାରେ ଆଉ ଆସିଲେ ନାହିଁ । ରାତି ବାରଟା ପରେ ସାବିତ୍ରୀର ମୋବାଇଲ୍‌କୁ ଏକ ହ୍ୱାଟସପ୍ ମେସେଜ ଆସିଲା, ଚମକି ପଡ଼ିଲା ସାବିତ୍ରୀ, ମେସେଜ ଓପନ କଲା । ଲେଖାଥିଲା ସରି... ମୋତେ କ୍ଷମାକରିଦେବ । ତା ତଳକୁ ଥିଲା ଗୋଟେ ପିଡିଏଫ କପି । ସାବିତ୍ରୀ ଡାଉନଲୋଡ କଲା ସେଇଟା ଥିଲା ଅବିନାଶ ବାବୁଙ୍କର ମ୍ୟାରେଜ୍ ଇନଭାଇଟେସନ କାର୍ଡ...।

ପରଦିନ ସକାଳୁ ବାଲିମେଦ ଉପରେ ଠିଆ ହେଇଥିବା ଲଙ୍ଗଳା ଥୁଣ୍ଟା ଗଛର ଗୋଟିଏ ଶାଖାରେ ଝୁଲୁଥିଲା ସାବିତ୍ରୀର ଝୁଲନ୍ତା ଶବ, ଯେଉଁ ଥୁଣ୍ଟା ଗଛମୂଳରେ ଅବିନାଶ ବାବୁଙ୍କ କୋଳରେ ମୁଣ୍ଡ ରଖି ସେ ଦେଖିଥିଲା ଗୋଟେ ସବୁଜ ସ୍ୱପ୍ନ ।

♥ ସମ୍ପାଦକ: ଓଡ଼ିଶା ମିରର୍
(ମୋ) ୯୮୬୧୫୬୭୯୪୩

# ହତ୍ୟାର ବୀଭତ୍ସ ରୂପ ପ୍ରତି କାହାର ଚିନ୍ତା ନାହିଁ



ପ୍ରଶାନ୍ତ ଚନ୍ଦନ

ହତ୍ୟା କ'ଣ ଯାହାକୁ ମାରି ଦିଆଯାଏ ତ... ଛୁରି, ଖଣ୍ଡା, ଧନୁଶର, ବନ୍ଧୁକ ହେଉ କି ହେଉ ରାସାୟନିକ ସାର ବା ବିଷ ସେଠି କିଛି ପ୍ରକାର ଭେଦ ନ ଥାଏ । କାରଣ ମାରିବା ବାଲା ସାଧାରଣ ଟାଙ୍ଗିଆ, ସାବଳରେ ବି ମାରି ଦେଉଛନ୍ତି । ପୁଣି ମାରି ଦେଉଛନ୍ତି ତଣ୍ଟି ଚିପି, କିରାସିନି, ପେଟ୍ରୋଲ ଢାଳି ଜୀବନ୍ତ ପୋଡି ବି ହତ୍ୟା କରି ଦେଉଛନ୍ତି ।

ହେଲେ ସେଥିପାଇ କ'ଣ ଦରକାର... ଯାହା ହେଲା ରାଗ, କ୍ରୋଧ, ହିଂସା ପରାୟଣ ହୋଇ କିଏ ପ୍ରତିଶୋଧ ନେଉଛି ତ କିଏ ଅନନ୍ୟୋପାୟ ହୋଇ, ନୁହେଁ ହେଲେ ସବୁରି ମୂଳରେ ଯେ ପେଟ ହିଁ ଥାଏ । ଆଉ ପେଟ ପାଇଁ ଯେ ଉଭୟ ସ୍ତ୍ରୀ, ପୁରୁଷ ଚାଲ୍ ଖେଳନ୍ତି ପରସ୍ପରକୁ ନେଇ ଏହା ଯେ ରାମାୟଣ, ମହାଭାରତ ବି ସାକ୍ଷୀ ଅଛି । ଏବଂ କାମ, କ୍ରୋଧ, ଲୋଭ, ମୋହ, ମଦ ଓ ମାତ୍ସର୍ଯ୍ୟ ଷଡରିପୁର ଗନ୍ଧ ତ ନ କହିବା ଭଲ...

କାରଣ ସବୁଠି ପରେ ହିଁ ଦେଖାଯାଏ ।

ମାତ୍ର ହତ୍ୟାର ଯେଉଁ ରୂପ ଦିନକୁ ଦିନ ବିଭତ୍ସ ହୋଇ ଯାଉଛି ନା ଶବ୍ଦ ହିଁ ମିଳୁନି କହିବାକୁ... ଖାଲି ଭାବିବାକୁ ହେଉଛି ସେ ସେତେଦିନ ଯାଏଁ କେମିତି ମଣିଷ ଥିଲା ଆଉ ହଠାତ୍ କେମିତି ଜହ୍ଲାଦ୍ ରାକ୍ଷସରେ ପରିଣତ ହୋଇଗଲା !

ହଁ ସ୍ତ୍ରୀ କ୍ଷେତ୍ରରେ ଡାହାଣି, ପିଶାଚିଣୀ, କଳଙ୍କିନୀଠୁ ଆରମ୍ଭ କରି ଚଣ୍ଡି, ରଣଚଣ୍ଡି ପର୍ଯ୍ୟନ୍ତ ଶବ୍ଦ ଗୁଡାକ ବି ଶୁଣିବାକୁ ମିଳେ ।

ସେପରି ନରଖାଦକ, ନରଖାଦିକା ମାନଙ୍କର ସୂଚୀ ବି ବହୁତ ଲମ୍ବା । କିଏ କହିବ ଏଇଠୁ ତ କିଏ କହିବ ସେଇଠୁ... ମାତ୍ର ମୁଁ ଯେତିକି ଜାଣିଛି ସେଥିରୁ ହିଁ ନେଇ କହୁଛି ! ତେଣୁ ମହାଲିଙ୍ଗ କଲେଜ୍ ଅଧକ୍ଷା ମମିତା ମେହେର ହତ୍ୟାକାଣ୍ଡଠୁ ଆରମ୍ଭ କରିବି । କରିବି ପୁଣି ଦିଲ୍ଲୀର ଶ୍ରଦ୍ଧା ହତ୍ୟାକାଣ୍ଡ । କୋଉଠି ଆଠ ଦଶ ଖଣ୍ଡ ତ ପୁଣି କୋଉଠି ପଇଁତିରିଶ ସଇଁତିରିଶ ଖଣ୍ଡ...

ତା'ପରେ ଏବେ, ଏବେ ହଙ୍ଗ୍ କଙ୍ଗ୍ ମଡେଲଙ୍କ ହତ୍ୟା କରି ଅନେକ ଖଣ୍ଡ, ଖଣ୍ଡ କରି ସୁପ୍ କରି ବ୍ୟବହାର କରିବା ତା'ଶାଶୁ ଶଶୁରକୁ ପୋଲିସ ଗିରଫ କରିଛି ଯେମିତି ନା ସେମିତି ପୁଣି ହାଇଦ୍ରାବାଦରେ ଜଣେ ନବୀନ ନାମକ ଯୁବକଙ୍କୁ ତା'ମହିଳା ସାଙ୍ଗ ହତ୍ୟା କରି ହୃତପିଣ୍ଡ କାଢି ଯୌନାଙ୍ଗ ଛେଦନ କରି ଫଟୋ ପଠାଇବା ଯେ ଦେଖୁନ କି କୁରୂପତାକୁ ଆଖ୍ୟା ଦେବ ! ନା ସେମାନଙ୍କୁ ପୁଣି ମଣିଷ ବୋଲି ବ୍ୟାଖ୍ୟା କରିବା ସହ ସମାନ୍ତରାଳ ଜୀବନ ସ୍ରୋତରେ ସାମିଲ୍ କରାଯିବ, କହୁନ !

କଥନ ପରି ଉପରୋକ୍ତ ଚାରୋଟି ହତ୍ୟା କାଣ୍ଡରେ ପୁରୁଷ କମ୍ ସ୍ତ୍ରୀ ଅଧିକ ନୁହଁ ମାନେ ଆଉ ଉଲ୍ଲେଖ କରିବ କି ସେଠି ପୁରୁଷ ଅପେକ୍ଷା ସ୍ତ୍ରୀ ବଳବାନ୍ ବୋଲି ! ହେଲେ ଦେଖୁନ ସେଠି ବି ଆଉ ଗୋଟିଏ, ଗୋଟିଏ ସ୍ତ୍ରୀ ହିଁ କାରଣ ହେଉଛି... ହେଲେ ସେ ସବୁ ଯେ ପେଟ ତା'ଖଣ୍ଡକ ପାଇଁ... କୁହ ପଛେ ତା'କୁ ପ୍ରେମର ଲୀଳା ବା ପାଲା ! କାରଣ ସେଠି ବି ଯେ ଆଖି ଖୋଜେ ସ୍ୱଚ୍ଛଳ ଜୀବନ ଯାତ୍ରାର ଅୟମାରମ୍ଭ ହେଲେ ବାତାବରଣ ବି ଅତ୍ୟୁକ୍ତି ନାହିଁ

ମାତ୍ର ପରିଶେଷ ହେଉଛି କ'ଣ...

ନା କୋଉ ବାପା, ମା' ଏଥିପ୍ରତି ସଚେତନ ହେଉଛନ୍ତି କି !

ନା ପୁରୁଷଟିଏ ସ୍ତ୍ରୀ କି ସ୍ତ୍ରୀଟିଏ ପୁରୁଷ ବନ୍ଧୁ ତିଆରୁ, ତିଆରୁ ତାଗିଦ୍ କରୁଛନ୍ତି କି... ବାରଣ କରୁଛନ୍ତି କି ଦେଖ, ବୁଝ, ଶୁଝ ସମୟ ପୂର୍ବରୁ ! ନା ଖୋଜାଖୋଜି କି ଅନୁସନ୍ଧାନ ସେ ପୁରୁଷ ବା ସ୍ତ୍ରୀର ଆୟ ଉପାର୍ଜନ ପନ୍ଥା କେମିତି ! କେମିତି ପୁଣି ତାର ଗତ ଇତିହାସ !

ଏବଂ ଏ ଇତିହାସ ଆସିଲେ ଯେ କେତେ, କେତେ ମହୀୟସୀ ନାରୀ ମାନଙ୍କ ନାଁ ବି ଆସେ ଆଖି ସାମ୍ନାକୁ ! କିନ୍ତୁ ଦୁଷ୍କର୍ମ କଥା ଆସିଲେ ଆଉ କ'ଣ ରହେ ! ସମୟ ବଦଳିଲା ପରି ସବୁ ବଦଳି ଯାଏ ! ପୁରୁଷଟିଏ ବି ଭୁଲିଯାଏ ସେ, ସେ ବି ସେପରି ନାରୀ ଗର୍ଭରୁ ଜନ୍ମ ହୋଇ ପୁଣି ସେପରି ନାରୀଙ୍କୁ ଛି କହିବନି... ମାତ୍ର ଘଟୁଛି ଦୁର୍ଘଟଣା ଘଟିଲା ପରି ଗୋଟିଏ ପରେ ଗୋଟିଏ ନାରକୀୟ କାଣ୍ଡ ଯେ କହି ହେଉଛି କି ଏ ଉଦ୍ ବେଗ ଜନକ ନୁହେଁ କି !

ନଚେତ୍ ମହିଷା ମର୍ଦ୍ଦିନୀ ମନେ ପଡିଲେ ପୁରାଣ ବି ହୋଇଯାଏ ତାଜା ! ଆଉ ରାଣୀ ଲକ୍ଷ୍ମୀବାଇ ମନେ ପଡିଲେ ଇତିହାସ ବି ହୋଇଯାଏ ଗାଥା ମାନେ ସେଠି ପୁଣି ଫୁଲନ୍ ଦେବୀ ପରି ଲୋକ ଅଛନ୍ତି କ'ଣ କହିବ । ବିଶ୍ୱାସ କରିବ... ମୋତେ ତ ଲାଗେ ସବୁ କାଳ୍ପନିକ । ଆମେ ଯେମିତି କବିତା, ଗଳ୍ପ ଲେଖୁଛୁ ଠିକ୍ ସେମିତି ତ । ନହେଲେ କ'ଣ ଭରସା ରହୁଛି ଆଇନ୍ କାନୁନ୍ ଉପରେ...

ବରଂ ନ ଶୁଣିବା କଥା ବି ଶୁଣା ଯାଉଛି ଡେମୋ କରି ବଖାଣିବା !

ଯାହା ସମୟ ସାପେକ୍ଷ ନୁହଁ ଓଲଟା ବୃଦ୍ଧି ପାଉଥିବା ଉତ୍ସୁକତା ବି କ୍ରମଶଃ ହତାଶରେ ପରିଣତ ହେବା ମାନେ ନ ବର୍ତ୍ତିବା ଅଭିଯୁକ୍ତ ବି ବର୍ତ୍ତି ଯାଉଛି ପଇସା ଖର୍ଚ୍ଚ କରି । ଜାମିନ୍ ପାଇ, କେସ୍ ଲଢି !

ଆଉ ଏଥିପାଇଁ ବୋଧହୁଏ ସରକାର ଏବେ ଘୋଷଣା କରିଛନ୍ତି ଗୁରୁତର ଦୁର୍ଘଟଣା ପ୍ରାପ୍ତ ବ୍ୟକ୍ତିଙ୍କୁ ସାହାଯ୍ୟ କଲେ ପୁରସ୍କାର ରାଶି ଦିଆଯିବ ବୋଲି...

ହେଲେ ଦୁର୍ଘଟଣା ଭିଆଇ କ'ଣ ହତ୍ୟା କରା ଯାଏନି କି !

କୁହନ୍ତୁ ତ ଏମିତି ଦୁଇ ଚକିଆ, ତିନି ଚକିଆ ଯାନ ବ୍ୟବହାରୀଙ୍କୁ ଚାରି, ଛଅ ଚକିଆ ଲଗାଇ ମାରି ଦିଆଗଲା । ଯେମିତି ମମିତା ମେହେର ହତ୍ୟାକାଣ୍ଡ ପୂର୍ବରୁ ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁ ଜଣକୁ ଟ୍ରାକ୍ଟର୍ ଲଗାଇ ହତ୍ୟା କରି ଦେଇଥିଲା ।

ହେଲେ ଆମର ବିଷୟବସ୍ତୁ ଯେ ହତ୍ୟାକାଣ୍ଡର ବୀଭତ୍ସ ରୂପ ଉପରେ !

ତେଣୁ ଛୋଟ, ଛୋଟ ବା ସାମାନ୍ୟ ହତ୍ୟା କାଣ୍ଡକୁ ମୁଁ ପରିସର ଭୁକ୍ତ କରିନି । କରିନି ଆତ୍ମହତ୍ୟା ସବୁକୁ ବି ମିଶେଇ । ନଚେତ୍ ଜାଣେ କାହିଁ ଅନାଦି କାଳରୁ ହୋଇ ଆସୁଛି, କେତେବେଳେ ଧନ, ସମ୍ପତ୍ତି ପାଇଁ ତ କେତେବେଳେ ପ୍ରେମ ପାଇଁ । ହଁ ଏ ପ୍ରେମ ପାଇଁ କିଏ ନିଜ ସ୍ୱାମୀ ତ ପୁଣି କିଏ ନିଜ ସ୍ତ୍ରୀ ଓ ଉଭୟେ ପ୍ରେମିକ, ପ୍ରେମିକା କେତେ, କେତେବେଳେ ନିଜ, ନିଜ ପୁଅ, ଝିଅକୁ ବି ହତ୍ୟା କରିବାକୁ ପଛାଉ ନାହାନ୍ତି ।

ବଳ ପୂର୍ବକ ହେଉ କି ହେଉ ସୁପାରି ଗୁଣ୍ଡା ଲଗାଇ...

ସେମିତି ମୁଣ୍ଡ, ଗଣ୍ଡି ଅଲଗା କରିବା କଥା ବି ପୁରୁଣା ହୋଇ ଗଲାଣି ବରଂ ହିନ୍ଦୀ ରହସ୍ୟ ଉପନ୍ୟାସର ସଂଳାପ ଟୁକଡେ, ଟୁକଡେ କର୍କେ ଚିଲ୍ କୋଓ୍ୱେକୋ ଖିଲା ଦେନା ଚାହିଏ ଯେମିତି ବାସ୍ତବ ରୂପ ନେଇ ଯାଉଛି ମାନେ କ'ଣ କହିବା ।

ସେ ଅଭିଯୁକ୍ତ ବା ଅପରାଧି ମାନେ କ'ଣ ମାଓବାଦୀଠୁ କମ୍ ଖୁଙ୍କାର ବିପଦପୁର୍ଣ୍ଣ ନୁହନ୍ତି ! ଠିକ୍ ସେମିତି କାଲି ଆପଣଙ୍କ ସହ ବି ହୋଇଯିବ । ତା'ଆର କାଲି ମୋ ସହ ବି ହୋଇଯିବ କ'ଣ କିଏ ନାହିଁ କହି ପାରିବ କି !

ହାଡ ନ ଥିବା ଜିଭର ଅଧିକାରୀ ପରା ମଣିଷ । ସେଠି ପୁଣି ବିଶ୍ୱାସରେ ବିଷ ଦେବା ଲୋକଙ୍କ ସଂଖ୍ୟା ବି କମ୍ ନୁହେଁ ଆଜିକାଲି ! ତେଣୁ ସାଧାରଣ ଦୁର୍ଘଟଣାରେ ପ୍ରାଣ ହରାଉଥିବା ବ୍ୟକ୍ତି ପାଇଁ ରାସ୍ତାରୋକ, ସହାୟତା ଦାବି ପ୍ରଦାନ ପରି ଏ କ୍ଷେତ୍ରରେ କ'ଣ ସ୍ୱର ଉତ୍ତୋଳନ କରିବା ସମୀଚିନ ନୁହେଁ କି ! ନା ଇଏ ସମ୍ବେଦନ ଶୀଳ ପ୍ରସଙ୍ଗ ନୁହେଁ...

ସେପଟେ ଦୁଇ କି ତିନି ଦିନ ତ ହୋଇଛି ଏକ ଖବରକାଗଜରେ ପଢିଥିଲି ରାଜ୍ୟରେ ବଢୁଛି ଅପରାଧ ଅର୍ଥାତ୍ ୨୦୨୦ରେ ହତ୍ୟା, ୨୦୨୧ରେ ଦୁଷ୍କର୍ମ ଓ ୨୦୨୨ରେ ଡକାୟତି !

ସେମିତି ମୋ ଚାରିଟି ହତ୍ୟାକାଣ୍ଡ ଭିତରୁ ଦୁଇଟି ଏ ରାଜ୍ୟ ସହ ବି ଜଡିତ ନୁହେଁ ତେବେ ଜାତି, ଧର୍ମ, ବର୍ଣ୍ଣ, ନିର୍ବିଶେଷରେ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ନୁହେଁ ନା ମାନବିକତା ଅନୁଯାୟୀ ଘୋର୍ ପରିପନ୍ଥୀ; କୁହ ନିଜେ !!

♥ ଇରିଗେସନ୍ କଲୋନୀ, ଲେନ୍ ୩, ଭବାନୀପାଟଣା, କଳାହାଣ୍ଡି
ମୋ - ୬୩୭୦୦୬୪୭୯୨

## ଅନୁଚିତ ମୋହ



ଅଣୁ ଗପ

ନଗେନ୍ଦ୍ର ନାଥ ପଟ୍ଟନାୟକ

କଥାଟି ସେକାଳର । ଭଗବାନ ମହାବୀର କୁଚ୍ଛ୍ର ତପସ୍ୟାରେ ନିମଗ୍ନ ରହିଥାନ୍ତି ଏକ ନିଘଂଚ ଜଙ୍ଗଲରେ ।

ସେଠିକାର ଜଣେ ଗାଈଆଳ ତାଙ୍କୁ ସମାଧସ୍ଥ ମୁଦ୍ରାରେ ଥିବା ଦେଖି ବେଜାଏ ଥଟ୍ଟା ଉପହାସ କରିଥିଲା । ଆକ୍ଷେପ ଓ ତାଚ୍ଛଲ୍ୟଭରା ସ୍ୱରରେ ଏଣୁତେଣୁ ଗୁଡେ ଅଶ୍ରାବ୍ୟ ଭାଷା କହି ତାଙ୍କୁ ଖୁବ୍ ହଇରାଣ ହରକତ କରିବାକୁ ଲାଗିଲା ।

ଏଥିରେ ଭଗବାନ ମହାବୀର ତିଳେମାତ୍ର ବିଚଳିତ ହୋଇ ନଥିଲେ କି କୁତ୍ସାରଟନା ପ୍ରତି ଭ୍ରୁକ୍ଷେପ କରି ନଥିଲେ ବରଂ ସେ ନିମଜ୍ଜିତ ରହିଥିଲେ ଗଭୀର ତପସ୍ୟାରେ ।

କଠୋର ତପସ୍ୟାରେ ବାଧା ଉପୁଜାଉଥିବା ଗାଈଆଳର ଅଭଦ୍ର ଗାଳିଗୁଲଜ ଓ ଟାହିଟାପରା କଥା ଅନତି ଦୂରରେ ଥିବା କିଛି ଲୋକଙ୍କ କାନରେ ବାଜିଲା । ସେଠିକାର ଜଣେ ଧନୀକ ଚଂଚଳ ପାଦ ପକେଇ ଭଗବାନ ମହାବୀରଙ୍କ ନିକଟକୁ ଛୁଟି ଆସିଲେ । ବିନମ୍ରତାର ସହିତ ହାତଯୋଡି କହିଲେ -ଦେବ ! ଆପଣଙ୍କୁ ଏ ମୂର୍ଖ ନିର୍ବୋଧ ତୁଚ୍ଛାଟାରେ ଏତେ କଷ୍ଟ ଯାତନା ଦେଇଚାଲିଛି, ବିଚରା ଆପଣଙ୍କୁ କଲବଲ କରି ବଡ ଅଡୁଆରେ ପକାଉଛି । ଆପଣଙ୍କ ରହିବା ପାଇଁ ଏଇଠି ଗୋଟେ ସୁଦୃଶ୍ୟ ଭବନ ତୋଳିଦେବି ବୋଲି ମୁଁ ଇଛା ପ୍ରକାଶ କରୁଛି । ଏମିତି ସୁରକ୍ଷା ବ୍ୟବସ୍ଥା କରାଇ ଦେବି ଯାହାଦ୍ୱାରା ଆପଣ ନିଶ୍ଚିନ୍ତ ହୋଇ ତପ ସାଧନା କରିପାରିବେ ।

ସ୍ୱାମୀଜି କହିଲେ -ବତ୍ସ ! ସାଧନର ଅନୁଚିତ ମୋହ ହିଁ ମନୁଷ୍ୟକୁ ସଂସାରୀ କରିଦିଏ । ସେ ଭୌତିକ ତଥା କ୍ଷଣିକ ଦେହସୁଖ ସମ୍ଭୋଗରେ ମାତିଯାଏ । ସେଥିରୁ ଥରଟିଏ ଉବୁରି ଆସିଲେ ପରେ ମଣିଷ-ଜୀବ ପାଇଁ ଆତ୍ମିକ ଶାନ୍ତି ଓ ପରମ ସନ୍ତୋଷ ପ୍ରାପ୍ତ ହେବାର ମାର୍ଗ ଉନ୍ମୁକ୍ତ ହୋଇଯାଏ । ଯାର ତୁଳନାରେ ଏ ପ୍ରାବଧାନ ତୁଚ୍ଛ । ତମେ ଏଥିରେ ଅଯଥାରେ ମୁଣ୍ଡ ଖେଳାଅନି । ଏଥିପାଇଁ ତୁମେ ଅକାରଣେ ଚିନ୍ତାର ଘାରି ହୁଅନାହିଁ ।

ଭଗବାନ ମହାବୀରଙ୍କ ଏ ଦୃଢ ମନୋବଳ ଦେଖି ହତବମ୍ବ ଗାଈଆଳ ବି ଅଗତ୍ୟା ପରାଜୟ ସ୍ୱୀକାର କଲା । ଏଣିକି ସେ ଆଉ ହରକତ କରିବାକୁ ସାହସ ଜୁଟେଇ ପାରିଲା ନାହିଁ ।

କ୍ଷମା, ତିତିକ୍ଷା ଗୁଣର ଅବତାରଣା କରି ଭଗବାନ ମହାବୀର କହନ୍ତି-ମୁଁ ସବୁ ଜୀବଙ୍କଠୁ କ୍ଷମା କାମନା କରେ । ମୁଁ ମୈତ୍ରୀଭାବ ପ୍ରକଟ କରେ ଜଗତର ସବୁ ପ୍ରାଣୀଙ୍କ ପ୍ରତି । କାହା ପ୍ରତି ଶତ୍ରୁତା ଆଚରଣ କରେନାହିଁ । ସଚ୍ଚା ହୃଦୟର ସହ ଧର୍ମରେ ସ୍ଥିର ଅଟଳ ରହେ ।

♥ ଓସ୍କାର ସିଟି,
ପ୍ଲଟ ନଂ-୪୫୪ ,ଲେନ ନଂ-୯
ଲକ୍ଷ୍ମୀସାଗର କେନାଲ ରୋଡ, ଭୁବନେଶ୍ୱର
ମୋ-୯୪୩୮୩୩୨୧୩୮



କଲମ ଆଜ୍ ଉନକୀ ଜୟ ବୋଲ୍
ଯୋ ଚଢ଼ ଗୟେ ପୁଣ୍ୟ ବେଦୀ ପର୍
ଲିୟେ ବିନା ଗରଦନ୍ କା ମୋଲ୍,
ସାକ୍ଷୀ ହେଁ ଜିନକୀ ମହିମା କେ
ସୂର୍ଯ୍ୟ, ଚନ୍ଦ୍ର, ଭୂଗୋଲ୍, ଖଗୋଲ୍
କଲମ ଆଜ୍ ଉନକୀ ଜୟ ବୋଲ୍ ...

- ରାଷ୍ଟ୍ରକବି ଶ୍ରୀ ରାମଧାରୀ ସିଂହ 'ଦିନକର'



## ବମ୍ ତୁଲ୍ ବୁଖାରା

୬୩



ଦୀପକ ରଂଜନ ମିଶ୍ର

## ॥ ବୀର ଚନ୍ଦ୍ରସିଂହ ଗଢ଼ବାଲୀ - ୪ ॥

ଫାୟାରିଂ ଲାଇନ୍‌ରେ ପହଞ୍ଚିବାର ତୃତୀୟ ଦିନ ଚନ୍ଦ୍ରସିଂହ ଓ ତାଙ୍କ ଜଣେ ସାଥୀଙ୍କୁ ଜଣେ ଲାନ୍ସ ନାୟକଙ୍କ ସହିତ ଚଟ୍‌ନୀ ଗାରଦ କାମରେ ଲଗାଇ ଦିଆଯାଏ । ଏଇ ଗାରଦ (ଦଳ)ର କାମ ଚଟୁଣୀ ବାଟିବା ନୁହେଁ, ଚଟୁଣୀ ଭଳି ଦୁଇଟି ପଥର ଭିତରେ ପେଷି ହେବା । ସେଇଥିପାଇଁ ବୋଧହୁଏ ସିପାହୀମାନେ ଏଇ ଦଳର ଏଭଳି ନାମକରଣ କରିଥାନ୍ତି । ଚଟ୍‌ନୀ ଗାରଦର କାମ ହେଲା ନିଜେ ଛପିଥିବା ଗାତରୁ ବାହାରି ଶତ୍ରୁଙ୍କ ଶିବିର ନିକଟକୁ ଯାଇ ଗୁପ୍ତରେ ସେମାନଙ୍କର ଖବର ସଂଗ୍ରହ କରିବା । ଏମାନେ ପ୍ରତି ମୁହୂର୍ତ୍ତରେ ନିଜ ଓ ଶତ୍ରୁସେନାଙ୍କ ଭିତରେ ଚଟୁଣୀ ହେବାପାଇଁ ପ୍ରସ୍ତୁତ ହୋଇ ରହିଥାନ୍ତି । କାରଣ ଉଭୟ ଦିଗରୁ ଫୁଟୁଥିବା ଗୁଳି ଆପଣା ଓ ପର ଭିତରେ କୌଣସି ଭେଦଭାବ ରଖି ନଥାଏ । ସେଇ ଗାରଦରେ ଥିବା ତିନିଜଣ ଭିନ୍ନ ଭିନ୍ନ ବିଭାଗର ଥାଆନ୍ତି । ଚନ୍ଦ୍ରସିଂହଙ୍କୁ ତାଙ୍କ ହାବିଲ୍‌ଦାର ସବୁ ବିପଦ ଆପଦ ବିଷୟରେ ବିସ୍ତାରରେ ବୁଝାଇ ଦେଇଥାନ୍ତି । ସେମାନଙ୍କୁ ଗୋଟିଏ ସଙ୍କେତ ଶବ୍ଦ ଦିଆହୋଇଥାଏ ଯାହାକୁ ସେମାନେ ଆବଶ୍ୟକ ସ୍ଥଳେ ଆପଣା ଚିହ୍ନଟ ପାଇଁ ବ୍ୟବହାର କରିବେ । ସେଇ ଦିନକ ପାଇଁ ସଙ୍କେତ ଶବ୍ଦ ଥାଏ - 'ଦିଲ୍ଲୀ' ।

ଗୁପ୍ତ ଖବର ସଂଗ୍ରହ ଉଦ୍ଦେଶ୍ୟରେ ଶତ୍ରୁମାନେ ଲୁଚିଥିବା ଖାଇ ପାଖକୁ ଯିବାକୁ ହେଲେ ସେମାନେ କ'ଣ ସିପାହୀଙ୍କ ଭଳି ମାର୍ଚ୍ଚ କରି କରି ଯାଆନ୍ତେ ? ସେମାନଙ୍କୁ ମାଟି ଉପରେ ପେଟେଇ ପେଟେଇ ଠିକ୍ ସାପ ଭଳି ଆସ୍ତେ ଆସ୍ତେ ଆଗକୁ ବଢ଼ିବାକୁ ହୋଇଥାଏ । ଶତ୍ରୁମାନେ ପ୍ରାୟ ଶହେ ଗଜ ଦୂରରେ ଖାଇ ଭିତରେ ଲୁଚି ରହିଥାନ୍ତି । ୬୦ ଗଜ ପେଟେଇ ପେଟେଇ ଆଗକୁ ବଢ଼ିବା ପରେ ଗୋଟେ ଗାତ ପାଖରେ ସେମାନେ ପହଞ୍ଚନ୍ତି । ତାହାରି ଭିତରେ ତିନିହେଁ ବସିପଡ଼ି କିଛି ସମୟ ଚାରିଆଡ଼କୁ ସତର୍କତାର ସହିତ ଲକ୍ଷ୍ୟ କରି ପୁଣି ଆଗକୁ ବଢ଼ନ୍ତି । ଶତ୍ରୁଙ୍କ ଗତିବିଧି ଲକ୍ଷ୍ୟକରି ଆପଣା ଗୁପ୍ତସ୍ଥାନକୁ ଫେରିବା ବେଳକୁ ଅନ୍ଧାରରେ ସେମାନେ ବାଟବଣା ହୋଇ ଅଳ୍ପ ଦୂରରେ ଥିବା ଆଉ ଗୋଟେ ଶତ୍ରୁ ଶିବିର ଆଡ଼କୁ ମାଡ଼ିଯାଆନ୍ତି । ଖାଇ ପାଖରେ ପହଞ୍ଚିଯିବାରୁ ସେଇଠି ପହରା ଦେଉଥିବା ଜର୍ମାନ୍ ସୈନିକ ସେମାନଙ୍କୁ ବନ୍ଧୁକ ଦେଖାଇ ଠିଆହେବାକୁ ଆଦେଶ ଦିଏ । ଏମାନେ ତା' କଥା ଆଦୌ ବୁଝି ପାରନ୍ତି ନାହିଁ । ଲାନ୍ସ ନାୟକ ଭାବନ୍ତି ସନ୍ତରୀ ଜଣକ ସେମାନଙ୍କୁ ସେଦିନର ସଙ୍କେତ ଶବ୍ଦ ପଚାରୁଛି ବୋଲି । ସେଥିପାଇଁ ସେ ଟିକିଏ ଉଚ୍ଚ ସ୍ୱରରେ କହନ୍ତି - 'ଦିଲ୍ଲୀ'... 'ଦିଲ୍ଲୀ' । ସଙ୍କେତ ଶବ୍ଦରୁ ସନ୍ତରୀ ଜଣକ ବେଶ୍ ଜାଣିପାରେ ଏମାନେ ଶତ୍ରୁପକ୍ଷର ଲୋକ ବୋଲି । ଏମାନଙ୍କ ଆଡ଼କୁ ଲକ୍ଷ୍ୟ କରି ଗର୍ଜିଉଠେ ତା'ର ବନ୍ଧୁକ । ଚନ୍ଦ୍ରସିଂହ ପରିସ୍ଥିତିର ଗମ୍ଭୀରତା ଅନୁମାନ କରି ବୁଲିପଡ଼ି ପ୍ରାଣମୂର୍ଚ୍ଛା ଧାଇଁବାକୁ ଲାଗନ୍ତି ବିପରୀତ ଦିଗରେ । ସୌଭାଗ୍ୟକୁ ପାଖରେ ଗୋଟେ ଗାତ ପାଇଯିବାରୁ ସେ ତା'ରି ଭିତରକୁ ଡେଇଁପଡ଼ି ଛପି ଯାଆନ୍ତି । ହେଲେ ତାଙ୍କ ସାଥୀ ଦ୍ୱୟ ନିହତ ହୁଅନ୍ତି ଜର୍ମାନ ସୈନିକଙ୍କ ଗୁଳିରେ । ଭୟରେ କୁଙ୍କୁରି କାଙ୍କୁରି ଚନ୍ଦ୍ରସିଂହ କେବଳ ଗଢ଼ମାତାଙ୍କ ସୁମରଣା କରୁଥାନ୍ତି । କିଛିଘଣ୍ଟା ପରେ ସୂର୍ଯ୍ୟ ଉଦୟ ହୁଏ । ଚାରିଆଡ଼ ଆଲୋକିତ ହୋଇଯିବାରୁ ଗାତରୁ ବାହାରିବା ହୋଇପଡ଼େ ବିପଦପୂର୍ଣ୍ଣ । ସାରା ଦିନ ସେଇମିତି ମୃତବତ୍ ସେଇ ଗାତ ଭିତରେ ପଡ଼ି ରହନ୍ତି ଚନ୍ଦ୍ରସିଂହ । ସୂର୍ଯ୍ୟାସ୍ତ ପରେ ପୁଣି ଅନ୍ଧାର ଘନେଇ ଆସିବାରୁ ସତର୍କତାର ସହ ଆସ୍ତେ ଆସ୍ତେ ଗାତରୁ ବାହାରକୁ ବାହାରି ସେ ତାଙ୍କ ଶିବିର ଆଡ଼କୁ ମୁହାଁନ୍ତି ।

ଆପଣା ଶିବିର ନିକଟରେ ପହରା ଦେଉଥିବା ସିପାହୀ କେହି ଆସୁଥିବା ଦେଖି ବଡ଼ ପାଟିରେ ଆଦେଶ ଦେବା ଭଙ୍ଗୀରେ 'ହଲ୍ଟ' ବୋଲି କହେ । ଚନ୍ଦ୍ରସିଂହ ବାରମ୍ବାର ଉଚ୍ଚାରଣ କରନ୍ତି ତାଙ୍କ ସଙ୍କେତ ଶବ୍ଦ । ହେଲେ ହେଡ୍ କ୍ୱାର୍ଟର୍‌ରୁ ପ୍ରତିଦିନ ସୁରକ୍ଷା ଦୃଷ୍ଟିରୁ ସଙ୍କେତ ଶବ୍ଦ ବଦଳି ଯାଉଥିବାରୁ ସିପାହୀ ଚନ୍ଦ୍ରସିଂହଙ୍କୁ ଭିତରକୁ ଛାଡ଼େନି । ଏଥର ସେ ପରିଚୟ ଦେବାକୁ ଯାଇ ନିଜ ନାଁ ଚନ୍ଦ୍ରସିଂହ ବୋଲି କହନ୍ତି । ହେଲେ ବିନା ସଙ୍କେତ ଶବ୍ଦରେ କାହାରିକୁ ଭିତରକୁ ଛାଡ଼ିବାକୁ ଆଦେଶ ନାହିଁ । ଆଗପଛ ବିଚାର ନକରି ଚନ୍ଦ୍ରସିଂହ ତାଙ୍କ ସାଥୀମାନେ ଥିବା ଖାଇ ଭିତରକୁ ଡେଇଁ ପଡ଼ନ୍ତି । ସିପାହୀ ଜଣକ ତାଙ୍କ ହାବଭାବ ଦେଖି ସନ୍ଦେହରେ ପଡ଼ି ଗୁଳି ଚଳାଏନି । ତାଙ୍କୁ ଧରିନେଇ କମ୍ପାନୀ କମାଣ୍ଡରଙ୍କ ଆଗରେ ହାଜର୍ କରାଯାଏ । ଗତ ରାତିର ସବୁକଥା ତାଙ୍କ ଆଗରେ ବର୍ଣ୍ଣନା କରିବା ସହ ନିଜ ଦୁଇ ସାଥୀଙ୍କର ମୃତ୍ୟୁ ଖବର ବି ଦିଅନ୍ତି । ସେଇ ରାତିରେ ଅନ୍ୟ ଦୁଇଜଣଙ୍କ ସହ ଚନ୍ଦ୍ରସିଂହଙ୍କୁ ପୁଣି ଚଟ୍‌ନୀ ଗାରଦରେ ଶତ୍ରୁପକ୍ଷଙ୍କ ଆଡ଼କୁ ପଠାଯାଏ । ହେଲେ ଦୁଇ ମୃତ ସାଥୀଙ୍କ ବିଷୟରେ କିଛି ବି ସୂଚନା ସେମାନଙ୍କର ହସ୍ତଗତ ହୋଇପାରେ ନାହିଁ । ଲାଗ୍ ଲାଗ୍ ଦୁଇଥର ଚଟ୍‌ନୀ ଗାରଦରେ ଯିବା ଯୋଗୁଁ ଖୁବ ଥକି ପଡ଼ନ୍ତି ଚନ୍ଦ୍ରସିଂହ । ହେଲେ ସିପାହୀଙ୍କୁ ବିଶ୍ରାମ ପାଇଁ ସମୟ କୋଉଠି ମିଳେ ଯେ ! ତାଙ୍କୁ ଭାରି ବନ୍ଧୁକ କାନ୍ଧରେ ଧରି ପହରା ଦେବାକୁ ହୁଏ । ଦୁଇଦିନ ପରର ଘଟଣା । ଚନ୍ଦ୍ରସିଂହଙ୍କ ପହରା ଦେବା ଡ୍ୟୁଟି ଦିନ ବାରଟାରୁ ଦୁଇଟା ପର୍ଯ୍ୟନ୍ତ ଥାଏ । କେଉଁ କେଉଁ ପୋଷ୍ଟରେ ଦୁଇଜଣ ଲେଖା ଜବାନ୍ ସାଥୀହୋଇ ପହରା ଦେବାବେଳେ ଯାଙ୍କ ପୋଷ୍ଟରେ ଥାଏ ଜଣେ ପହରା ଦେବାର ବ୍ୟବସ୍ଥା । ଚନ୍ଦ୍ରସିଂହ ଏକା ଠିଆ ହୋଇ ଚାରିଆଡ଼କୁ ନଜର ରଖିଥିବା ବେଳେ ତାଙ୍କରି ଗାଁର ସିପାହୀ ଜଙ୍ଗୀସିଂହ ପାଖକୁ ଆସି ପଚାରେ ତାଙ୍କ ପାଖରେ ଇଣ୍ଡିଆନ୍ ସିଗାରେଟ୍ ଅଛି କି ବୋଲି । ମୁଣ୍ଡ ଟୁଙ୍ଗାରି ଚନ୍ଦ୍ରସିଂହ କହନ୍ତି, "ଅଛି ଯେ, ମୁଁ କ'ଣ ତାକୁ ପକେଟ୍‌ରେ ରଖି ବୁଲୁଛି । କପଡ଼ାଲତା ଥିବା ବ୍ୟାଗ୍ ଭିତରେ ଅଛି । ଡ୍ୟୁଟି ସରିଲେ ମୁଁ ତୁମକୁ ବାହାର କରି ଦେଇ ପାରିବି ।"




ସେଇଠି ସିପାହୀମାନଙ୍କୁ ଫ୍ରାନ୍ସରେ ନିର୍ମିତ ସିଗାରେଟ୍ ଦିଆ ହେଉଥିଲା ପିଇବା ପାଇଁ । ତାହା ଅତ୍ୟଧିକ କଡ଼ା ହୋଇଥିବାରୁ ସିପାହୀମାନେ ତାକୁ ପିଇବା ପାଇଁ ଆଦୌ ପସନ୍ଦ କରୁ ନଥିଲେ । ଭାରତରେ ନିର୍ମିତ ସିଗାରେଟ୍ ସେମାନଙ୍କର ଭାରି ପସନ୍ଦ । ଫ୍ରାନ୍ସରେ ଯେ ଉଚ୍ଚ ମାନର ସିଗାରେଟ୍ ନିର୍ମିତ ହେଉ ନଥିଲା ତାହା ନୁହେଁ । ହେଲେ ଭାରତୀୟ ଭଡ଼ାଟିଆ ସିପାହୀଙ୍କୁ ସେସବୁ କାହିଁକି ଦେବେ ସେମାନେ । ନିମ୍ନ ମାନର ଜିନିଷ ଦେଇ ଯେମିତି ହେଲେ କାମ ଚଳାଇ ନେବା କଥା ।

କିଛି ସମୟ ଚୁପ୍ ହୋଇ ବସିରହି କାମିଜ୍‌ରେ ଥିବା ଉକୁଣୀ ମାରିବା ପରେ ଜଙ୍ଗୀସିଂହ ନିଜ ଖାକି କାମିଜ୍‌ଟିକୁ ଗଳାଇ ଚନ୍ଦ୍ରସିଂହଙ୍କୁ କହେ, "ଯାଅ, ସିଗାରେଟ୍ ନେଇଆସ । ସେତେବେଳ ପର୍ଯ୍ୟନ୍ତ ତୁମ ଜାଗାରେ ମୁଁ ଠିଆହୋଇ ପହରା ଦେଉଛି ।" ଚନ୍ଦ୍ରସିଂହ ନିଜ ରାଇଫଲ୍‌ଟି ସାଥୀ ହାତକୁ ବଢ଼ାଇ ଦେଇ ପଶିଯାଆନ୍ତି ଖାଇ ଭିତରକୁ ସିଗାରେଟ୍ ଆଣିବା ଉଦ୍ଦେଶ୍ୟରେ । ଜଙ୍ଗୀସିଂହ ବଡ଼ ବ୍ୟଗ୍ରତାର ସହ ଅପେକ୍ଷା କରିଥାଏ ନିଜ ମନପସନ୍ଦର କଳେ ଧୂଆଁ ଟାଣିବା ପାଇଁ । ଚନ୍ଦ୍ରସିଂହ ହାତରୁ ଇଣ୍ଡିଆନ୍ ସିଗାରେଟ୍ ଖଣ୍ଡେ ପାଇ ସେ ଭାରି ଖୁସି ହୋଇଯାଏ । ହେଲେ ତାକୁ ଓଠରେ ଲଗାଇ ଦିଆସିଲି ଜଳାଇଲା ବେଳେ ଅଚାନକ୍ ଶତ୍ରୁ ପକ୍ଷରୁ ଏକ ଗୋଳା ଆସି ସେଇ ପାଖରେ ଫୁଟେ । ଭୀଷଣ ଶବ୍ଦରେ ସାରା ଖାଇ ଥରିଉଠେ । ମାଟି ଛିଟ୍‌କି ଚନ୍ଦ୍ରସିଂହଙ୍କ ଉପରେ ପଡ଼େ । ଭାଗ୍ୟ ଭଲ, ସିଗାରେଟ୍ ଖଣ୍ଡେ ବଢ଼େଇ ଦେଇ ସେ କୌଣସି କାମରେ ଟିକିଏ ଦୂରକୁ ଚାଲି ଆସିଥିବାରୁ ତାଙ୍କର କିଛି ହୁଏନି । ହେଲେ ସାଥୀ ଜଙ୍ଗୀସିଂହର ଶରୀର ଶକ୍ତ ବିସ୍ଫୋରଣ ଯୋଗୁଁ ଖଣ୍ଡ ବିଖଣ୍ଡିତ ହୋଇ ବିଛାଡ଼ି ହୋଇ ପଡ଼ିଥାଏ ଏଠି ସେଠି । ଯେଉଁ ଖାଇ ଭିତରେ ସାଥୀମାନେ ଶୋଇଥାନ୍ତି ତା' ମୁହଁରେ ମାଟି ଭର୍ତ୍ତି ହୋଇଯାଏ । ଛାନିଆଁ ହୋଇ ତାକୁ ଖୋଳି ବାହାର ନକରିଥିଲେ ଶ୍ୱାସରନ୍ଧ ହୋଇ ମରିବାକୁ ବା କେତେ ସମୟ ଲାଗିଥାନ୍ତା । ଗାତ ଭିତରୁ ବାହାରକୁ ବାହାରିବା ବେଳେ ସମସ୍ତେ ବରଡ଼ା ପତ୍ର ଭଳି ଭୟରେ ଥରୁଥାନ୍ତି । ବିଚରା ଜଙ୍ଗୀସିଂହ ଭାଗ୍ୟରେ ଖଣ୍ଡେ ଇଣ୍ଡିଆନ୍ ସିଗାରେଟ୍ ପିଇବା ନଥାଏ । ଏଠି ସେଠି ପଡ଼ିଥିବା ତା'ର ଶରୀରାଂଶକୁ ଗୋଟିଏ ଅଖାବସ୍ତାରେ ପୂରାଇ ନାଁ ଲେଖି ହେଡ୍ କ୍ୱାଟର୍‌କୁ ପଠାଇ ଦିଆଯାଏ ।

ମାଟି ଭିତରେ ସୁଡ଼ଙ୍ଗ ଭଳି ଗୋଟେ ଗୋଟେ ଗାତ ଖୋଳି ତାହାରି ଭିତରେ ସିପାହୀମାନେ ଦିନ ଦିନ ଧରି ଶତ୍ରୁ ସହିତ ଯୁଦ୍ଧ କରିବାକୁ ଛପି ରହୁଥିଲେ । ଗାଧୋଇବା ତ ଦୂରର କଥା ଲୁଗା ବଦଳାଇବା ବି ଥିଲା ସେମାନଙ୍କ ପାଇଁ ସ୍ୱପ୍ନ । ଆଠ ଦଶଦିନ ଧରି ସେମାନେ ପାଦରୁ ଜୋତା ବି ଖୋଲି ପାରୁ ନଥିଲେ । କେତେବେଳେ କେମିତି ବର୍ଷା ଯୋଗୁଁ ରହୁଥିବା ଗାତ ଭିତରକୁ ପାଣି ପଶି ସେଇ ଜାଗା ସନ୍ତସନ୍ତିଆ ହୋଇ ଯାଉଥିଲା । ଆଙ୍ଗୁଠି ଗୁଡ଼ିକ ଜୋତା ଭିତରେ ରହି ରହି ସେଥିରେ ହୋଇଯାଉଥିଲା ଘା' । ସମଗ୍ର ଶରୀରରେ ଉକୁଣି ସାଲୁବାଲୁ ହୋଇ ଅସ୍ଥିର କରି ପକାଉଥିଲେ ସିପାହୀମାନଙ୍କୁ । ଉକୁଣିକୁ ମାରିବା ଉଦ୍ଦେଶ୍ୟରେ ମାଟିଆ ରଙ୍ଗର ଚୂର୍ଣ୍ଣ ଥିବା ଗୋଟେ ଗୋଟେ ଡବା ଫାୟାରିଂ ଲାଇନ୍‌ରେ ଥିବା ପ୍ରତ୍ୟେକ ସେକ୍ସନ୍‌କୁ ଦିଆହୁଏ । ହିନ୍ଦୁସ୍ଥାନୀ ସିପାହୀମାନେ ଜାଣି ନଥାନ୍ତି ସେଇଟା କି ଜିନିଷ ବୋଲି । ଡବା ଉପରେ ଲାଗିଥିବା ଲେବେଲ୍‌ରେ ଇଂରାଜୀ ଭାଷାରେ କ'ଣ କ'ଣ ଲେଖା ହୋଇଥାଏ ଅବଶ୍ୟ । ହେଲେ ଇଂରାଜୀ ଅକ୍ଷର କିଏ ବା ପଢ଼ିପାରୁଛି ଯେ ସେସବୁ ବୁଝି ପାରିବ । ଚନ୍ଦ୍ରସିଂହ ଡବାଟିକୁ ହାତରେ ଧରି ଯେତେ ଓଲଟପାଲଟ କଲେ ବି କିଛି ଜାଣି ପାରନ୍ତି ନାହିଁ । ଢାଙ୍କୁଣି ଖୋଲି ଦେଖିବାରୁ ଭିତରେ ଥିବା ମାଟିଆ ଗୁଣ୍ଡ ତାଙ୍କୁ ତରକାରୀରେ ବ୍ୟବହାର କରାଯାଉଥିବା ଗରମ ମସଲା ଭଳି ଜଣାପଡ଼େ । ଅବିକଳ ସେଇଭଳି ବାସ୍ନା ବି ହେଉଥାଏ ନାକକୁ । ବିଦେଶ ମାଟିରେ ଆବୁରୁ ଜାବୁରୁ ଖାଇ ପାଟିଟା ଖରାପ ହୋଇଯାଇଥିବାରୁ ବୋଧେ ସରକାର ବାହାଦୂର ସେମାନଙ୍କ ପାଇଁ ଗରମ ମସଲା ଡବାଏ ଲେଖା ପଠାଇଛନ୍ତି ବୋଲି ସେ ଭାବନ୍ତି । ସେମାନଙ୍କ ଖାଇବା ପାଇଁ ହେଡ୍‌କ୍ୱାଟରରୁ ଗତ ରାତିରୁ ଆସି ସିଝାଆଳୁ ଓ ରୁଟି ରଖାହୋଇଥାଏ । ବଞ୍ଚିବା ପାଇଁ ତାକୁ କଷ୍ଟେ ମଷ୍ଟେ ଗିଳି ପକାଇବା କଥା ଯାହା । ଚନ୍ଦ୍ରସିଂହ ଭାବନ୍ତି ସେଇ ଗରମ ମସଲା ବ୍ୟବହାର କରି ତାଙ୍କ ସାଥୀମାନଙ୍କୁ ସ୍ୱାଦିଷ୍ଟ ଆଳୁକଷା ଖୁଆଇବେ ବୋଲି । ଠାଏ ନିଆଁ ଜଳାଇ ସେଇ ସିଝାଆଳୁରେ ଗରମ ମସଲା ଗୋଳାଇ କଷିବାକୁ ଲାଗନ୍ତି ଚନ୍ଦ୍ରସିଂହ । ସାଥୀ ସିପାହୀମାନେ ଆଳୁକଷା ଖାଇ ତାଙ୍କର ଭାରି ପ୍ରଶଂସା କରନ୍ତି । ପାଖ ସେକ୍ସନ୍‌ର ସିପାହୀମାନେ ବି ସେମାନଙ୍କ ରୁଟି ନେଇଆସି ଏମାନଙ୍କ ପାଖରୁ ଆଳୁକଷା ଟିକିଏ ଟିକିଏ ମାଗି ଭାରି ଖୁସି ହୋଇ ଖାଆନ୍ତି । ସମସ୍ତେ ଏମିତି କରେଇ ଚାଟି ପୋଛି ଖାଇ ଦିଅନ୍ତି ଯେ ବିଚରା ଚନ୍ଦ୍ରସିଂହଙ୍କ ପାଇଁ ଆଉ ଟିକିଏ ବି ଆଳୁକଷା ବଳେନି । ଶୁଖିଲା ବାସି ରୁଟି ଚୋବାଇ ଚୋବାଇ ଗିଳିଲା ବେଳେ ଭାରି ମନକଷ୍ଟ ହେଉଥାଏ ତାଙ୍କର ।

ହେଲେ ଦଶ ପନ୍ଦର ମିନିଟ୍ ଭିତରେ ପେଟ ଘାଣ୍ଟି ସେଇ ଦୁଇ ସେକ୍ସନ୍‌ର ସିପାହୀମାନଙ୍କର ପ୍ରବଳ ବାନ୍ତି ଆରମ୍ଭ ହୋଇଯାଏ । ପାଟିରୁ ଫେଣ ବାହାରିବାରୁ କ'ଣ କିଛି ବିଷାକ୍ତ ଜିନିଷ ଆଉ ସେମାନେ ଖାଇ ଦେଇଛନ୍ତି କି ଭାବି ଛନକା ପଶେ ସଭିଙ୍କ ଛାତିରେ । ଡାକ୍ତରଙ୍କ ପାଖକୁ ଖବର ପଠାଯାଏ । କମ୍ପାନୀ କମାଣ୍ଡର ଥାଆନ୍ତି ଜଣେ ଇଂରେଜ ସାହେବ । ଏଭଳି ଅବସ୍ଥା ଦେଖି କ'ଣ ସେମାନେ ଖାଇଛନ୍ତି ବୋଲି ସେ ଚନ୍ଦ୍ରସିଂହଙ୍କୁ ପଚାରନ୍ତି । ଗରମ ମସଲା ଥିବା ଡବାଟି ଚନ୍ଦ୍ରସିଂହ ସାହେବଙ୍କୁ ଦେଖାଇ ଦେବାରୁ ସେ ଏକାବେଳକେ ରାଗି ନିଆଁବାଣ ହୋଇ ଚିତ୍କାର କରନ୍ତି, "ଗଜମୂର୍ଖ ଗୁଡ଼ା କିରେ ତୁମେମାନେ ! ଏଇଟା ତ ଉକୁଣି ମରା ବିଷ । କିଏ କହିଲା ତୁମକୁ ଗରମ ମସଲା ବୋଲି ।" ଡାକ୍ତର ସେଠାକୁ ଆସି ସବୁକଥା ଜାଣି ସିପାହୀମାନଙ୍କ ଉପରେ ଭୀଷଣ ବିରକ୍ତ ହୁଅନ୍ତି । ଯା'ହେଉ ଠିକ୍ ସମୟରେ ଚିକିତ୍ସା ଆରମ୍ଭ ହୋଇଯିବାରୁ ସଭିଏଁ ଭଲ ହୋଇ ଯାଆନ୍ତି । କାହାର ପ୍ରାଣହାନୀ ଘଟେନି । ଚନ୍ଦ୍ରସିଂହ ଆପଣା କର୍ମ ପାଇଁ ଅନୁତାପ କରିବା ସହ ଲଜ୍ଜାବୋଧ କରନ୍ତି । ସିପାହୀମାନେ ତାହା ଉକୁଣିମରା ଔଷଧ ବୋଲି ଜାଣିବା ପରେ ସେଥିରୁ ଟିପେ ଟିପେ ବାହାର କରି ନିଜ ନିଜ ଛାତି ପିଠିରେ ଘଷନ୍ତି । ସେଇ ଗୁଣ୍ଡ ଦେହରେ ଲାଗିଲେ ପ୍ରଥମେ ଟିକେ ଜଳେ ସିନା ହେଲେ କିଛି ସମୟ ପରେ ସେଠାରେ ଥିବା ଉକୁଣିଗୁଡ଼ିକ ଆପେ ଆପେ ମରି ତଳକୁ ଝଡ଼ି ପଡ଼ନ୍ତି । ସମଗ୍ର ଦେହରେ ପାଉଡର ଲଗାଇଲା ଭଳି ବୋଳି ହୋଇ ବେଲ୍ଟ ଖୋଲି ପେଣ୍ଟ ଝାଡ଼ିଲା ବେଳକୁ ଗୋଟେ ଗୋଟେ ତୋଳା ଓଜନର ଉକୁଣି ମରି ପଡ଼ିଥାନ୍ତି ପାଦ ପାଖରେ ।

ଏଭଳି ଭାବରେ ପନ୍ଦର ଦିନ ଫାୟାରିଂ ଲାଇନ୍‌ରେ ଗାତ ଭିତରେ ରହିବା ପରେ ଚନ୍ଦ୍ରସିଂହଙ୍କ ବାଟାଲିୟନ୍‌କୁ ବିଲେତ୍ (ବିଶ୍ରାମ) ପାଇଁ ପଛକୁ ପଠାଇ ଦିଆଯାଏ ଓ ତାଙ୍କ ଜାଗାରେ ଗୋଟେ ପଞ୍ଜାବୀ ବାଟାଲିୟନ ଆସି ଯୋଗଦିଏ । ପନ୍ଦର ଦିନର ମାଟିତଳ ରହଣୀ ସେମାନଙ୍କୁ ପନ୍ଦର ଯୁଗ ଭଳି ଲାଗୁଥାଏ । ଖାଇରୁ ବାହାରି ଚଉଦ ମାଇଲ ଚାଲି ଚାଲି ପଛକୁ ଫେରିବା ପରେ ସେମାନେ ଗୋଟିଏ ଗାଁରେ ପହଞ୍ଚନ୍ତି । ଗ୍ରାମବାସୀମାନଙ୍କୁ ଚାରୋଟି ଘର ମାଗି ସେଠାରେ ବିଶ୍ରାମ କରନ୍ତି । ସେଇ ବିଶ୍ରାମ ବେଳରେ ସେମାନଙ୍କୁ ବୋମା ନିର୍ମାଣ କାର୍ଯ୍ୟ କରିବାକୁ ହୋଇଥାଏ । ଚନ୍ଦ୍ରସିଂହଙ୍କ ଭାଗରେ ପଡ଼େ ବିଭିନ୍ନ ରାସାୟନିକ ପଦାର୍ଥକୁ ଗୁଣ୍ଡ କରିବାର କାମ । ପନ୍ଦର ଦିନର ବିଲେତ୍ ପରେ ପୁଣି ସେମାନଙ୍କୁ ଫାୟାରିଂ ଲାଇନ୍‌କୁ ପଠାଯାଏ । ଏଥର କିନ୍ତୁ ସେଇ ପୂର୍ବ ଜାଗାକୁ ନଯାଇ ସେମାନେ ୨୪ ମାଇଲ୍ ଦୂର ଅନ୍ୟ ଗୋଟିଏ ଜାଗାକୁ ଯାଆନ୍ତି । ଏଇମିତି ଦୀର୍ଘ ଦୁଇମାସ ଆଠଦିନର ଫ୍ରାନ୍ସ ରହଣୀ ପରେ ଚନ୍ଦ୍ରସିଂହଙ୍କ ବାଟାଲିୟନ୍‌କୁ ଭାରତ ଫେରି ଆସିବାକୁ ଆଦେଶ ମିଳେ । ଦେଶ ବିଦେଶ ଭ୍ରମଣର ଇଚ୍ଛା ଯୋଗୁଁ ସେନା ବାହିନୀରେ ଯୋଗ ଦେଇଥିଲେ ସୁଦ୍ଧା ଫ୍ରାନ୍ସର କିଛି ବି ଦର୍ଶନୀୟ ସ୍ଥାନ ସେ ଦେଖି ପାରନ୍ତି ନାହିଁ । ତାଙ୍କ ଅଧିକାଂଶ ସମୟ ରେଳଯାତ୍ରାରେ ଓ ଫାୟାରିଂ ଲାଇନ୍‌ରେ ଗାତ ଭିତରେ କଟିଯାଏ । ବିଲେତ୍‌ରେ କୌଣସି ଗାଁରେ ଆସି ରହିଲେ ସୁଦ୍ଧା ସେମାନେ ସେଠାରେ ବି ଏକ ପ୍ରକାର ବନ୍ଦୀ ଜୀବନ ବଞ୍ଚିବାକୁ ବାଧ ହେଉଥିଲେ । କିଛି ଫରାସୀ ଗ୍ରାମବାସୀଙ୍କ ସହିତ ଯାହା ଭାବର ଆଦାନ ପ୍ରଦାନ ହୋଇଥିଲା ସେମାନଙ୍କର । ନିରୀହ ଗ୍ରାମବାସୀମାନେ ଥିଲେ ଖୁବ୍ ଅତିଥିପରାୟଣ । ଭାରତୀୟ ସିପାହୀମାନଙ୍କୁ ନମ୍ରତା ତଥା ସହୃଦୟତାର ସହ ସ୍ୱାଗତ କରୁଥିଲେ ସେମାନେ । ବିଭିନ୍ନ ପ୍ରକାରର ଫଳ, ମିଷ୍ଟାନ୍ନ ତଥା ଦୁଧ ପରଷି ସେମାନେ ସିପାହୀଙ୍କୁ ଆପ୍ୟାୟିତ କରିବାକୁ ପ୍ରୟାସ କରୁଥିଲେ । ସିପାହୀଙ୍କ ଦ୍ୱାରା କିଛି ଜିନିଷ ନଷ୍ଟ ହେଲେ ବି ସେମାନେ କିଛି କହୁ ନଥିଲେ । ସେମାନେ ଜାଣୁଥିଲେ ଯେ ବିଚରା ଭାରତୀୟ ସିପାହୀମାନେ ନିଜ ଦେଶ ଛାଡ଼ି ବିଦେଶ ଭୂଇଁକୁ ଆସିଛନ୍ତି ଅତ୍ୟାଚାରୀ ଜର୍ମାନୀଙ୍କ କବଳରୁ ସେମାନଙ୍କୁ ସୁରକ୍ଷା ଯୋଗାଇବା ଉଦ୍ଦେଶ୍ୟରେ ବୋଲି.....

ସା./ପୋ- ଧର୍ମଶାଳା, ଜି- ସୁବର୍ଣ୍ଣପୁର, ଓଡ଼ିଶା-୭୬୭୦୩୪, (ମୋ) ୯୪୩୭୨୫୩୭୧୫

## ଆ ଲୋ ଚ ନା

# ଏତେ ଅସୂୟା କାହିଁକି !

## ସୁବାଷ କୁମାର ତାରଣିଆ



ଓଡ଼ିଶାର ଐତିହ୍ୟ, ସଂସ୍କୃତି, ପରମ୍ପରା, ଓଡ଼ିଶୀ ନୃତ୍ୟ ଓ ଓଡ଼ିଶାର ଲୋକନୃତ୍ୟ ପାଇଁ ସାରା ବିଶ୍ୱରେ ଓଡ଼ିଶା ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିପାରିଛି। ଦିନ ଥିଲା ଓଡ଼ିଆ ପୁଅମାନେ ଜାଭା, ସୁମାତ୍ରା ଓ ବାଲି ଆଦି ଦ୍ୱୀପକୁ ଯାଇ ବାଣିଜ୍ୟ କରି ଧନରତ୍ନରେ ଓଡ଼ିଶାକୁ ସମୃଦ୍ଧ କରି ବିଶ୍ୱ ଦରବାରରେ ଓଡ଼ିଶାକୁ ପରିଚିତ କରାଇ ପାରିଥିଲେ। ଅତୀତରେ ଓଡିଆପୁଅର ସେହି ବାଣିଜ୍ୟର ସ୍ମୃତିକୁ ମନେ ପକାଇ ଓଡ଼ିଆ ସଂସ୍କୃତି ଓ ଐତିହ୍ୟର ପ୍ରଚାର ଓ ପ୍ରସାର ସହିତ ନିଜେ ସ୍ୱାବଲମ୍ବୀ ହେବାକୁ ଓଡ଼ିଆପୁଅ ଚେଷ୍ଟା କରିଆସିଛି। ପର୍ଯ୍ୟଟନ ଭିତ୍ତିଭୂମିରେ ମଧ ଓଡ଼ିଶା ଏକ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଛି। ଯେଉଁଥି ପାଇଁ ଓଡ଼ିଶାର ପ୍ରସିଦ୍ଧ ଶ୍ରୀଜଗନ୍ନାଥ ମନ୍ଦିର, କୋଣାର୍କର ସୂର୍ଯ୍ୟ ମନ୍ଦିର, ଚିଲିକା ହ୍ରଦ, ନନ୍ଦନ କାନନ ଏବଂ ମନ୍ଦାରମାଳିନୀ ଭୁବନେଶ୍ୱରରେ ଥିବା ବିଭିନ୍ନ ଦେବାଦେବୀଙ୍କ ପୀଠ ବିଦେଶୀ ପର୍ଯ୍ୟଟକମାନଙ୍କୁ ଉତ୍କଳର ମାଟିକୁ ଟାଣି ଆଣିଥାଏ। ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ଅବସରରେ ସାରା ଦେଶରେ ଅଗଷ୍ଟ ୧୩ରୁ ୧୫ ତାରିଖ ତିନିଦିନ ଧରି ପାଳିତ ହୋଇଥିଲା ଆଜାଦୀ କା ଅମୃତ ମହୋତ୍ସବ। ଏଥିପାଇଁ ଦେଶବ୍ୟାପୀ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି ଐତିହାସିକ ଦିବସ ଅବସରରେ ଦେଶର ପ୍ରତ୍ୟେକଟି ନାଗରିକ ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମରେ ସାମିଲ୍ ହେବାକୁ ମାନ୍ୟବର ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଥିଲେ। ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନକୁ ସମ୍ମାନ ଜଣାଇ ସାରା ଓଡ଼ିଶାରେ ତିନିଦିନ ଘରେ ଘରେ ତ୍ରିରଙ୍ଗା ଉଡ଼ାଯାଇ ଆଜାଦୀ କା ଅମୃତ ମହୋତ୍ସବ ପାଳନ କରାଯାଇଥିଲା। ହେଲେ ଦୁଃଖ ଓ ପରିତାପର ବିଷୟ ଚଳିତବର୍ଷ ସାଧାରଣତନ୍ତ୍ର ଦିବସ ନୂଆଦିଲ୍ଲୀରେ ଅନୁଷ୍ଠିତ ଜାତୀୟ ପରେଡରେ ଓଡ଼ିଶାର ପ୍ରଜ୍ଞାପନ ମେଢ ଦେଖିବାକୁ ଆଉ ସୁଯୋଗ ମିଳିନଥିଲା। ଯାହାକୁ ନେଇ ସେହି ସମୟରେ ବିବାଦ ବଢିବାରେ ଲାଗିଥିଲା। ନୂଆଦିଲ୍ଲୀରେ ଅନୁଷ୍ଠିତ ପଞ୍ଚମ ବୈଠକରେ ଜାତୀୟ ପରେଡରେ ସାମିଲ ହେବା ଲାଗି ଓଡ଼ିଶାକୁ ନିମନ୍ତ୍ରଣ ପତ୍ର ଆସିନଥିଲା। ଫଳରେ ଦିଲ୍ଲୀର ଜାତୀୟ ପରେଡରେ ଓଡ଼ିଶାର ପ୍ରଜ୍ଞାପନ ମେଢ ସାମିଲ୍ ହୋଇପାରିବ ନାହିଁ ବୋଲି ସ୍ପଷ୍ଟ ବାରି ହୋଇପଡ଼ିଥିଲା।

ନଭେମ୍ବର ୨୮ ତାରିଖ ପ୍ରଥମ ବୈଠକରେ ଓଡ଼ିଶାର ମିଲେଟ ମିଶନ, ନାରୀ ସଶକ୍ତିକରଣ ଓ ଆଦିବାସୀ ସଂସ୍କୃତି ଉପରେ ମେଢ ନିର୍ମାଣ କରାଯାଇଥିଲା। ସେହିପରି ଡିସେମ୍ବର ମାସ ପ୍ରଥମ ବୈଠକରେ ଶ୍ରୀଜଗନ୍ନାଥ ମନ୍ଦିର ସହିତ ମୁକ୍ତେଶ୍ୱର ମନ୍ଦିର ଫାଟକ ଉପରେ ଡିଜାଇନ କରିବାକୁ ଜୁରି ସଦସ୍ୟମାନେ ପ୍ରସ୍ତାବ ଦେଇଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ପ୍ରଜ୍ଞାପନ ମେଢରୁ କେବଳ ଜଗନ୍ନାଥ ମନ୍ଦିର ବାଦ୍ ଦେଇ ମୁକ୍ତେଶ୍ୱର ମନ୍ଦିର ଫାଟକ ଡିଜାଇନ କରିବାକୁ ଜୁରି ସଦସ୍ୟମାନେ ପରାମର୍ଶ ଦେଇଥିଲେ। ଏଥିସହ ଉପରେ ମାହାରୀ ଓ ତଳେ ଘୁମୁରା ନୃତ୍ୟ ସହ ପ୍ରସ୍ତୁତି ଶେଷ ହୋଇଥିଲା। ଡିସେମ୍ବର ୧୫ ତାରିଖ ଚତୁର୍ଥ ବୈଠକରେ ଓଡ଼ିଶୀ ସଙ୍ଗୀତରେ କିଛିଟା ପରିବର୍ତ୍ତନ ପାଇଁ ଜୁରି ସଦସ୍ୟମାନେ କହିଥିଲେ। ଏହା ପରେ ଜୁରି ସଦସ୍ୟଙ୍କ ପରାମର୍ଶ କ୍ରମେ ସମସ୍ତ ପ୍ରସ୍ତୁତି କାର୍ଯ୍ୟ ଶେଷ ହୋଇଥିଲା। ହେଲେ ଡିସେମ୍ବର ୨୧ ତାରିଖ ପଞ୍ଚମ ବୈଠକରେ ଓଡ଼ିଶାକୁ କୌଣସି ଚିଠି ମିଳିନଥିଲା ଏବଂ ଓଡ଼ିଶାର ପ୍ରଜ୍ଞାପନ ମେଢ ଦିଲୀର ଜାତୀୟ ପରେଡରୁ ବାଦ୍ ପଡ଼ିବା ଏକ ପ୍ରକାର ସ୍ପଷ୍ଟ ହୋଇଯାଇଥିଲା। ଜୁରି ସଦସ୍ୟ କହିଥିଲେ ଯେ, ନୂଆ ନିୟମ ଅନୁସାରେ ପ୍ରତି ୫ ବର୍ଷ ଥରେ ଗୋଟିଏ ରାଜ୍ୟର ପ୍ରଜ୍ଞାପନ ମେଢ ଜାତୀୟ ପରେଡରେ ସ୍ଥାନ ପାଇବ। ଯଦି ନିୟମ ଅନୁସାରେ ପ୍ରତି ୫ ବର୍ଷରେ ଥରେ ଗୋଟିଏ ରାଜ୍ୟର ମେଢ ସ୍ଥାନ ପାଇବା ପାଇଁ ସୁଯୋଗ ମିଳିବ, ତେବେ ପ୍ରଥମରୁ କାହିଁକି ଓଡ଼ିଶାର ପ୍ରଜ୍ଞାପନ ମେଢକୁ ବାଦ ଦିଆଗଲା ନାହିଁ ଯାହା ଜୁରି ସଦସ୍ୟ ଭୂମିକାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଏହି ବୈଠକରେ ଗୁଜୁରାଟ ସମେତ ଆନ୍ଧ୍ର ପ୍ରଦେଶ, ଅରୁଣାଚଳ ପ୍ରଦେଶ, ଆସାମ, ଚଣ୍ଡିଗଡ଼, ଦାଦ୍ରାନଗର ହାବେଳି ଓ ଦାମନ ଡ଼ିଉ, ଜାମ୍ମୁ କାଶ୍ମୀର, ଝାଡ଼ଖଣ୍ଡ, କେରଳ, ମଧ ପ୍ରଦେଶ, ତାମିଲନାଡୁ, ତ୍ରିପୁରା, ଉତ୍ତରାଖଣ୍ଡ ଓ ପଶ୍ଚିମବଙ୍ଗ ଆଦି ୧୪ଟି ରାଜ୍ୟର ପ୍ରଜ୍ଞାପନ ମେଢ ଉପରେ ବିଚାର ବିମର୍ଷ କରାଯାଇଥିଲା। ସୋମବାର ଦିନ ଅନୁଷ୍ଠିତ ବୈଠକରେ ଏହି ୧୪ଟି ରାଜ୍ୟ ସମେତ ଝାଡ଼ଖଣ୍ଡ, ଲଦାଖ, ମହାରାଷ୍ଟ୍ର ଏବଂ ଉତ୍ତର ପ୍ରଦେଶ ଆଦି ୪ଟି ରାଜ୍ୟର ମେଢକୁ ସାମିଲ କରାଯାଇଥିବା ବେଳେ ଓଡ଼ିଶାକୁ ସାମିଲ୍ କରାଯାଇ ନଥିଲା। ନିକଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜି-୨୦ ଦେଶମାନଙ୍କର ବୈଠକକୁ ସମ୍ବୋଧିତ କଲାବେଳେ କଳିଙ୍ଗର ନୌବାଣିଜ୍ୟର କଥା ସହ କଟକ ଐତିହାସିକ ବାଲିଯାତ୍ରା ବିଷୟରେ ରୋମନ୍ଥନ କରିଥିଲେ ମଧ୍ୟ ଚଳିତବର୍ଷ ସାଧାରଣତନ୍ତ୍ର ଦିବସ ପରେଡ଼ରେ ଓଡ଼ିଶାର ପ୍ରଜ୍ଞାପନ ମେଢକୁ ସାମିଲ୍ ନ କରିବା ଓଡ଼ିଶାବାସୀଙ୍କୁ ଗଭୀର ମର୍ମାହତ କରିଛି। କାରଣ ସାଧାରଣତନ୍ତ୍ର ଦିବସ ପ୍ୟାରେଡ଼ରେ ଓଡ଼ିଶାର କେଉଁ ପ୍ରଜ୍ଞାପନ ମେଢ ସ୍ଥାନ ପାଉଛି ତାହା ଦେଖିବା ପାଇଁ ପ୍ରତିଟି ଓଡ଼ିଆଙ୍କ ସମେତ ସମଗ୍ର ବିଶ୍ୱରେ ଥିବା ଓଡ଼ିଆମାନେ ଉତ୍ସୁକତାର ସହ ଅପେକ୍ଷା କରିଥିଲେ। କିନ୍ତୁ କୌଣସି କାରଣ ନଥାଇ ଚଳିତବର୍ଷ ଦୁଇ ଦୁଇଥର ଓଡ଼ିଶାକୁ ବାଦ୍ ଦେବାରୁ ଏହା ଓଡ଼ିଶା ପ୍ରତି ବୈମାତୃକ ମନୋଭାବର ଜ୍ୱଳନ୍ତ ନିଦର୍ଶନ।

ଓଡ଼ିଶାବାସୀଙ୍କ ଆଶା ଓ ବିଶ୍ୱାସ ଥିଲା ପରବର୍ତ୍ତୀ ବୈଠକରେ ଅନ୍ୟ ରାଜ୍ୟମାନଙ୍କ ଭଳି ଓଡିଶାକୁ ସୁଯୋଗ ମିଳିବ। ହେଲେ ଡିସେମ୍ବର ୨୯ ତାରିଖ ଦିନ ସାଧାରଣତନ୍ତ୍ର ଦିବସ ଜାତୀୟ ପରେଡରେ ପ୍ରଜ୍ଞାପନ ମେଢ ଅଂଶଗ୍ରହଣ ଲାଗି ମନୋନୟନ ପ୍ରକ୍ରିୟା ଶେଷ ହୋଇ ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇଥିଲା। ମେଢଗୁଡିକ କେଉଁଠି ନିର୍ମାଣ କରିବେ, କେତେ ତାରିଖ ସୁଦ୍ଧା ପ୍ରସ୍ତୁତି ସରିବ, ସେ ନେଇ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏହି ତାଲିକାରେ ଦେଶର ୧୩ଟି ରାଜ୍ୟ ଓ ୩ଟି କେନ୍ଦ୍ରଶାସିତ ଅଞ୍ଚଳକୁ ସୁଯୋଗ ମିଳିଥିଲେ ମଧ ଓଡ଼ିଶାକୁ ଏଥିରେ ସାମିଲ କରାଯାଇ ନଥିଲା। ତେଣୁ ଚଳିତବର୍ଷ ସାଧାରଣ ଦିବସରେ ଦିଲ୍ଲୀ ରାଜପଥ ଜାତୀୟ ପରେଡରେ ଓଡ଼ିଶାର ପ୍ରଜ୍ଞାପନ ମେଢକୁ ଆଉ ଦେଖିବାର ସୁଯୋଗ ମିଳିନଥିଲା। ଏଠାରେ ପ୍ରକାଶଥାଉକି, ଓଡ଼ିଶାର ପ୍ରଜ୍ଞାପନ ମେଢ ଗତ ପାଞ୍ଚବର୍ଷ ମଧ୍ୟରେ ଦିଲ୍ଲୀ ଜାତୀୟ ରାଜପଥ ପରେଡରେ ୨୦୨୦ ମସିହାରେ ମାତ୍ର ଥରେ ଗଡ଼ିବାର ସୁଯୋଗ ମିଳିଥିଲା। ପୂର୍ବରୁ ୨୦୧୮, ୨୦୧୯ରେ ସୁଯୋଗ ମିଳିନଥିବା ବେଳେ ୨୦୨୧ରେ ମଧ ପ୍ରଜ୍ଞାପନ ମେଢ ଗଡ଼ିନଥିଲା।୨୦୨୨ ମସିହାରେ ଅଧାରୁ ବାଦ ପଡ଼ିଥିଲା ଓ ୨୦୨୩ରେ ମଧ ବାଦ୍ ପଡ଼ିଲା। ଏହାଠାରୁ ବଳି ବଡ଼ ଦୁଃଖ ଓ ପରିତାପର ବିଷୟ ଆଉ କଣ ହୋଇପାରେ ?

ସେହିପରି ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ 'ପାଇକ ବିଦ୍ରୋହ' ବ୍ରିଟିଶମାନଙ୍କ ବିରୁଦ୍ଧରେ ଆରମ୍ଭ ହୋଇଥିଲା ଓଡ଼ିଶାର ଖୋର୍ଦ୍ଧା ମାଟିରୁ। ୧୮୧୭ ମସିହାରେ ଇଂରେଜ ସରକାର ବିରୁଦ୍ଧରେ ନିଜ ମାଟି, ମାଆର ସୁରକ୍ଷା ପାଇଁ ଆରମ୍ଭ ହୋଇଥିବା ପାଇକ ବିଦ୍ରୋହ ଥିଲା ଭାରତବର୍ଷ ସର୍ବପ୍ରଥମ ସ୍ୱାଧୀନତା ସଂଗ୍ରାମ। ଐତିହାସିକ ପାଇକ ବିଦ୍ରୋହର ୨୦୦ବର୍ଷ ପୂର୍ତ୍ତି ପାଳନ ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପସ୍ଥିତିରେ ତତ୍କାଳୀନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀ ନୂଆଦିଲ୍ଲୀର ବିଜ୍ଞାନ ଭବନରେ ପାଇକ ବିଦ୍ରୋହ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ ବୋଲି ପ୍ରକାଶ କରିଥିଲେ। ପାଇକ ମହାସଂଘର ବାରମ୍ବାର ଦାବି ପରେ ମାନ୍ୟବର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉଦ୍ୟମରେ ଉତ୍କଳ ବିଶ୍ୱବିଦ୍ୟାଳୟରେ 'ବକ୍ସି ଜଗବନ୍ଧୁ' ପାଇକ ଚେୟାର ପ୍ରତିଷ୍ଠା କରାଯାଇ ଏହା ଉପରେ ଗବେଷଣା ପାଇଁ ସୁଯୋଗ ସୃଷ୍ଟି କରାଯାଇଥିଲା। ପାଇକ ବିଦ୍ରୋହର ସ୍ମାରକୀ ନିର୍ମାଣ ପାଇଁ ବରୁଣେଇ ପାହାଡ଼ ପାଦଦେଶରେ ତତ୍କାଳୀନ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ପ୍ରଧାନମନ୍ତ୍ରୀଙ୍କ ଓଡ଼ିଶା ଆଗମନ ସମୟରେ ପାଇକ ବିଦ୍ରୋହରେ ସାମିଲ ହୋଇ ସହୀଦ ହୋଇଥିବା ପାଇକ ପରିବାରର ଦାୟଦମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସେହି ସମୟରେ କେନ୍ଦ୍ରମନ୍ତ୍ରୀ କହିଥିଲେ ଯେ, ଇତିହାସକୁ ପୁନରୁଦ୍ଧାର କରାଯାଇ ପାଇକ ବିଦ୍ରୋହ ଭାରତବର୍ଷର ପ୍ରଥମ ସ୍ୱାଧୀନତା ସଂଗ୍ରାମ, ଏହା ପାଠ୍ୟପୁସ୍ତକରେ ସ୍ଥାନ ପାଇବ, ଆଗାମୀ ପିଢି ପାଇଁ ଏହା ଏକ ବାର୍ତ୍ତା ହେବ। ହେଲେ ବହୁ ଆଡ଼ମ୍ବର ଲଘୁକ୍ରିୟା ଭଳି ପୁନର୍ବାର କେନ୍ଦ୍ରର ବୈମାତୃକ ମନୋଭାବ, ଫମ୍ପା ପ୍ରତିଶ୍ରୁତି 'ପାଇକ ବିଦ୍ରୋହ'କୁ ପଦଦଳିତ କରିଛି। ଫଳରେ ପାଇକ ବିଦ୍ରୋହକୁ ଭାରତବର୍ଷର ପ୍ରଥମ ସ୍ୱାଧୀନତା ସଂଗ୍ରାମର ମାନ୍ୟତା ମିଳିପାରି ନାହିଁ। ଯେଉଁ ବାଜି ରାଉତ ୧୨ ବର୍ଷରେ ନିଜ ମାଟି ପାଇଁ ପ୍ରାଣବଳୀ ଦେଇଥିଲା, ବେଜେଲ ଗେଟ୍‌କୁ ରଣପୁରଠାରେ ଠେଙ୍ଗାରେ ପିଟି ପିଟି ଯେଉଁ ପାଇକ ପୁଅ ହତ୍ୟା କରିଥିଲା, ସେହି ପାଇକମାନଙ୍କୁ ତଥା ସାଢେ ଚାରିକୋଟି ଓଡ଼ିଶାବାସୀଙ୍କୁ ଉପେକ୍ଷିତ କରାଗଲା। କଣ ପାଇଁ ଓଡ଼ିଶା ପ୍ରତି ଏତେ ଅସୂୟା ଭାବ ତାହା ବୁଝାପଡୁନାହିଁ।

ଓଡ଼ିଶାର କଳା, ସଂସ୍କୃତି, ଐତିହ୍ୟ ଓ ସ୍ଥାପତ୍ୟକୁ ଉଜ୍ଜିବୀତ କରି ରଖିବା ପାଇଁ ତଥା ଆସନ୍ତା ବର୍ଷମାନଙ୍କରେ ନୂଆଦିଲ୍ଲୀର ଜାତୀୟ ପରେଡରେ ଓଡ଼ିଶାର ପ୍ରଜ୍ଞାପନ ମେଢକୁ ସାମିଲ କରିବା ପାଇଁ ଦଳମତ ନିର୍ବିଶେଷରେ ପାଇକମାନଙ୍କ ସହ ପ୍ରତ୍ୟେକ ଓଡ଼ିଶାବାସୀ ଏ ନେଇ ସ୍ୱର ଉତ୍ତୋଳନ କରିବାର ସମୟ ଆସିଛି। ନଚେତ ଭବିଷ୍ୟତରେ ଓଡ଼ିଶାର ପ୍ରଜ୍ଞାପନ ମେଢକୁ ଦିଲ୍ଲୀର ଜାତୀୟ ପରେଡରେ ଆଉ ଦେଖିବାର ସୁଯୋଗ ମିଳିବ ନାହିଁ।

❤ କଣ୍ଟି, ବାହାରଣା, ବାଲିକୁଦା, ଜଗତସିଂହପୁର
ମୋ : ୮୩୨୮୮୪୦୨୧୪

## ସ୍ମୃତି ଶତଦଳ ୨୮୩



## ନାରୀର ବ୍ୟକ୍ତିତ୍ୱ

ଡା. ସରୋଜିନୀ ଷଡଙ୍ଗୀ
❤ ଲିଙ୍କ୍‌ରୋଡ଼, କଟକ-୧୨
(ମୋ) -୯୪୩୭୦୫୫୦୦୭

(ପୂର୍ବ ପ୍ରକାଶିତ ଉତ୍ତାରୁ)

ସୃଷ୍ଟିର ଆଦ୍ୟକାଳରୁ ଏଯାଏଁ ନାରୀର ସ୍ନେହ, ଶ୍ରଦ୍ଧା, ଦୟା, କ୍ଷମା ଆଦି ଗୁଣ ସହ ସ୍ୱର, ସ୍ୱାଭିମାନ ଓ ବ୍ୟକ୍ତିତ୍ୱର ସବୁବେଳେ ସଶ୍ରଦ୍ଧ ସମ୍ମିଶ୍ରଣ ଘଟି ଆସିଛି। ଏହାର ଅଭ୍ୟୁଦୟ କେଉଁ କାଳରୁ ଆରମ୍ଭ ହୋଇଛି ତାହା କେହି ଜାଣିନାହାନ୍ତି। ମା'ଠାରେ ଥିବା ମାତୃତ୍ୱର ଆଭାସ ଶିଶୁ କନ୍ୟାଠାରେ ମଧ୍ୟ ପରିଲକ୍ଷିତ ହୋଇଥାଏ। ଧୂଳି ଖେଳରେ କୁନି ଚୁଲି କୁନି ଭାତ ହାଣ୍ଡି ତଥା ଛୋଟ କରେଇ ଓ ପିଠାଖଡିକାରେ ସେ ସେମିତି ରାନ୍ଧେ ମା' ପରି ଓ ସମସ୍ତଙ୍କୁ ପରଷି ଦେଇଥାଏ।

ତେବେ ଆଗଭଳି ନାରୀଟିଏ ଏବେ ତାର କାର୍ଯ୍ୟକାରିତାର ସୀମାରେଖା ଆଉ କବାଟ କୋଣରେ ସୀମିତ ରଖିନାହିଁ। ସେ ଘର ବାହାରକୁ ଆସି ସବୁ କାମ କରିବା ସହ ଘରକରଣା ଦାୟିତ୍ୱଟି ମଧ୍ୟ ସୁଚାରୁରୂପେ ତୁଲାଉଛି। ଆଜିକାଲି ସବୁ ମହିଳାମାନେ ସୌନ୍ଦର୍ଯ୍ୟ ପାଇଁ ସଚେତନ ହେଲେଣି।

ସୌନ୍ଦର୍ଯ୍ୟ ସହ ନାରୀର ବ୍ୟକ୍ତିତ୍ୱ ଖୁବ୍ ନିବିଡ ଭାବରେ ଜଡିତ। ସୌନ୍ଦର୍ଯ୍ୟ ନାରୀଟିକୁ ଏକ ସ୍ୱତନ୍ତ୍ର ବ୍ୟକ୍ତିତ୍ୱ ଦେଇଥାଏ ଓ ବ୍ୟକ୍ତିତ୍ୱ ନାରୀଟିକୁ ସୌନ୍ଦର୍ଯ୍ୟମୟୀ କରିଥାଏ। କହିବାକୁ ଗଲେ ସୌନ୍ଦର୍ଯ୍ୟ ଓ ବ୍ୟକ୍ତିତ୍ୱ ଗୋଟିଏ ନିକିତିର ଦୁଇଟି ଅଂଶ ଏବଂ ଦୁହେଁ ଦୁହିଁଙ୍କର ପରିପୂରକ। ସୌନ୍ଦର୍ଯ୍ୟ ଈଶ୍ୱର ଦତ୍ତ, ଶରୀରର ରୂପ, ରଙ୍ଗ, ଗଢଣ ସବୁକିଛି ପ୍ରଭୁଙ୍କର ହିଁ ଦାନ।

ତେବେ ଏ ସବୁର ଉର୍ଦ୍ଧ୍ୱରେ ନାରୀର ସୌନ୍ଦର୍ଯ୍ୟ ଓ ଲାଳିତ୍ୟ, ବ୍ୟକ୍ତିତ୍ୱ ପାଇଁ ଅନେକାଂଶରେ ଦାୟୀ ହୋଇଥାଏ। ଏମିତିକି ସାଧାରଣ ଚେହେରାର ଝିଅଟିଏ ଭଲ ବ୍ୟକ୍ତିତ୍ୟ ନେଇ ଆକର୍ଷଣୀୟ ଦିଶିବା ବେଳେ ଅସାଧାରଣ ସୌନ୍ଦର୍ଯ୍ୟର ଅଧିକାରୀ ହୋଇ ମଧ୍ୟ ବ୍ୟକ୍ତିତ୍ୱ ବିନା ସୁନ୍ଦର ଦିଶେ ନାହିଁ। ତେଣୁ ନାରୀ ପାଇଁ ବ୍ୟକ୍ତିତ୍ୱ ହିଁ ସବୁକିଛି। ଏହି ବ୍ୟକ୍ତିତ୍ୱଟିକୁ ପିଲାଦିନୁ ହିଁ ଗଢିତୋଳିବାକୁ ହୋଇଥାଏ। 'ଚାରିଟି ବିଗିନ୍‌ସ ଫ୍ରମ ହୋମ୍' ଭଳି ବାପା ମା' ହିଁ ଝିଅଟିର ମାନସିକ ବିକାଶ ତଥା ବ୍ୟକ୍ତିତ୍ୱ ର ବିକାଶ ପାଇଁ ମୁଖ୍ୟ ଭୂମିକା ନିର୍ବାହ କରିଥାଆନ୍ତି। ତାପରେ ଶିକ୍ଷକ, ଶିକ୍ଷୟିତ୍ରୀଙ୍କର ଶିକ୍ଷାଦାନ, ବିଦ୍ୟାଳୟ, ବିଶ୍ୱ ବିଦ୍ୟାଳୟ ତଥା ଚାକିରୀ କ୍ଷେତ୍ର ବିଚାରକୁ ଆସେ। ବିଶ୍ୱବିଦ୍ୟାଳୟ ତଥା କର୍ମକ୍ଷେତ୍ରରେ ନାରୀଟିଏ ଉଜ୍ଜ୍ୱଳ ବ୍ୟକ୍ତିତ୍ୱର ଅଧିକାରିଣୀ ହେଲେ ସମସ୍ତେ ତାକୁ ସମ୍ମାନ ଦେଇଥାନ୍ତି। ବ୍ୟକ୍ତିତ୍ୱ ନାରୀଟିକୁ କେହି ଦାନ ସୂତ୍ରରେ ଦେଇ ନଥାନ୍ତି, ତାହା ନିଜକୁ ହିଁ ବିକଶିତ କରିବାକୁ ପଡିଥାଏ। ନାରୀ ବିନା ପ୍ରସାଧନରେ ବା ସାଧାରଣ ସୌନ୍ଦର୍ଯ୍ୟରେ ମଧ ଅସାଧାରଣ ବ୍ୟକ୍ତିତ୍ୱମୟୀ ଓ ସୌନ୍ଦର୍ଯ୍ୟମୟୀ ହୋଇଯାଏ କିନ୍ତୁ ଅପରପକ୍ଷରେ ଅନନ୍ୟ ସୌନ୍ଦର୍ଯ୍ୟମୟୀ ହୋଇ ମଧ ବେଳେବେଳେ ଦୁର୍ବଳ ବ୍ୟକ୍ତିତ୍ୱ ପାଇଁ ସମସ୍ତଙ୍କର ଅବଜ୍ଞାର ପାତ୍ରୀ ହୋଇଥାଏ। ତେଣୁ ନାରୀ ନିଜେ ସାକ୍ଷର ହୋଇ, ନିଜ ଗୋଡରେ ନିଜେ ଠିଆ ହୋଇ ଅସୀମ ଆତ୍ମ ସଂଯମ ଓ ଆତ୍ମ ବିଶ୍ୱାସର ସହ ନିଜ ବ୍ୟକ୍ତିତ୍ୱ କୁ ସଂପୂର୍ଣ୍ଣ ବିକାଶ କରିବା ଉଚିତ୍।

> ନାରୀଟିଏ ନିଜ ସୌନ୍ଦର୍ଯ୍ୟ ପାଇଁ ମଧ ସଚେତନ ହେବା ଆବଶ୍ୟକ। ଅବଶ୍ୟ ସାଧାରଣ ଦୈନନ୍ଦିନ ଜୀବନରେ ଏବଂ ବ୍ୟସ୍ତତା ମଧରେ ବେଶପରିପାଟୀ ହେବା ସଂଭବ ନୁହେଁ, ଉଚିତ୍ ମଧ ନୁହେଁ କାରଣ କର୍ମକ୍ଷେତ୍ରକୁ ଗଲାବେଳେ ନିଜେ ସାଧାରଣ ଓ ସନ୍ତୁଳିତ ବେଶଭୂଷାରେ ଯିବା ଉଚିତ୍।

ଅପରପକ୍ଷରେ ନାରୀଟିଏ ନିଜ ସୌନ୍ଦର୍ଯ୍ୟ ପାଇଁ ମଧ ସଚେତନ ହେବା ଆବଶ୍ୟକ। ଅବଶ୍ୟ ସାଧାରଣ ଦୈନନ୍ଦିନ ଜୀବନରେ ଏବଂ ବ୍ୟସ୍ତତା ମଧରେ ବେଶପରିପାଟୀ ହେବା ସଂଭବ ନୁହେଁ, ଉଚିତ୍ ମଧ ନୁହେଁ କାରଣ କର୍ମକ୍ଷେତ୍ରକୁ ଗଲାବେଳେ ନିଜେ ସାଧାରଣ ଓ ସନ୍ତୁଳିତ ବେଶଭୂଷାରେ ଯିବା ଉଚିତ୍। ତେବେ ଏଇଠି ପ୍ରଶ୍ନ ଉଠେ ମନେକରନ୍ତୁ ଗୋଟିଏ ପାର୍ଟିକୁ ବା ବିବାହ ଉତ୍ସବକୁ ଯାଇଛନ୍ତି, ଏତେ ଭିଡ ଭିତରେ କିଏ କ'ଣ ପିନ୍ଧିଛି ଦେଖିବା ସଂଭବ ନୁହେଁ କିନ୍ତୁ ନିଜେ ଭଲ ପୋଷାକଟିଏ ନ' ପିନ୍ଧିଥିଲେ ନିଜକୁ ନ୍ୟୁନ ଲାଗେ। ଉତ୍ତମ ପୋଷାକ ସମସ୍ତଙ୍କ ମଧ୍ୟରେ ନିଜର ଆତ୍ମ ବିଶ୍ୱାସ ବଢାଇଦେଇଥାଏ।

ଆଉ ଗୋଟିଏ ବଡ କଥା ହେଲା ଯେକୌଣସି ନାରୀ ସେ ରାଜନିତୀଜ୍ଞ ହୁଅନ୍ତୁ ବା ଅଧ୍ୟାପିକା ହୁଅନ୍ତୁ, ଡାକ୍ତର ହୁଅନ୍ତୁ ବା' ଆଇନ୍‌ଜୀବି ବା' ସମାଜସେବୀ କିମ୍ବା ଯେକୌଣସି ଅଫିସ୍ ର କର୍ମଚାରୀ ହୁଅନ୍ତୁ ନା କାହିଁକି ପ୍ରେଜେଂଟବଲ୍ ହେବା ନିହାତି ଜରୁରୀ। ନିଜକୁ ପ୍ରେଜେଂଟେବଲ୍ କଲେ ନିଜର ଆତ୍ମ ବିଶ୍ୱାସ ଖୁବ୍ ବେଶୀ ବଢି ଯାଇଥାଏ ଏବଂ ଅପରପକ୍ଷରେ ଅନ୍ୟମାନେ ମଧ ନାରୀର ପ୍ରେଜେଂଟେବଲ୍ ଇମେଜ୍‌କୁ ଖୁସିର ସହ ଗ୍ରହଣ କରି ଥାଆନ୍ତି। ମୋଟ ଉପରେ କହିବାକୁ ଗଲେ ନାରୀ ଯେକୌଣସି ପ୍ରଫେସନ୍‌ରେ ଥାଉନା କାହିଁକି କର୍ମଜୀବି ନହୋଇ କେବଳ ଗୃହିଣୀଟିଏ ହେଲେ ମଧ ନିଜକୁ ସମସ୍ତଙ୍କ ସମ୍ମୁଖରେ ଠିକ୍ ଭାବରେ ଉପସ୍ଥାପନା କରିବା ଖୁବ୍ ଜରୁରୀ। ସେଥିପାଇଁ ଦାମୀ ବେଶ ପୋଷାକ ନୁହେଁ, ସାଧାରଣ ପୋଷାକ ସହ ବେଶଭୂଷା, ପରିପାଟୀ, ବ୍ୟବହାର, ଦୈନନ୍ଦିନ ଆଚାର, ବ୍ୟବହାର ଏବଂ କଥା କହିବାର ଚମତ୍କାର ଶୈଳୀ, ପର୍ସନାଲିଟି ପାଇଁ ଖୁବ୍ ଜରୁରୀ ହୋଇଥାଏ।

ପ୍ରେଜେଂଟବଲ୍ ପର୍ସନାଲିଟି ସବୁବେଳେ ଆଖି ରୋଚକ ଓ ମନୋମୁଗ୍ଧକର ହୋଇଥାଏ। ସୌନ୍ଦର୍ଯ୍ୟ ଓ ବ୍ୟକ୍ତିତ୍ୱ ଦୁହେଁ ଦୁହିଁଙ୍କର ପରିପୂରକ। ଜଣେ ଚାହିଁଲେ ଅପୂର୍ବ ସୁନ୍ଦରୀ ହୋଇ ପାରିବ ନାହିଁ କିନ୍ତୁ ନିଜକୁ ମାର୍ଜିତ ରୂପରେ ପରିପ୍ରକାଶ କରିପାରିବ ଏବଂ ଏକ ଅସାଧାରଣ ବ୍ୟକ୍ତିତ୍ୱର ଅଧିକାରିଣୀ ନିଶ୍ଚୟ ହୋଇପାରିବ।

(କ୍ରମଶଃ)

## ଧାରାବାହିକ ଅନୁବାଦ ଉପନ୍ୟାସ-(୧୭)

# ମାଆ



ମୂଳ ମରାଠୀ :
ଉତ୍ତମ କାମ୍ବଲେ







ଅନୁସୃଜନ:
ନନ୍ଦିତା ମହାନ୍ତି

(ପୂର୍ବ ପ୍ରକାଶିତ ଉତ୍ତାରୁ)

ଦିନେ କିଛି କାମ ପାଇଁ ଦ୍ୱିପ୍ରହରରେ ମୁଁ ଘରକୁ ଫେରୁଥିଲି। ରାସ୍ତାରେ ଡାହାଣ ପଟେ ଥିବା ଗୋଟେ କୁକୁଡ଼ା ଫାର୍ମରେ ମାଆ ଓ ଚାର୍ବାକ ବସିଥିଲେ। ସିଏ ଜାଲିଭିତର ଦେଇ କୁକୁଡ଼ାମାନଙ୍କୁ ଦେଖୁଥିଲା। ଖୁସିରେ ତାଳି ବଜାଉଥିଲା। ପାଟି କରୁଥିଲା। ସବୁଠାରୁ ବଡ଼ କଥା ହେଲା, ସେ ସମୟରେ ସିଏ ତାର ଟିଫିନ୍ ବାକ୍ସ ଖୋଲି ଖାଉଥିଲା। ମାଆ ବି ତା ପାଖରେ ବସି ଗୁଣ୍ଡେ ଦି' ଗୁଣ୍ଡା ନିଜେ ବି ଖାଉଥିଲା। ଦୁଇ ଜଣଙ୍କ ଚେହେରା ଅପାର ଖୁସିରେ ଛଳଛଳ ହେଉଥିଲା। ମାଆ ଆଙ୍ଗୁଳିର ଇସାରାରେ ତାକୁ କୁକୁଡ଼ା ଓ କୁକୁଡ଼ା ଛୁଆ ଦେଖାଉଥିଲା। ଚାର୍ବାକ୍ ଜାଲିର କଣାରେ ଆଙ୍ଗୁଳି ପୁରେଇ ସେମାନଙ୍କୁ ସ୍ପର୍ଶ କରୁଥିଲା। ରାସ୍ତାରେ ଯିବା ଆସିବା କରୁଥିବା ଲୋକଙ୍କ ପ୍ରତି ସେମାନଙ୍କର ନଜର ନଥିଲା। ଏଇ ଦୁଇ ଜଣଙ୍କର ଏମିତି କୁକୁଡ଼ା ଫାର୍ମ ଆଗରେ ବସିବା, ବସି ଖାଇବା ଓ ଖେଳିବା ମୋତେ ଜମାରୁ ଭଲ ଲାଗିଲାନାହିଁ, ବୋଧହୁଏ ମୋତେ ମୋର ସମ୍ମାନ କ୍ଷୁର୍ଣ୍ଣ ହେଲାପରି ଲାଗିଥିବ। କାରଣ ଯାହା ବି ହେଉ ସେ ଦୃଶ୍ୟ ମୋତେ ଭଲ ଲାଗିଲାହିଁ। ମୁଁ ଘରକୁ ଫେରିଲି ଆଉ ଏଇ କଥାକୁ ନେଇ ସ୍ତ୍ରୀଙ୍କୁ ଗାଳି ଦେଲି।

ସିଏ କହିଲା, "ମୁଁ ତାଙ୍କୁ କଣ କହିପାରିବି ? ସିଏ ସବୁଦିନ ଚାରି / ଚାରି ଘଣ୍ଟା ବସୁଛନ୍ତି ଯାଇ କୁକୁଡ଼ା ଫାର୍ମ ସାମ୍ନାରେ। ସବୁଦିନ ଟିଫିନ୍ ନେଇ ବାହାରି ଯାଉଛନ୍ତି।

ପତ୍ନୀଠାରୁ ମିଳିଥିବା ସୂଚନା ମୋର ରାଗକୁ ଆହୁରି ବଢ଼େଇଦେଲା, ହେଲେ ମୁଁ କିଛି କହିଲିନି। ଘର କାମ ସାରି ପୁଣି ଅଫିସ୍‌କୁ ଗଲି। ସନ୍ଧ୍ୟାରେ ଫେରିଲା ବେଳକୁ ଦୁଇ ଜଣଙ୍କୁ କୁକୁଡ଼ା ଫାର୍ମ ନିକଟରେ ଥିବା ଇଂରାଜୀ ମାଧ୍ୟମ ସ୍କୁଲ ନିକଟରେ ଦେଖିଲି। ସ୍କୁଲର ୱାଚ୍‌ମ୍ୟାନ୍ ସେମାନଙ୍କୁ କିଛି କହୁଥିଲା, ଆଉ ମାଆ ଚାର୍ବାକ୍‌କୁ କାଖେଇ ଛିଡ଼ା ହୋଇଥିଲା। ତାଙ୍କ ଭିତରେ କଣ କଥାବାର୍ତ୍ତା ହେଉଥିଲା, ମୁଁ ଜାଣିପାରୁ ନଥିଲି। ମୁହୂର୍ତ୍ତକ ପାଇଁ ଲାଗିଲା, ଗେଟ୍ ପାଖରେ ଯାଇ ଦେଖିବି ପ୍ରକୃତରେ କଣ ଲିଛି ସେଠି ? ହେଲେ ପର ମୁହୂର୍ତ୍ତରେ ସେ କଥା ମୁଁ ମୁଣ୍ଡରୁ କାଢ଼ି ଦେଲି। ଏଇ ସ୍କୁଲକୁ ଥରେ ସ୍ୱାଧୀନତା ଦିବସରେ ମୁଁ ମୁଖ୍ୟଅତିଥି ଭାବରେ ସସମ୍ମାନେ ଯାଇଥିଲି। ସ୍କୁଲର ହେଡ଼ମାଷ୍ଟର, ସଂସ୍ଥାପକ ଗେଟ୍ ସାମାନାରେ ଛିଡ଼ା ହୋଇଥିଲେ ମୋତେ ସ୍ୱାଗତ କରିବା ପାଇଁ। ସେଇ ସ୍କୁଲର ୱାଚ୍‌ମ୍ୟାନ୍ ସାଙ୍ଗରେ ଯାଇ ଏମିତି କଥା ହେବାଟା କାହିଁ ମୋତେ ଜମାରୁ ଭଲ ଲାଗିଲା ନାହିଁ। କେଜାଣି କେମିତି ଆତ୍ମସମ୍ମାନ ଓ ପ୍ରତିଷ୍ଠାର ଅହଂ ମୋ ଭିତରେ ଦାନା ବାନ୍ଧୁଥିବାର ମୁଁ ଅନୁଭବ କଲି।

ରାତିରେ ଖାଇଲା ବେଳେ ମୁଁ ସେ ବିଷୟରେ କଥା ପକେଇଲି।

"ମାଆ... ତୁ ସ୍କୁଲର ଗେଟ୍ ପାଖରେ କଣ କରୁଥିଲୁ ?"

"କଣ ମାନେ... ଆମର ଏଇ ସୋନ୍ୟାକୁ ସ୍କୁଲ୍ ଦେଖାଉଥିଲି।"

"ସେଇ ୱାଚ୍‌ମ୍ୟାନ୍ କ'ଣ କହୁଥିଲା ?"

"ସିଏ କିଛି କହୁ ନଥିଲା। ମୁଁ କହୁଥିଲି।"

"ତୁ କଣ କହୁଥିଲୁ ?"

"ମୁଁ କହୁଥିଲି ମୋର ନାତିକୁ ଟିକେ ସ୍କୁଲ୍ ଭିତରକୁ ଛାଡ଼।"

"ସେଇଠୁ ?"

"ସିଏ କହିଲା ସେଥିପାଇଁ ସ୍କୁଲ୍‌ରେ ଆଡ଼ମିଶନ୍ ନେବାକୁ ପଡ଼େ।"

"ସେଇଠୁ ?"

"ସେଇଠୁ ପୁଣି କ'ଣ ? ମୁଁ ତାକୁ ଅନୁରୋଧ କରୁଥିଲି, ହେଲେ ସିଏ ମାନିବାକୁ ନାରାଜ। ସିଏ କହିଲା, ଆରେ, ବୁଢ଼ୀ,... ଏମିତି ହୋଇପାରିବନି। ତୁ ଘରକୁ ଯା'।"

"ହେଲେ ତୋତେ ଏସବୁ କରିବାକୁ କହିଲା କିଏ ? ସିଏ ତୋତେ ବୁଢ଼ୀ କହିଲା। ଆଉ ତୁ ଭିକାରୁଣୀ ପରି ଗେଟ୍ ପାଖରେ ଛିଡ଼ା ହୋଇଥିଲୁ। ଏ ସବୁ କଣ ଭଲ କଥା ?"

"ହେଲେ ସିଏ ତ କିଛି ଖରାପ କହିନି। ବୁଢ଼ୀକୁ ବୁଢ଼ୀ କହିବନି ତ ଆଉ କ'ଣ କହିବ ? ଆଉ ଆମେ କଣ ଭିକ ମାଗିବାକୁ ଯାଇଥିଲୁ ସେଠିକୁ ? ମୋ ପୁଅ ଯେତେବେଳେ ଏତେ ଉପାର୍ଜନକ୍ଷମ ସେତେବେଳେ ମୁଁ କାହିଁକି ଭିକ ମାଗିବାକୁ ଯିବି ? ଆମ ଗାଁର କାହାରି ଜଣଙ୍କର ହେଲେ ଦରମା ତୋ ଦରମାର ସରି ହେବ ନା ?

"ଆରେ... ଦରମା କଥା ନୁହେଁ, କିନ୍ତୁ ଏମିତି ଯାଇ କେଉଁଠି ଛିଡ଼ା ହେବାଟା ଜମାରୁ ଭଲ କଥା ନୁହେଁ।"

"କେଉଁଠି ବି ଛିଡା ହେବାର ଅର୍ଥ କଣ ବାପା ?"

"ଆରେ.... ସେଇ କୁକୁଡ଼ା ଫାର୍ମ ସାମ୍ନାରେ ଛିଡ଼ା ହୋଇ ଦୁହେଁ ଟିଫିନ୍ ଖାଉନଥିଲ ପଅରିଦିନ ?"

"କ'ଣ ହୋଇଗଲା ସେଇଠୁ ?"

"କ'ଣ ହୋଇଗଲା ପଚାରୁଛୁ ? କିଛି ହେବା କଣ ନିହାତି ଦରକାର ? ଆରେ... ଏମିତି କୁକୁଡ଼ା ଫାର୍ମ ସାମ୍ନାରେ ଯାଇ ଛିଡ଼ା ହେବାଟା ଜମାରୁ ଭଲ ଦେଖାଯାଏନି।"

"ହେଲେ, ଏଥିରେ କଣ ଅସୁବିଧା ହେଲା ସେଇ କଥାଟା ତ କହ ?"

"ମାଆ... ଏବେ ତୁମେ ଜଣେ ସମ୍ପାଦକର ମାଆ।"

ଏକଥା ଶୁଣିବା କ୍ଷଣି ମାଆ ହସି ପକେଇଲା। "ତୁ ଆଉ କେବେ ବୁଝିପାରିବୁ କେଜାଣି। ମୁଁ ଯେ ସମ୍ପାଦକର ମାଆ, ଏ କଥା କୁକୁଡ଼ା ଫାର୍ମର କୁକୁଡ଼ାଙ୍କୁ ବା କେମିତି ଜଣା ପଡ଼ିବ ? ଆଉ ଶୁଣ... ମୁଁ କଣ ମୋ କପାଳରେ ବୋର୍ଡ଼ ଲଗେଇକି ବୁଲୁଛି ଯେ, ମୁଁ ସମ୍ପାଦକର ମାଆ। କୁକୁଡ଼ା ଆଉ କୁକୁଡ଼ାଛୁଆଙ୍କୁ ଦେଖିବାକୁ ଗଲେ ତୋର ଅପମାନ କେମିତି ହୋଇଯାଉଛି ? ମୁଁ ତୋର ମାଆ ଏକଥା ସତ। ହେଲେ ମୁଁ ସୋନ୍ୟାର ଜେଜେମାଆ ନୁହେଁ କି ? ସତ କଥା କହିବି.... କୁକୁଡ଼ାଙ୍କୁ ଦେଖି ସିଏ ଯେମିତି ତାଳି ମାରି ନାଚୁଛି, ଯେମିତି ହସୁଛି, ସେଇ କୁକୁଡ଼ାମାନଙ୍କୁ ଡାକୁଛି, ସେ କଥା ତୁ ବି କେବେ ଦିନେ ଆସି ଦେଖ। କୌଣସି ଅପୋଗଣ୍ଡ ଶିଶୁର ଖୁସି ଓ ହସର ଅନୁଭବ କିପରି ସେ କଥା ବି ଦେଖିବା ଶିଖ।"

"ତୁ ଶିଖୁଛୁ ସେଇଟା ହିଁ ବହୁତ, ହେଲେ ମୋତେ ଲାଗୁଛି ଏଇ ସବୁ ବିଚିତ୍ର ସ୍ଥାନକୁ ତୋର ଯିବାଟା ଅନୁଚିତ୍।"

"... ଆରେ କୁକୁଡ଼ା ଦେଖେଇବାକୁ ତ ନେଇ ଯାଇଥିଲି। ସ୍କୁଲ୍ ହିଁତ ଦେଖାଉଥିଲି ତୋ ଛୁଆକୁ। କାଲିକୁ ତାକୁ ସ୍କୁଲ୍ ଯିବାର ଅଭ୍ୟାସ କରିବାକୁ ହେବ ନା ନାଇଁ ?" ଏଇ ଝାମେଲା ଭିତରେ ହିଁ ଖାଇବା ଶେଷ ହେଲା, ଖାଇ ସାରିବା ପରେ ମୁଁ ଆଉ ଚାର୍ବାକ୍ ବସି ଖେଳୁଥିଲୁ। ଖେଳୁ ଖେଳୁ ଚାର୍ବାକ୍ କହିବାକୁ ଲାଗିଲା "ଜେଜେମାଆ ସାଙ୍ଗେ ଝଗଡ଼ା କରୁଛ ?"

ମୁଁ: 'ହଁ'

"କାହିଁକି ଝଗଡ଼ା କରୁଛ ?"

ମୁଁ ଚୁପ୍ ରହିଲି।

"ତୁମେ ଜେଜେମାଆକୁ ଖୁବ୍ ଗାଳି ଦେଲ ?"

ମୁଁ ତଥାପି ଚୁପ୍।

"କାହିଁକି ଗାଳି ଦଉଥିଲା ଜେଜେମାଆକୁ ?"

ମୁଁ ଚୁପ୍ ଥିଲି।

"ଜେଜେମାଆ ବହୁତ ଭଲ, ତୁମେ ତାଙ୍କୁ ଗାଳି ଦବନି।"

"ସିଏ ଯଦି ଭୁଲ୍ କରିବ, ମୁଁ ତାଙ୍କୁ ବହୁତ ଗାଳିଦେବି।"

"ତୁମେ ଯଦି ତାଙ୍କୁ ଗାଳି ଦେବ, ତେବେ ମୁଁ ବି ବହୁତ ରାଗି ଯିବି।"

"ରାଗିଲେ ତୁ କ'ଣ କରିବୁ ?"

ଏଇ ପ୍ରଶ୍ନର ଉତ୍ତରରେ ଚାର୍ବାକ୍ ପଦେ ହେଲେ କିଛି ନ କହି ସିଧା ମୋ କାନମୁଣ୍ଡାକୁ ଶକ୍ତ ଚାପୁଡ଼ାଟାଏ ପକେଇଲା। ମୋତେ ବି ବହୁତ ରାଗ ଲାଗିଲା। ମୁଁ ବି ତା ଗାଲରେ ଚାପୁଡ଼ାଏ ମାରିଲି। ତାର କାନ୍ଦିବାର ଶବ୍ଦ ଚାରିଆଡ଼େ ପ୍ରତିଧ୍ୱନିତ ହେବାକୁ ଲାଗିଲା। କୋଳାହଳ ବ୍ୟାପିଗଲା... ମାଆ ଅସ୍ତବ୍ୟସ୍ତ ହୋଇ ପଦାକୁ ବାହାରି ଆସିଲା।

"କିଏ ସେ ମାରିଲା ମୋ ସୋନ୍ୟାକୁ ?"

ମୋ ବଦଳରେ ସୋନ୍ୟା ଉତ୍ତର ଦେଲା "ବାପା ମୋତେ ମାରିଲେ।"

ସିଏ : କାହିଁକି ମାରିଲୁ ତାକୁ ?

ମୁଁ : ମୋ ସାଙ୍ଗେ ଯୁକ୍ତି କରୁଥିଲା, ଆଉ ସିଏ ହିଁ ପ୍ରଥମେ ମୋ ଗାଲରେ ଚାପୁଡ଼ା ମାରିଲା।

ସିଏ: ଆଉ ସେଇଥିପାଇଁ , କଣ ତୁ ବି ତାକୁ ମାରିଲୁ ?

ମୁଁ : ଆଉ କ'ଣ କରିଥାନ୍ତି ?

ସିଏ : ଛୋଟ ଛୁଆଟା ଯଦି ତୋତେ ମାରିଲା ତୁ ବି ତାକୁ ମାରିଲୁ। କେତେ ବୁଦ୍ଧିଆ ତୁ, କେତେ ବାହାଦୁରୀ ଦେଖେଇଛୁ ତୁ, ନୁହେଁ ? ଆରେ... ମୁଁ ତୋତେ କେବେ ହେଲେ ମାରିଛି ? ତୋର ମନେପଡୁଛି, ମନେ ପକେଇକି ଦେଖ... ପାଂଚ ପାଂଚଟା ଛୁଆଙ୍କୁ ମଣିଷ କରିଛି ହେଲେ କେବେ ହେଲେ ହାତ ଉଠେଇଛି ? ଆଉ ତୁ... ତୁ ଗୋଟେ ଛୋଟ ଛୁଆକୁ ମାରି ତୋର ମରଦପଣ ଦେଖଉଛୁ ନାଇଁ ? ଆରେ, କେବେ ତ ଥରେ ଭଲ ବାପ ହେବା ଶିଖ୍।

ମୁଁ ଚାର୍ବାକ୍‌କୁ ନିଜ ପାଖକୁ ଡାକି ଆଦର କରିବାକୁ ଚାହିଁଲି। କିନ୍ତୁ ସିଏ ମୋ ଠାରୁ ଅଲଗା ହୋଇ ମାଆ ପାଖରେ ଯାଇ ଲାଖିଗଲା। ଚାର୍ବାକ୍‌ଙ୍କୁ ଆକର୍ଷିତ କରିବା ପାଇଁ ଏପରି କି ଶକ୍ତି ଥିଲା ମାଆ ପାଖରେ ଯାହା ମୋ ପାଖରେ ନ ଥିଲା। ଛୋଟ ଛୁଆଟା ଉପରେ ହାତ ଉଠେଇଲା ବେଳେ ଏ କଥା ମୋ ମନକୁ କାହିଁକି ଆସିଲାନାହିଁ ?" ମୋ ଭିତରର ବାପ ଏତେ କ୍ରୋଧି ଓ ଏତେ ଆତୁର କଣ ପାଇଁ ? ସତକୁ ସତ ମାଆ ମୋ ଉପରେ କେବେ ଥରେ ହେଲେ ହାତ ଉଠେଇ ନଥିଲା। ବାପା ଯଦି କେବେ ମୋତେ ବାଡଉ ଥିଲେ ତେବେ ସିଏ ମୋତେ ମାଡରୁ ରକ୍ଷା କରିବା ପାଇଁ ବିଜୁଳି ବେଗରେ ଦୌଡ଼ି ଆସୁଥିଲା । ମୋ ଉପରେ ପଡ଼ିବାକୁ ଥିବା ମାଡ଼କୁ ନିଜେ ସହୁଥିଲା। ହେଲେ ମୋତେ ବଂଚେଇ ଦେଉଥିଲା ମାଡ଼ରୁ। ସେ ସବୁ ମୋ ଦ୍ୱାରା କାହିଁକି ହୋଇପାରୁନି ? (କ୍ରମଶଃ)

❤ ରାଜଭବନ ଡାକଘର,
ଭୁବନେଶ୍ୱର-୮
(ମୋ) ୮୨୪୯୪୩୭୨୭୬

# ଜି-୨୦ ଜନଭାଗିଦାରୀ କାର୍ଯ୍ୟକ୍ରମ : ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ଛାତ୍ରଛାତ୍ରୀଙ୍କ ଦ୍ୱାରା ଛାୟା ଜି-୨୦ ସମ୍ମିଳନୀ ଆୟୋଜିତ



ଭୁବନେଶ୍ୱର, ୧୫/୦୪ (ନି.ପ୍ର): ଭାରତ ସରକାରଙ୍କ ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରଣାଳୟ ଦ୍ୱାରା ଜି-୨୦ ଜନଭାଗିଦାରୀ କାର୍ଯ୍ୟକ୍ରମ ପାଇଁ ଚୟନିତ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ, ଭୁବନେଶ୍ୱରର ଛାତ୍ରଛାତ୍ରୀଙ୍କ ଦ୍ୱାରା ଛାୟା ଜି-୨୦ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ପ୍ରତିଷ୍ଠାନର ଅଧକ୍ଷ ପ୍ରଫେସର ପ୍ରକାଶ ଚନ୍ଦ୍ର ଅଗ୍ରୱାଲ ଏହି ସମ୍ମିଳନୀକୁ ଉଦଘାଟନ କରି ଶିକ୍ଷାର୍ଥୀମାନଙ୍କ ସୃଜନଶୀଳତାର ବିକାଶ ତଥା ବିଶ୍ୱ ନାଗରିକ ଗଠନର ଗୁରୁତ୍ୱ ବର୍ଣ୍ଣନା କରିଥିଲେ। ପ୍ରତିଷ୍ଠାନର ଡିନ ପ୍ରଫେସର ସନ୍ଧ୍ୟାରାଣୀ ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଛାୟା ସମ୍ମିଳନୀରେ ଜି-୨୦ର ସଦସ୍ୟ ରାଷ୍ଟ୍ର ଏବଂ ୟୁରୋପୀୟ ସଂଘକୁ ପ୍ରତିନିଧିତ୍ୱ କରୁଥିବା ଛାତ୍ରଛାତ୍ରୀ ଖୁବ ସୁନ୍ଦର ଭାବେ ନିଜ ଦେଶର ଶିକ୍ଷା, ବୈଷୟିକ ଜ୍ଞାନ, ପରିବେଶ ଓ ଜଳବାୟୁ, ବିଶ୍ୱ ଅର୍ଥବ୍ୟବସ୍ଥା ତଥା ସମାଜର ସାମ୍ପ୍ରତିକ ସ୍ଥିତି ଉପସ୍ଥାପନ କରିବା ସହିତ ସମାଧାନର ସୂତ୍ର ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜି-୨୦ ନୋଡାଲ ଅଧିକାରୀ ପ୍ରଫେସର ଲକ୍ଷ୍ମୀଧର ବେହେରା, ପ୍ରଧାନଶିକ୍ଷକ ଅଖିଳେଶ୍ୱର ମିଶ୍ର, ପ୍ରାଧାପିକା ଡକ୍ଟର ଏଲିଜାବେଥ, ଡକ୍ଟର ପୁଷ୍ପଲତା ନେଗୀ, ଡକ୍ଟର ଅଭିଷେକ ଶତପଥୀ ଓ ପ୍ରତିଷ୍ଠାନ ତଥା ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀମାନେ ଉପସ୍ଥିତ ରହିଥିଲେ। ଶେଷରେ ଡକ୍ଟର ରଶ୍ମୀରେଖା ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଜି-୨୦ ଜନଭାଗିଦାରୀ କାର୍ଯ୍ୟକ୍ରମ : ଆଂଚଳିକ ଶିକ୍ଷା ପ୍ରତିଷ୍ଠାନ ଛାତ୍ରଛାତ୍ରୀଙ୍କ ଦ୍ୱାରା ଛାୟା ଜି-୨୦ ସମ୍ମିଳନୀ ଆୟୋଜିତ

ଭୁବନେଶ୍ୱର, ୧୫/୦୪ (ନି.ପ୍ର): ଭାରତ ସରକାରଙ୍କ ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରଣାଳୟ ଦ୍ୱାରା ଜି-୨୦ ଜନଭାଗିଦାରୀ କାର୍ଯ୍ୟକ୍ରମ ପାଇଁ ଚୟନିତ ଆଂଚଳିକ ଶିକ୍ଷା ପ୍ରତିଷ୍ଠାନ, ଭୁବନେଶ୍ୱରର ଛାତ୍ରଛାତ୍ରୀଙ୍କ ଦ୍ୱାରା ଛାୟା ଜି-୨୦ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ପ୍ରତିଷ୍ଠାନର ଅଧକ୍ଷ ପ୍ରଫେସର ପ୍ରକାଶ ଚନ୍ଦ୍ର ଅଗ୍ରୱାଲ ଏହି ସମ୍ମିଳନୀକୁ ଉଦଘାଟନ କରି ଶିକ୍ଷାର୍ଥୀମାନଙ୍କ ସୃଜନଶୀଳତାର ବିକାଶ ତଥା ବିଶ୍ୱ ନାଗରିକ ଗଠନର ଗୁରୁତ୍ୱ ବର୍ଣ୍ଣନା କରିଥିଲେ। ପ୍ରତିଷ୍ଠାନର ଡିନ ପ୍ରଫେସର ସନ୍ଧ୍ୟାରାଣୀ ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଛାୟା ସମ୍ମିଳନୀରେ ଜି-୨୦ର ସଦସ୍ୟ ରାଷ୍ଟ୍ର ଏବଂ ୟୁରୋପୀୟ ସଂଘକୁ ପ୍ରତିନିଧିତ୍ୱ କରୁଥିବା ଛାତ୍ରଛାତ୍ରୀ ଖୁବ ସୁନ୍ଦର ଭାବେ ନିଜ ଦେଶର ଶିକ୍ଷା, ବୈଷୟିକ ଜ୍ଞାନ, ପରିବେଶ ଓ ଜଳବାୟୁ, ବିଶ୍ୱ ଅର୍ଥବ୍ୟବସ୍ଥା ତଥା ସମାଜର ସାମ୍ପ୍ରତିକ ସ୍ଥିତି ଉପସ୍ଥାପନ କରିବା ସହିତ ସମାଧାନର ସୂତ୍ର ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜି-୨୦ ନୋଡାଲ ଅଧିକାରୀ ପ୍ରଫେସର ଲକ୍ଷ୍ମୀଧର ବେହେରା, ପ୍ରଧାନଶିକ୍ଷକ ଅଖିଳେଶ୍ୱର ମିଶ୍ର, ପ୍ରାଧାପିକା ଡକ୍ଟର ଏଲିଜାବେଥ, ଡକ୍ଟର ପୁଷ୍ପଲତା ନେଗୀ, ଡକ୍ଟର ଅଭିଷେକ ଶତପଥୀ ଓ ପ୍ରତିଷ୍ଠାନ ତଥା ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀମାନେ ଉପସ୍ଥିତ ରହିଥିଲେ। ଶେଷରେ ଡକ୍ଟର ରଶ୍ମୀରେଖା ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

# ପଲିଥିନ ତଳେ ବନ୍ଧା ପଡ଼ିଛି ସାବିତ୍ରୀର ଜୀବନ



ଲଙ୍ଗଳେଶ୍ୱର, ୧୫/୦୪ (ନି.ପ୍ର): ସରକାରୀ ଯୋଜନା ମାଳମାଳ ଥିବାବେଳେ ସ୍ଥାନୀୟ ପ୍ରଶାସନର ଦୃଷ୍ଟି ଆଢୁଆଳରେ ଅସହାୟା ଅବସ୍ଥାରେ ରହିଛନ୍ତି ବୃଦ୍ଧା ଜଣକ।ସରକାରୀ ସହାୟତା କହିଲେ ମାତ୍ର ପାଞ୍ଚ କିଲୋ ଚାଉଳ ଓ ଭତ୍ତା। ନା ଅଛି ସରକାରୀ ପକ୍କାଘର, ପାଇଖାନା ନା ଶୁଦ୍ଧ ପାନୀୟ ଜଳ। ତେବେ ମାଉସୀ ଙ୍କର ନା ସ୍ୱାମୀ ଓ ପିଲାମାନେ ,ବହୁଦିନରୁ ବୁଢି ମାଉସୀର ହାତ ଛାଡି ସେମାନେ ଆରପାରିରେ। ଜୀବନ ବଞ୍ଚାଇବାକୁ ସଂଘର୍ଷ କରି ଚାଲିଛନ୍ତି। ଲୋକମାନେ ଯାହା ଦିଅନ୍ତି ସେଥିରେ ସେ ଖାଇପିଇ ଯେନେତେନ ପ୍ରକାର ବଞ୍ଚିଛନ୍ତି। ଏହି ପରି ଏକ ଘଟଣା ବାଲିଆପାଳ ବ୍ଲକ ଅନ୍ତର୍ଗତ ପଞ୍ଚୁପାଲି ପଞ୍ଚାୟତର କାଳସିମୁଳି ଗ୍ରାମରେ ପଲିଥିନ ତଳେ ଜୀବନ ବିତାଉଛନ୍ତି ବୃଦ୍ଧା ସାବିତ୍ରୀ ବେହେରା ବୟସ (୭୫) ଙ୍କୁ ସରକାରୀ ପକ୍କାଘର ଯୋଜନାରୁ ବଞ୍ଚିତ ହୋଇଛନ୍ତି ଜରି ପାଲ ଟଙ୍ଗା ଘରେ ଅଶ୍ୱାସ୍ଥ୍ୟକର ପରିବେଷ ମଧ୍ୟରେ ବାକି ଜୀବନ ବିତାଉଛନ୍ତି। ଗ୍ରାମବାସୀ ଙ୍କ କହିବା କଥା ଯେ ବହୁଦିନ ଧରୀ ମନ୍ଦିର କଡ଼ ଓ ହାଟଚାଳି ରେ ରହୁଥିଲେ ତାଙ୍କୁ ଗ୍ରାମ ବାସି ଦେଖି କ୍ଲବ୍ ଘର ପଖରେ କୁଡ଼ିଆ ଟିଏ ତିଆରି କରି ଦେଲେ ସେହିକୁଡ଼ିଆରେ ଜୀବନ ବିତାଉଛନ୍ତି ବୁଢ଼ୀ ମାଉସୀ । ତେବେ ମାଗିଯାଚି ବାକି ଜୀବନ ବିତାଉଥିବା ବେଳେ ସରକାର ତାଙ୍କୁ ଖଣ୍ଡିଏ ପକ୍କାଘର, ପାଇଖାନା,ଶୁଦ୍ଧ ପାନୀୟ ଜଳ ଓ ଚାରି ଡ୍ରିସମିଲ ପଟ୍ଟା ଯୋଗାଇ ଦେବା ସହିତ ୩୫ କିଲୋ ଚାଉଳ ଯୋଗାଇ ଦିଆଯାଏ ତେବେ ବିଚାରା ଅସହାୟ ବିଧ୍ୱା ମହିଳା ଜଣକ ଜୀବନଟି ଆନନ୍ଦରେ ବିତାଇପାରନ୍ତା । ତେବେ ଏହି ଅସହାୟ ସାବିତ୍ରୀ ଉପରେ ପ୍ରଶାସନର କେବେ ଶୁଭ ଦୃଷ୍ଟି ପଡୁଛି ତାହା ଦେଖିବାକୁ ବାକି ରହିଲା ।

# ଗୁରୁ ଗଙ୍ଗାଧର ସେଠୀଙ୍କ ବହୁଭାଷୀ କବିତାଗ୍ରନ୍ଥ 'ଭାଷା ସୁମନ' ଉନ୍ମୋଚିତ



ବାଲେଶ୍ୱର, ୧୫/୦୪ (ନି.ପ୍ର): ଫକୀରମୋହନ ସାହିତ୍ୟ ପରିଷଦ ଆନୁକୂଲ୍ୟରେ ଗୁରୁ ଗଙ୍ଗାଧର ସେଠୀଙ୍କ ବହୁଭାଷୀ କବିତାଗ୍ରନ୍ଥ 'ଭାଷା ସୁମନ' ଶନିବାର ସନ୍ଧ୍ୟାରେ ଶାନ୍ତିକାନନଠାରେ ଉନ୍ମୋଚିତ ହୋଇଯାଇଛି । ପରିଷଦର ସଭାପତି ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ପୁସ୍ତକ ଉନ୍ମୋଚନ ଉତ୍ସବରେ ବର୍ଷିୟାନ ସାରସ୍ୱତ ସାଧକ ଡ. ରମାକାନ୍ତ ବେହେରା ଉନ୍ମୋଚକ ଭାବେ ଯୋଗଦେଇଥିବାବେଳେ ବିଶିଷ୍ଟ ଗବେଷକ ଡ. ଶିରୀଶ ଚନ୍ଦ୍ର ଜେନା ଓ ଡ. ଭାଗବତ ପ୍ରସାଦ ଦାସ ସମୀକ୍ଷକ ଭାବେ ଯୋଗ ଦେଇଥିଲେ। ପୁସ୍ତକଟିରେ ଓଡ଼ିଆ, ହିନ୍ଦୀ, ବଙ୍ଗଳା ଓ ହିନ୍ଦୀ ଗୀତିକବିତା ସ୍ଥାନ ପାଇଥିବାସ୍ଥଳେ ଓଡ଼ିଆ ଭାଷାରେ ଭକ୍ତି ସଙ୍ଗୀତ, ଓଡ଼ିଶୀ ସଙ୍ଗୀତ, ଶିଶୁ ସଙ୍ଗୀତ, ପଲ୍ଲୀ ସଙ୍ଗୀତ, ଗୀତିକବିତା ଇତ୍ୟାଦି ସନ୍ନିବେଶିତ ହୋଇ ପୁସ୍ତକଟି ଉଭୟ ଆଙ୍ଗିକ ଓ ଆତ୍ମିକ ଦୃଷ୍ଟିରୁ ଉଚ୍ଚକୋଟୀର ହୋଇପାରିଛି ବୋଲି ବକ୍ତାମାନେ ମତପ୍ରକାଶ କରିଥିଲେ। ଲେଖକ ଗୁରୁ ଗଙ୍ଗାଧର ସେଠୀ ଲେଖକୀୟ ବକ୍ତବ୍ୟରେ ନିଜର ସାହିତ୍ୟ ଓ ସଙ୍ଗୀତ ସାଧନା ସଂପର୍କରେ ସମ୍ୟକ ସୂଚନା ପ୍ରଦାନ କରିଥିଲେ। ପରିଷଦର ସଂପାଦକ ପ୍ରାକ୍‌ବକ୍ତବ୍ୟ ପ୍ରଦାନ କରିଥିଲେ। ଯୁଗ୍ମ ସଂପାଦକ ଡ. ସାରଙ୍ଗଧର ତ୍ରିପାଠୀ ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିବାବେଳେ ଅନ୍ୟତମ ଯୁଗ୍ମ ସଂପାଦିକ କଲ୍ୟାଣୀ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

## ଦହି ସରବତ ଷ୍ଟୋଲ ଖୋଲିଲେ ଏନ.ଏ.ସି. ଅଧକ୍ଷା ଅମ୍ବିକା ଦାସ

ନୀଳଗିରି, ୧୫/୦୪ (ନି.ପ୍ର): ଅତ୍ୟଧିକ ତାପମାତ୍ରା ଆଖି ଆଗରେ ରଖି ଶନିବାର ଦିନ ନୀଳଗିରି ଏନ.ଏ.ସି. ଅଧକ୍ଷା ଅମ୍ବିକା ଦାସ ନୀଳଗିରି ଦୁର୍ଗା ମଣ୍ଡପ ଠାରେ ଦହି ସରବତ ଷ୍ଟୋଲକୁ ଉଦ୍‌ଘାଟନ କରି ବାଟୋଇ ମାନଙ୍କୁ ନିଜ ହାତରେ ଦହି ସରବତ ପ୍ରଦାନ କରିଛନ୍ତି । ଏହି ଅବସରରେ ଅଧକ୍ଷାଙ୍କ ପ୍ରତିଧି ଶରତ ଦାସ, ଯୁବସମାଜସେବୀ ଉଦୟଜ୍ୟୋତି ମହାନ୍ତି, ଟୁନା ବାଗ ପ୍ରମୁଖ ଉପସ୍ଥିତ ଥିଲେ। ଏତାଦୃଶ କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଉଅଛି । ଦହି ସରବତ ଷ୍ଟୋଲ ପାଖରେ ପ୍ରବଳ ଲୋକଙ୍କ ଭିଡ଼ ଲାଗି ରହିଥିଲା ।

## ରାଜ୍ୟ ବାର କାଉନସିଲ ସଭ୍ୟ ନିର୍ବାଚନ : ବାଲେଶ୍ୱରରେ ୧୧୨୭ ଜଣ କଲେ ମତଦାନ

ବାଲେଶ୍ୱର, ୧୫/୦୪ (ନି.ପ୍ର): ସମଗ୍ର ଓଡ଼ିଶାରେ ଶନିବାର ରାଜ୍ୟ ବାର କାଉନସିଲ ନିର୍ବାଚନ ହୋଇଥିବା ବେଳେ ବାଲେଶ୍ୱରରେ ବି ଶାନ୍ତି ଶୃଙ୍ଖଳାର ସହ ମତଦାନ ଶେଷ ହୋଇଛି । ଏନେଇ ସ୍ଥାନୀୟ ଅଦାଲତ ପରିସରରେ ୪ ଗୋଟି ବୁଥ ଅନୁଷ୍ଠିତ ହୋଇଥିଲା। ପୂର୍ବାହ୍ନ ୧୦ଟାରୁ ଅପରାହ୍ଣ ୫ ଟା ପର୍ଯ୍ୟନ୍ତ ହୋଇଥିବା ଭୋଟ ଗ୍ରହଣ କାର୍ଯ୍ୟକ୍ରମରେ ବାଲେଶ୍ୱର ବାର ଆସୋସିଏସନର ୧୩୫୨ ଜଣ ଆଇନଜୀବୀଙ୍କ ମଧ୍ୟରୁ ୧୧୨୭ ଜଣ ମତଦାନ କରିଥିବା ଜଣାଯାଇଛି । ୪ ବୁଥରେ ବାଲେଶ୍ୱରର ବିଭିନ୍ନ କୋର୍ଟର ୪ଜଣ ଜଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଶୃଙ୍ଖଳାର ସହ ମତଦାନ କାର୍ଯ୍ୟ ସମ୍ପାଦିତ ହୋଇଛି। ପ୍ରତ୍ୟେକ ଭୋଟର ସମନିମ୍ନ ୫ଜଣଙ୍କୁ ଭୋଟ ଦେଇଛନ୍ତି। ଏହି ନିର୍ବାଚନରେ ଭୋଟର ଜଣକ କ୍ରମାନ୍ୱୟରେ ପ୍ରଥମ, ଦ୍ୱିତୀୟ, ତୃତୀୟ, ଚତୁର୍ଥ ଓ ପଞ୍ଚମ ପସନ୍ଦର ପ୍ରାର୍ଥୀଙ୍କୁ ବାଛିବାର ପ୍ରାବଧାନ ରହିଛି। ୫ ଜଣରୁ କମ ପ୍ରାର୍ଥୀଙ୍କୁ ବାଛିଲେ ସମ୍ପୃକ୍ତ ଭୋଟରଙ୍କ ମତ ନାକଚ ହୋଇଯାଇଥାଏ ବୋଲି ଜଣାଯାଇଛି। ଚଳିତ ରାଜ୍ୟ ବାର କାଉନସିଲ ନିର୍ବାଚନରେ ୨୫ ସଭ୍ୟ ପଦ ପାଇଁ ୯୬ ଜଣ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ନିର୍ବାଚିତ ୨୫ ସଦସ୍ୟଙ୍କ ମଧ୍ୟରୁ ଚେୟାରମ୍ୟାନ, ଭାଇସ ଚେୟାରମେନ ଓ ଅନ୍ୟାନ୍ୟ କର୍ମକର୍ତ୍ତାମାନେ ପୁଣି ମନୋନୀତ ବା ନିର୍ବାଚିତ ହେବେ ବୋଲି ବରିଷ୍ଠ ଆଇନଜୀବୀମାନେ ସୂଚନା ଦେଇଛନ୍ତି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ....

## ଉତ୍ତେଜନା ଭିତରେ ଅନିର୍ଦ୍ଦିଷ୍ଟ କାଳ....

ଘରୁ ବାହାରିବେ ସେମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରଶାସନ ପକ୍ଷରୁ ଲୋକଙ୍କୁ ସଚେତନ କରାଯାଇଛି । ସମ୍ବଲପୁର ସହରର ୬ଟି ଥାନା ଅଂଚଳରେ କର୍ଫ୍ୟୁ ଜାରି କରାଯାଇଛି । ଟାଉନ ଥାନା, ଧନୁପାଲି ଥାନା, କ୍ଷେତରାଜପୁର ଥାନା, ଅଇଁଠାପାଲି ଥାନା, ବରେଇପାଲି ଥାନା ଓ ସଦର ଥାନା ଅଂଚଳରେ କର୍ଫ୍ୟୁ କଟକଣା ଜାରି କରାଯାଇଛି । ସ୍ଥିତିରେ ସୁଧାର ନ ଆସିବା ଯାଏଁ କର୍ଫ୍ୟୁ ଜାରି ରହିବ । ତେବେ ସହରରେ ସ୍ଥିତି ନିୟନ୍ତ୍ରଣରେ ଥିବା କହିବା ସହ, କେମିତି ଶାନ୍ତି ଫେରିବ ସେଥିପାଇଁ ଜନସାଧାରଣଙ୍କୁ ଅପିଲ କରିଛନ୍ତି ଜିଲ୍ଲାପାଳ ଅନନ୍ୟା ଦାସ । ଜିଲ୍ଲାପାଳ ଅପିଲ କରି କହିଛନ୍ତି, କୌଣସି ପ୍ରକାର ଗୁଜବ ଉପରେ ବିଶ୍ୱାସ କରନ୍ତୁ ନାହିଁ । କୌଣସି ଗୁଜବ ସୃଷ୍ଟି କରନ୍ତୁ ନାହିଁ । ସ୍ୱାଭାବିକ ସ୍ଥିତି ଫେରାଇ ଆଣିବାକୁ ଜାରି ରହିଛି ଉଦ୍ୟମ । ଯେମିତି ଆଉ କୌଣସି ଅସ୍ୱାଭାବିକ ପରିସ୍ଥିତି ନଉପୁଜେ ସେଥିପାଇଁ ସମ୍ବଲପୁର ସୀମାକୁ ସିଲ କରିଛି ପ୍ରଶାସନ । ବିଶେଷକରି କୌଣସି ଅସାମାଜିକ ତତ୍ୱ ଯେମିତି ପ୍ରବେଶ କରି ନପାରିବେ ତା ଉପରେ ଗୁରୁତ୍ୱ ଦେଇଛି ପ୍ରଶାସନ । ଏଥିସହ ଇଂଟରନେଟ୍ ସେବାକୁ ଆଗାମି ୧୭ତାରିଖ ପର୍ଯ୍ୟନ୍ତ ବନ୍ଦ ରଖିବାକୁ ଘୋଷଣା କରାଯାଇଛି । ଏବଂ ୪୩ପ୍ଲାଟୁନରୁ ଅଧିକ ସୁରକ୍ଷା ବଳ ମୂତୟନ ହୋଇଛନ୍ତି । କର୍ଫ୍ୟୁ ଭିତରେ ସମ୍ବଲପୁର ଗସ୍ତ କରିଛନ୍ତି ପୋଲିସ ଡିଜି । ସେଠାରେ ସ୍ଥିତିର ସମୀକ୍ଷା କରିଛନ୍ତି । ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି । ଆଉ ସମୀକ୍ଷା ପରେ, କହିଛନ୍ତି, ଶାନ୍ତି ଶୃଂଖଳା ବଜାୟ ରଖିବାକୁ ଚେଷ୍ଟା କରାଯାଉଛି । ସ୍ଥିତି ଭଲ ଆଡକୁ ଗତି କରୁଛି । ଦିନେ ଦୁଇ ଦିନ ଭିତରେ ସ୍ଥିତି ସୁଧୁରିବ ବୋଲି ଆଶା କରାଯାଉଛି । ହେଲେ, କର୍ଫ୍ୟୁ ବଳବତ୍ତର ରହିବ । ଇଂଟରନେଟ୍ ବନ୍ଦ ରହିବ । ଗଣ୍ଡଗୋଳକାରୀଙ୍କୁ ଧରିବାକୁ ଚେଷ୍ଟା କରାଯାଉଛି । କର୍ଫ୍ୟୁ ସମୟରେ ସହଯୋଗ ପାଇଁ ଲୋକଙ୍କୁ ଅପିଲ କରିଛନ୍ତି । ତେବେ କାଲିର ପରୀକ୍ଷା ପାଇଁ ବ୍ୟବସ୍ଥା କରାଯାଇଛି ବୋଲି କହିଛନ୍ତି ଡିଜି । ପରୀକ୍ଷା ପାଇଁ କଟକଣା କୋହଳ ହୋଇପାରେ । ସାଧାରଣ ଲୋକଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି କର୍ଫ୍ୟୁ ସମୟରେ, ଦିନକୁ ଦୁଇଥର କଟକଣା କୋହଳ ହେବ ବୋଲି ପ୍ରଶାସନ ପକ୍ଷରୁ ସ୍ପଷ୍ଟ କରାଯାଇଛି । ପ୍ରଶାସନର ନିଷ୍ପତି ଅନୁସାରେ, ସକାଳ ୮ଟାରୁ ୧୦ଟା ଯାଏଁ ଏବଂ ଅପରାହ୍ଣ ସାଢେ ୩ଟାରୁ ସନ୍ଧ୍ୟା ସାଢେ ୫ଟା ଯାଏଁ ଜରୁରୀ କାମର ବାହାରକୁ ବାହାରିପାରିବେ ଲୋକେ । କର୍ଫ୍ୟୁ ସମୟରେ ଡାକ୍ତରଖାନା, ଔଷଧ ଦୋକାନ ଭଳି ଆତ୍ୟାବଶ୍ୟକ ସେବା ବ୍ୟତିତ ଅନ୍ୟ ସବୁ କିଛି ବନ୍ଦ ରହିବ । ସେହିପରି ଟ୍ରେନ ଯାତ୍ରୀ ଓ ବିମାନ ଯାତ୍ରୀ, ଟିକେଟ ଦେଖାଇ ଯାଇପାରିବେ । ଜରୁରୀ ସ୍ୱାସ୍ଥ୍ୟ ସେବା ପାଇଁ ୨୪ ଘଂଟିଆ ହେଲପଲାଇନ ନଂବର ଜାରି କରାଯାଇଛି । ହେଲପ ଲାଇନ ନଂବର ହେଉଛି ୭୬୫୫୮୦୦୭୬୦ । ତେବେ କଟକଣା କୋହଳ ସମୟ ବ୍ୟତିତ ସାଧାରଣ ଲୋକ ଅନ୍ୟ ସମୟରେ ପଦାକୁ ବାହାରିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଘୋଷଣା କରାଯାଇଛି ।

## ୪୨.୫ ଡିଗ୍ରୀ ସହ ବୌଦ୍ଧ....

ମଧ୍ୟମଧରଣର ବର୍ଷା ହୋଇପାରେ। ଆଗାମୀ ୫ ଦିନ ପର୍ଯ୍ୟନ୍ତ କିଛି କିଛି ଜିଲ୍ଲାରେ ବର୍ଷା ସମ୍ଭାବନା ଥିବାରୁ ତାତି କମିବ ବୋଲି କହିଛି ପାଣିପାଗ ବିଭାଗ। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ପାଣିପାଗ ବିଭାଗ ରିପୋର୍ଟ ମୁତାବକ ଆଜି ବୌଦ୍ଧରେ ସର୍ବାଧିକ ୪୨.୫ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି। ସେହିପରି ଝାରସୁଗୁଡ଼ାରେ ୪୨.୨, ତାଳଚେରରେ ୪୨, ଟିଟିଲାଗଡ଼ରେ ୪୧, ସମ୍ବଲପୁରରେ ୪୦.୯, ବଲାଙ୍ଗିରରେ ୪୧.୭, ଅନୁଗୋଳରେ ୪୧.୧, ସୋନପୁରରେ ୪୦.୭, ସୁନ୍ଦରଗଡ଼ରେ ୪୧, ରାଉରକେଲାରେ ୪୧.୬, ଭବାନୀପାଟଣାରେ ୪୧.୨, କଟକରେ ୪୧.୨, କେନ୍ଦୁଝରରେ ୪୧, ହୀରାକୁଦରେ ୪୦, ଭୁବନେଶ୍ୱରରେ ୪୧.୭, ଢେଙ୍କାନାଳରେ ୪୦.୮, ଚାନ୍ଦବାଲିରେ ୪୦.୭, ପାରଳାଖିମୁଣ୍ଡିରେ ୪୦.୪, ନୟାଗଡ଼ରେ ୪୦, ଯାଜପୁରରେ ୪୧, ବରଗଡ଼ରେ ୪୦.୬, ଖୋର୍ଦ୍ଧାରେ ୪୦ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି।

## ଓଡ଼ିଆ ସମେତ ୧୩ଟି ଆଂଚଳିକ....

ବିଶେଷ ଭାବରେ ଗ୍ରାମାଂଚଳର ଯୁବବର୍ଗମାନେ ଏହାର ସୁବିଧା ପାଇପାରିବେ । ଏହି ନିର୍ଣ୍ଣୟ ସବୁ ଭାରତୀୟ ଭାଷାର ପ୍ରଚାର ପ୍ରସାର ଦିଗରେ ପ୍ରଧାନମନ୍ତ୍ରୀଙ୍କ ପ୍ରତିବଦ୍ଧତାର ପ୍ରତିଫଳନ ବୋଲି କେନ୍ଦ୍ରମନ୍ତ୍ରୀ ଟ୍ୱିଟ୍ କରିଛନ୍ତି । ଉଲ୍ଲେଖନୀୟ ଯେ, କେନ୍ଦ୍ର ସ୍ୱରାଷ୍ଟ୍ର ଏବଂ ସମବାୟ ମନ୍ତ୍ରୀ ଅମିତ ଶାହାଙ୍କ ନିର୍ଦ୍ଦେଶକ୍ରମେ ସିଏପିଏଫରେ ସ୍ଥାନୀୟ ଯୁବକମାନଙ୍କର ଭାଗିଦାରୀ ବଢ଼ାଇବା ଏବଂ ଆଂଚଳିକ ଭାଷାଗୁଡ଼ିକୁ ପ୍ରୋତ୍ସାହନ ଦେବା ଲାଗି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଏହି ଐତିହାସିକ ନିଷ୍ପତି ଗ୍ରହଣ କରାଯାଇଛି। ଏଣିକି ହିନ୍ଦୀ ଓ ଇଂରାଜୀ ବ୍ୟତୀତ ଓଡ଼ିଆ, ଅହମୀୟା, ବଙ୍ଗଳା, ଗୁଜରାଟୀ, ମରାଠୀ, ମାଲାୟଲମ, କନ୍ନଡ଼, ତାମିଲ, ତେଲୁଗୁ, ଉର୍ଦ୍ଦୁ, ପଞ୍ଜାବୀ, ମଣିପୁରୀ ଏବଂ କୋଙ୍କଣୀ ଭାଷା ଗୁଡ଼ିକରେ ସିଏପିଏଫ ପରୀକ୍ଷାରେ ପ୍ରଶ୍ନପତ୍ର ପ୍ରସ୍ତୁତ ହେବ।

# ୧୭ରୁ ଖୋଲିବ ସ୍କୁଲ

ଭୁବନେଶ୍ୱର, ୧୫/୦୪ (ନି.ପ୍ର): ରାଜ୍ୟ ସରକାରଙ୍କ ନିଷ୍ପତି କ୍ରମେ ଚଳିତ ଅପ୍ରେଲ ୧୭ରୁ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ରାଜ୍ୟର ସମସ୍ତ ସରକାରୀ ଏବଂ ବେସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡ଼ିକରେ ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପାଠପଢ଼ା ସକାଳ ୬ଟା ୩୦ରୁ ଆରମ୍ଭ ହୋଇ ଦିନ ୧୧ଟା ପର୍ଯ୍ୟନ୍ତ ଚାଲିବ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଏହି ସୂଚନା ଦିଆଯାଇଛି। ସ୍ଥଳ ବିଶେଷରେ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ଜିଲ୍ଲାପାଳମାନେ ସେମାନଙ୍କ ଜିଲ୍ଲାର ବିଦ୍ୟାଳୟମାନଙ୍କର ସମୟ ନିର୍ଘଂଟକୁ ପରିବର୍ତନ କରିପାରିବେ। ପୁନଶ୍ଚ, ବିଦ୍ୟାଳୟଗୁଡ଼ିକରେ ପାନୀୟ ଜଳ ଓ ଅନ୍ୟାନ୍ୟ ସୁବିଧା ଉପଲବ୍ଧ କରାଇବା ନିମନ୍ତେ ସମସ୍ତ ବିଦ୍ୟାଳୟ କର୍ତୃପକ୍ଷ ଯତ୍ନବାନ ହେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ସୂଚନାଯୋଗ୍ୟ ଯେ ରାଜ୍ୟରେ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଏପ୍ରିଲ ୧୨ ତାରିଖରୁ ୧୬ ତାରିଖ ପର୍ଯ୍ୟନ୍ତ ସମସ୍ତ ସ୍କୁଲ ଓ ଅଙ୍ଗନବାଡି କେନ୍ଦ୍ର ବନ୍ଦ ରହିବା ନେଇ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ ।

# ଗୁଣି ଗାରେଡ଼ି ସନ୍ଦେହରେ ମହିଳାଙ୍କୁ ଦୁର୍ବ୍ୟବହାର

ନୀଳଗିରି, ୧୫/୦୪ (ନି.ପ୍ର): ଆଜିର ଡିଜିଟାଲ ଯୁଗରେ ରାଜ୍ୟ ସରକାର ଆଦିବାସୀ ଓ ହରିଜନ ସଂପ୍ରଦାୟର ପିଲାମାନଙ୍କର ଶିକ୍ଷାର ଉନ୍ନତି ପାଇଁ ନାନାବିଧି ଯୋଜନା ପ୍ରଚଳନ କରୁଥିବା ବେଳେ ସେମାନଙ୍କର ଚକିରି କ୍ଷେତ୍ରରେ ଅଗ୍ରାଧିକାର ଦେଉଥିବା ବେଳେ ଅନ୍ଧବିଶ୍ୱାସ ଠାରୁ ଦୁରେଇ ରହିବା ପାଇଁ ଶିକ୍ଷା କ୍ଷେତ୍ରରେ ଅଗ୍ରାଧିକାରୀ ଦେଇ ଆସୁଥିବା ବେଳେ ଏବେ ବି ସେମାନଙ୍କ ସମାଜରେ ଅନ୍ଧବିଶ୍ୱାସ ରହିଅଛି । ଅନ୍ଧବିଶ୍ୱାସକୁ ବିଶ୍ୱାସ କରି ବହୁ ଅଘଟଣ ଘଟାଉଥିବା ବେଳେ ଶନିବାର ଦିନ ଏପରି ଏକ ଅନ୍ଧବିଶ୍ୱାସକୁ ନେଇ ଜନୈକ ମହିଳାଙ୍କୁ ଦୁର୍ବ୍ୟବହାର କରିବା ସହ ତା ଘର ଉପରୁ ଟେକା ପଥର ମାଡ଼ ମାରିଥିବାର ଦେଖିବାକୁ ମିଳିଛି । ସୂଚନା ଅନୁସାରେ ନୀଳଗିରି ଥାନା ଅଧୀନସ୍ଥ ବଣିଆଗାଁ ରେ ଏପରି ଘଟଣା ଦେଖିବାକୁ ମିଳିଛି । ଉକ୍ତ ଗ୍ରାମର ଗୀତାଞ୍ଜଳି ଦାସ କାଳେ ଗୁଣି ଗାରେଡ଼ି କରୁଥିବା ନେଇ ଉକ୍ତ ଗ୍ରାମର ବାପୁନୀ ସିଂ ଓ ମନ୍ମଥ ସିଂ ସନ୍ଦେହ କରିଥିଲେ । ଉକ୍ତ ଗ୍ରାମର ଓଡ଼ିଆ ପରିବାର ଭାବେ ଗୀତାଞ୍ଜଳିର ପରିବାର ରହି ଆସୁଥିବା ବେଳେ ଅନ୍ୟ ସମସ୍ତ ପରିବାର ଆଦିବାସୀ ସଂପ୍ରଦାୟର ରୁହନ୍ତି । ପଣା ସଂକ୍ରାନ୍ତି ଦିନ ନିଜର ପୂଜା ଡାଲା ଧରି ମାଆଙ୍କ ପାଖକୁ ପୂଜା ପାଇଁ ଯାଉଥିବା ବେଳେ ଅଶ୍ଳୀଳ ଭାଷାରେ ବାପୁନୁ ଓ ମନ୍ମଥ ଗାଳି ଗୁଲଜ କରିଥିଲେ । ଗୀତାଞ୍ଜଳି କୌଣସି ପ୍ରତିବାଦ କରି ନ ଥିଲେ । ଅନ୍ୟ ଏକ ଗୁଣିଆ ୨ଜଣକୁ ତେଲ ପାଣି ଦେଖି କହିଥିଲେ ଯେ ତୁମ ଗାଁରେ ଜଣେ ଗୁଣିଆ ଏପରି କରୁଅଛି ବୋଲି କହିଥିଲେ । ସେଥିପାଇଁ ତୁମମାନଙ୍କର ଦେହ ଖରାପ ହେଉଛି । ବାପୁନୁ ଓ ମନ୍ମଥ ଗୁଣିଆକୁ ବିଶ୍ୱାସ କରି ଶନିବାର ଦିନ ଗୀତାଞ୍ଜଳି ଘର ଉପରକୁ ଟେକା ପଥର ଫିଙ୍ଗିବା ସହ ଘରର ଆସବାବପତ୍ର ମଧ୍ୟ ଭାଙ୍ଗି ଦେଇଛନ୍ତି । ଏପରିକି ତାକୁ ଘରୁ ବାହାରକୁ ବାହାରିବାକୁ ଦେଇ ନ ଥିଲେ । ପରେ ପଡ଼ୋଶୀ ଲୋକେ ରୁଣ୍ଡ ହୋଇ ଯାଇଥିଲେ । ପରେ ପରିସ୍ଥିତି ଶାନ୍ତ ହୋଇ ପଡ଼ିଥିଲା । ଏ ନେଇ ନୀଳଗିରି ପୋଲିସକୁ ଖବର ଦିଆଯାଇଥିଲା । ପୋଲିସ ଘଟଣାର ତଦନ୍ତ ଜାରି ରଖିଛି । ଖବର ଲେଖିବା ବେଳକୁ ନୀଳଗିରି ଥାନାରେ କୌଣସି ମାମାଲା ରୁଜୁ ହୋଇ ନ ଥିଲା ।

# ଜନସାଧାରଣଙ୍କ ସ୍ୱାର୍ଥ ସହ ଜଡିତ ବନ୍ଦର ବିରୋଧୀ ଆନ୍ଦୋଳନକୁ ଜାତୀୟ ସ୍ତରରେ ପହଂଚାଇବୁ : ପି.ଭି. ରାଜଗୋପାଳ



ବାଲିଆପାଳ, ୧୫/୦୪ (ନି.ପ୍ର): ସ୍ୱାଧୀନତା ପରେ ଅହିଂସା ମାଧ୍ୟମରେ ଲଢେଇ କରି ସଫଳ ଜଣ ଅନ୍ଦୋଳନର ରୂପ ନେଇଥିବା ବାଲିଆପାଳ ଭିଟାମାଟି ସୁରକ୍ଷା ଆନ୍ଦୋଳନ ଭାରତବର୍ଷର ସବୁ ଜନଆନ୍ଦୋଳନକୁ ପ୍ରେରଣା ଯୋଗଇଛି । ଏବେ ପୁଣି ସାଧାରଣ ଲୋକଙ୍କ ସ୍ୱାର୍ଥ ସହ ଜଡିତ ସୁବର୍ଣ୍ଣରେଖା ବନ୍ଦର ବିରୋଧୀ ଆନ୍ଦୋଳନକୁ ଦେଶର ପ୍ରତିଟି କୋଣ ଅନୁକୋଣରେ ପହଂଚାଇବା ସହ ଏହି ଆନ୍ଦୋଳନକୁ ସଫଳ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିବେ ବୋଲି ଆଜି ବାଲିଆପାଳ ବ୍ଲକ ଚୌମୁଖ ଠାରେଐତିହାସିକ ବିଜୟୀ ବାଲିଆପାଳ ଜନ ଅନ୍ଦୋଳନର ୩୮ ବର୍ଷ ପୂର୍ତ୍ତି ଅବସରରେ ଯୋଗଦେଇ ବିଶିଷ୍ଟ ଗାନ୍ଧୀବାଦୀ ନତା ପି.ଭି. ରାଜଗୋପାଳ ମତବ୍ୟକ୍ତ କରିଛନ୍ତି । ଏହ ଅବସରେ ଶ୍ରୀ ରାଜଗୋପାଳ କହିଥିଲେ ଯେ ଆସୁଛି ମହାବିପଦ । ବିକାଶ ନାମରେ ଏ ଅଂ ଚଳକୁ ଧ୍ୱଂସ କରିବାକୁ ଚାଲିଛି ବିଧିବଦ୍ଧ ଷଡଯନ୍ତ୍ର ଲୋକଙ୍କ ଭିଟାମାଟି ଜମି ପ୍ରାକୃତିକ ସମ୍ପ ରେ ଭରପୁର ଶସ୍ୟ ଶ୍ୟାମଳା ଅ ଳକୁ ନେଇ ବନ୍ଦର ଓ ଅନ୍ୟାନ୍ୟ ବନ୍ଦର ଭି କ ଶିଳ୍ପ ସ୍ଥାପନ ପାଇଁ ହେଉଥିବା ଉଦ୍ୟମକୁ ଗଣଆନ୍ଦୋଳନ ଦ୍ୱାରା ପ୍ରତିହତ କରାଯିବ । ଲୋକଙ୍କ ଭୀଟାମାଟିକୁ କେହି ସେମାନଙ୍କ ପାଖରୁ ଛଡେଇ ନେଇପାରିବେ ନାହିଁ । ଧାନ ପାନ ଓ ମୀନ, କାଜୁ ବାଦାମ, ସଜନା ବିଭିନ୍ନ ପନିପରିବାରେ ସମୃଦ୍ଧ ଏ ଅ ଳ ଧ୍ୱଂସ ହେବ । ହଜାର ହଜାର ମତ୍ସ୍ୟଜିବୀ ଜିବୀକା ହରେଇବେ । ବିକାଶ ନାମରେ ସାଧାରଣ ଲୋକଙ୍କୁ ବାସ୍ତୁ ହରାକରି ରାଜରାସ୍ତାକୁ ଆଣୁଥିବା ପ୍ରକଳ୍ପରୁ ସରକାର ଦୂରେଇ ଯାଅନ୍ତୁ ବୋଲି ସିଧାସଳଖ ଚେତାବଣୀ ଦେଇଥିଲେ । ଆଜି ଘାଟି ଆନ୍ଦୋଳନର ୩୮ ବର୍ଷ ଉପଲକ୍ଷେ ଭିଟା ମାଟି ସୁରକ୍ଷା କମିଟ ପକ୍ଷରୁ ବାଲିଆପାଳ ବ୍ଲକ ଚୌମୁଖ କାଳୀ ମଣ୍ଡପ ଛକଠାରେ ଆୟୋଜିତ ଏହି ବିଶାଳ ଜନସମାବେଶରେ ଉପକୂଳ ଭିଟାମାଟି ସୁରକ୍ଷା କମିଟିର ଆବାହକ ଅରୁଣ ଜେନାଙ୍କ ସଭାପତିତ୍ୱ କରିଥିଲେ ଏହି ସମାବେଶରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ଚି ରଞ୍ଜନ ଷଡଙ୍ଗୀ, କଂଗ୍ରେସ ରାଜ୍ୟ ପବକ୍ତା ସୁଦର୍ଶନ ଦାସ,ବରିଷଯଟ ସିପିଆଇଏମ ନେତା ଶିଶିର ହୁଇ,କଂଗ୍ରେସ ଜିଲ୍ଲା ସଭାପତି ସଞ୍ଜିବ ଗିରି, ବରିଷ୍ଠ କଂଗ୍ରେସ ନେତା ବିଜନ ନାୟକ, ଟିଏମ ସି ନେତା ନ୍ଦନ ପାଲ, ସିପିଆଇ ନେତା ତପନ ଶିଖ୍, ଜିଲ୍ଲା ପରିଷଦ ସଦସ୍ୟ ବାବାଜୀ ଦେହୁରୀ, ବାଲିଆପାଳ ପ ।ୟତ ସମିତି ଅଧକ୍ଷା ରଞ୍ଜିତା ନାୟକ, ଉପାଧକ୍ଷ ରାଜେଶ ଚୌଧୁରୀ, ଭିଟାମାଟି ସୁରକ୍ଷା କମିଟିର ସଭାପତି ସୁବାଷ ଚୌଧୁରୀ ପ୍ରମୁଖ ଯୋଗଦେଇ କହିଥିଲେ ଯେ ଏଭି ଏକ ଶସ୍ୟ ଶ୍ୟମଳା ଜନାକୀର୍ଣ୍ଣ ଅଂଚଳରେ ବନ୍ଦର ସ୍ଥାପନ କରାନଯାଉ । ବିଭିନ୍ନ ଚାଷ ଏବଂ ସମୁଦ୍ରରୁ ମାଛମାରି ଏ ଅଂଚଳର ଲୋକେ ବର୍ଷକୁ ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି । ବନ୍ଦର ଏବଂ ଅନ୍ୟଶିଳ୍ପ ପ୍ରତିଷ୍ଠା ହେଲେ ଲୋକେ କେତେ ରୋଜଗାର କରିବେ ବୋଲି ଏହି ନେତା ମାନେ ସରକାରଙ୍କୁ ପ୍ରଶ୍ନ କରିଥିଲେ । ବନ୍ଦର ପାଇଁ ଚୌମୁଖ ଉପଯୁକ୍ତ ଅଂଛଳ ନୁହେଁ ବରଂ ସରକାର ଏହାକୁ ଅନ୍ୟତ୍ର କରନ୍ତୁ ବୋଲି କହିଥଲେ । ଏହି ସମାବେଶରେ ସରପ ପ୍ରତିନିଧି ବେଣୁଧର ରଣଜିତ, ଭିଟାମାଟି ସୁରକ୍ଷା କମିଟିର ସଂଯୋଜକ ଅନୁଜ ମହାପାତ୍ର, କୁଶଧ୍ୱଜ ଜେନା, ତୀର୍ଥ ନାଗ, ରାଜୀବ ରାୟ , ମାୟାଧର କୁହ୍ଲାରୀ, ସୁଧାଂଶୁ ମହାନ୍ତି, ଅରୁଣ ଦେହୁରୀ ସମେତ ଭିଟାମାଟି ସୁରକ୍ଷା କମିଟିର ସମସ୍ତ ନେତୃମଣ୍ଡଳି ପରିଚାଳନା କରିଥିଲେ । ଏହି ସମାରୋହରେ ସ୍ଥାନୀୟ ପଂଚାୟତର ଶତାଧିକ ଜନସାଧାରଣ ଯୋଗ ଦେଇଥିଲେ ।

# ପାଠ ପଢ଼ାରେ ଡ଼ୋରି ବାନ୍ଧିଲେ ମା' ଛେଉଣ୍ଡ ଛାତ୍ର 'ରାଜୁ'

## ହାଣ୍ଡିଆ ଭାଟିରେ ବିତୁଛି ଦିନ, ଚାଖଣା ବିକ୍ରୟ ଦେଉଛି ରୋଜଗାର



ଉଦଳା, ୧୫/୦୪ (ନି.ପ୍ର): ଏହା କେଉଁ ଉପାନ୍ତ ଅଂଚଳ ନୁହେଁ, ଉଦଳା ସହରର ବସ୍ ଷ୍ଟାଣ୍ଡ ପାଖ ପୋଖରୀ କଡ଼ ହାଣ୍ଡିଆ ଭାଟିର ଦୃଶ୍ୟ । ଏଠାରେ କାରିଆ ହେମ୍ବ୍ରମ ଙ୍କ ୧୨ ବର୍ଷ ବୟସର ପୁତ୍ର 'ରାଜୁ' ଆଜକୁ ୩ ବର୍ଷ ହେବ ଚାଖଣା ବିକ୍ରୟ କାର୍ଯ୍ୟରେ ନିୟୋଜିତ ଅଛି । ହାଣ୍ଡିଆ ଭାଟିରେ ରାତ୍ରୀ ଯାପନ କରିବା ସହ ଚାଖଣା ବିକ୍ରୟରୁ ଯାହା ରୋଜଗାର ହେଉଛି ସେଥିରେ ଅସୁସ୍ଥ ବାପାଙ୍କର ଚିକିତ୍ସା ଓ ସାନଭାଇ ମାନଙ୍କର ପାଠ ପଢ଼ା ଖର୍ଚ ଉଠୁଛି । ରାଜୁର କହିବାନୁସାରେ ସେ ଉଦଳା ଥାନା ପାଖ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପାଠ ପଢୁଥିଲେ । ୩ ବର୍ଷ ପୁର୍ବେ ହଠାତ ତାଙ୍କର ମା' ଫୁଲ ହେମ୍ବ୍ରମଙ୍କର ଦେହାନ୍ତ ହେଲା । ଠିକ୍ ସେହି ବର୍ଷ ତାଙ୍କର ବାପା କାରିଆ ହେମ୍ବ୍ରମ ମଧ୍ୟ ରୋଗଗ୍ରସ୍ତ ହୋଇ ସଜ୍ୟାସାୟୀ ହେଲେ । ଫଳରେ ପରିବାରର ଆର୍ଥିକ ବୋଝ ସମ୍ଭାଳିବା ଦାୟିତ୍ୱ ରାଜୁଙ୍କ ଉପରେ ପଡ଼ିଲା । ତେଣୁ ବାଧ ହୋଇ ସେ ପାଠପଢ଼ା ଛାଡ଼ିଲେ । ତାଙ୍କ ତଳକୁ ତାଙ୍କର ଆଉ ୩ ଭାଇ ଅଛନ୍ତି । ସେମାନେ ହେଲେ ଅଜୁ, ବିଜୁ, ସୂର୍ଯ୍ୟ । ସେଥିମଧ୍ୟରୁ ଅଜୁ ଓ ବିଜୁ ଉଦଳା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ନାମ ଲେଖାଇଥିଲେ ମଧ୍ୟ ନିୟମିତ ବିଦ୍ୟାଳୟ ଯାଉ ନାହାଁନ୍ତି । ସୂର୍ଯ୍ୟ ଚଳିତ ବର୍ଷ ଅଙ୍ଗନୱାଡ଼ି ପାଠ ସାରିଲେ । କିନ୍ତୁ ବିଦ୍ୟାଳୟରେ ନାମ ଲେଖାଇ ନାହାଁନ୍ତି । ବର୍ତମାନ ଏହି ୪ ଭାଇଙ୍କର କେହି ଅବିଭାବକ ନଥିବାରୁ ସେମାନେ ଉପଯୁକ୍ତ ଯତ୍ନ ପାଉ ନାହାଁନ୍ତି । ତେଣୁ ଏହି ୪ ଭାଇଙ୍କୁ କୌଣସି ହଷ୍ଟେଲରେ ରଖି ପାଠ ପଢ଼ାର ବ୍ୟବସ୍ଥା କରାଯାଉ ବୋଲି ବିଭିନ୍ନ ମହଲରେ ଦାବୀ ହେଉଛି ।

ରବିବାର, ଏପ୍ରିଲ ୧୬, ୨୦୨୩

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ମହାବିଷୁବ ସଂକ୍ରାନ୍ତିରେ ‘ଫାମାସ’ର ସାମୂହିକ କୋଇଲି ପୂଜା

ବାଲେଶ୍ୱର, ୧୫/୦୪ (ନି.ପ୍ର): ମହାବିଷୁବ ସଂକ୍ରାନ୍ତି ଅବସରରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ‘ଫାମାସ’ ପକ୍ଷରୁ ଗ୍ରାମୀଣ ଲୋକ ଉତ୍ସବ ‘କୋଇଲି ପୂଜା’ ସଦର ବ୍ଲକ ଅନ୍ତର୍ଗତ ରଣସାହି ସ୍କୁଲରେ ଅନୁଷ୍ଠିତ ହୋଇଯାଇଛି। ମୁନ କମ୍ୟୁନିକେସନ ଓ ରଣସାହି ପ୍ରଗତି ଯୁବ ପରିଷଦର ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମରେ ଫକୀର ମୋହନ ସାହିତ୍ୟ ପରିଷଦର ପୂର୍ବତନ ସଭାପତି ଡ. ଶିରୀଶ ଚନ୍ଦ୍ର ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍କଳୀୟ ପରମ୍ପରାରେ କୋଇଲି ପୂଜାର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରକୃତି ଓ ପରିବେଶ ମଧ୍ୟରେ ସମନ୍ୱୟ ରଖି ଆସିଥିବା ଏହି କୋଇଲି ପୂଜା ପରମ୍ପରା ଏବେ ଗ୍ରାମାଞ୍ଚଳରେ କିଛି କିଛି ସ୍ଥାନରେ ଦେଖିବାକୁ ମିଳିଛି। ବିଭିନ୍ନ ଅନୁଷ୍ଠାନର ମିଳିତ ସହଯୋଗରେ ରଣସାହିରେ ଆୟୋଜିତ ଏହି ଉତ୍ସବ ଅନ୍ୟମାନଙ୍କ ପାଇଁ ପ୍ରେରଣା ହୋଇପାରିଛି ବୋଲି ଡ. ଜେନା ମତ ପ୍ରକାଶ କରିଥିଲେ। ଆୟୁର୍ବେଦିକ ପ୍ରଫେସର ଡାକ୍ତର ଶାନ୍ତନୁ କୁମାର ଦାସ ଏଥିରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ପ୍ରକୃତି ଓ ପରିବେଶର ସୁରକ୍ଷା ଉଦ୍ଦେଶ୍ୟରେ ପ୍ରାଚୀନ କାଳରୁ ଓଡ଼ିଶାରେ ଚାଲି ଆସିଥିବା କୋଇଲି ପୂଜା ଧୀରେ ଧୀରେ ହ୍ରାସ ପାଇବା ଉଦବେଗର ବିଷୟ ବୋଲି କହିଥିଲେ। ଏହି ପରମ୍ପରାକୁ ଉଜ୍ଜୀବିତ ରଖିବା ପାଇଁ ସବୁ ମହଲରୁ ଉଦ୍ୟମ ପାଇଁ ସେ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ଗୋପାଳ ଚନ୍ଦ୍ର ଜେନାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ସୂର୍ଯ୍ୟକାନ୍ତ ବେହେରା, ସମିତି ସଭ୍ୟ କରୁଣାକର ବେହେରା, ୱାର୍ଡ଼ମେମ୍ବର କୃଷ୍ଣନାରାୟଣ ବିଶ୍ୱାଳ, ନାଏବ ସରପଞ୍ଚ ରଙ୍ଗଲତା ଜେନା, ୟୁନିୟନ ନୋଡାଲ ସ୍କୁଲ ପ୍ରଧାନ ଶିକ୍ଷକ ସୀତାଂଶୁ ଶେଖର ଦେ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ପରମ୍ପରା ଉଜ୍ଜୀବିତ ପାଇଁ ପ୍ରୟାସ କରିବାକୁ ଅତିଥିମାନେ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ପୂର୍ବରୁ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ଏହି ଅବସରରେ ପୁରସ୍କୃତ କରାଯାଇଥିଲା। ‘ଫାମାସ’ର ସମ୍ପାଦକ ଦିଲୀପ କୁମାର ପରିଡ଼ା ଅନୁଷ୍ଠାନର କାର୍ଯ୍ୟଧାରା ଓ ଉତ୍ସବ ଆୟୋଜନର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିବା ବେଳେ ମୁନ କମ୍ୟୁନିକେସନ ସମ୍ପାଦକ ଅବନୀ ଜେନା ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ବିଧାନସଭା ପରିଦର୍ଶନ କଲେ ବିଦେଶୀ ପ୍ରତିନିଧି ମଣ୍ଡଳୀ

ଭୁବନେଶ୍ୱର, ୧୫/୦୪ (ନି.ପ୍ର): ଭାରତ ସରକାରଙ୍କ ଭାରତୀୟ ସାଂସ୍କୃତିକ ସମ୍ବନ୍ଧ ପରିଷଦ (ଆଇସିସିଆର) ପକ୍ଷରୁ ପ୍ରାୟୋଜିତ ଜେନ୍-ନେକ୍ସଟ୍-ଡେମୋକ୍ରାସି-ନେଟୱାର୍କ (ଭବିଷ୍ୟତ ପିଢ଼ି ପାଇଁ ଗଣତନ୍ତ୍ର) କାର୍ଯ୍ୟକ୍ରମରେ ବେଲ୍‌ଜିୟମ୍, ବ୍ରାଜିଲ୍, ବୁଲଗେରିଆ, କ୍ରୋଏସିଆ, ଗୁଏନା, ମଙ୍ଗୋଲିଆ, ପର୍ତ୍ତୁଗାଲ ଏବଂ ଦକ୍ଷିଣ ଆଫ୍ରିକାର ଏକ ୩୫ ଜଣିଆ ଯୁବ ପ୍ରତିନିଧି ମଣ୍ଡଳୀ ଶନିବାର ପୂର୍ବାହ୍ନରେ ଓଡ଼ିଶା ବିଧାନସଭା ପରିଦର୍ଶନ କରିଥିଲେ । ଏହି ପ୍ରତିନିଧି ମଣ୍ଡଳୀରେ ସଂପୃକ୍ତ ଦେଶର ବିଭିନ୍ନ ରାଜନୈତିକ ଦଳର ସଦସ୍ୟ, ଯୁବ ଉଦ୍ୟୋଗୀ ଏବଂ ଯୁବନେତା ସାମିଲ ହୋଇ ଓଡ଼ିଶା ବିଧାନସଭା ବୁଲି ଦେଖିବା ସହ ବିଧାନସଭାର ବିଭିନ୍ନ କାର୍ଯ୍ୟ ସମ୍ବନ୍ଧରେ ଅବଗତ ହୋଇଥିଲେ । ଉଲ୍ଲେଖଯୋଗ୍ୟ ଯେ ଏହି ପ୍ରତିନିଧି ମଣ୍ଡଳୀରେ ସଂପୃକ୍ତ ଦେଶର କେତେକ ସାଂସଦ ଓ ମେୟର ଅଛନ୍ତି । ଓଡ଼ିଶା ବିଧାନସଭା ସମ୍ମିଳନୀ କକ୍ଷରେ ଏହି ପ୍ରତିନିଧି ମଣ୍ଡଳୀଙ୍କ ପାଇଁ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ଓଡ଼ିଶା ବିଧାନସଭାର ଉପବାଚସ୍ପତି ରଜନୀକାନ୍ତ ସିଂହ କହିଥିଲେ ଯେ ଆପଣମାନଙ୍କୁ ଓଡ଼ିଶା ବିଧାନସଭାକୁ ଆମନ୍ତ୍ରିତ କରି ଆଇସିସିଆର ଏକ ପ୍ରଶଂସନୀୟ କାର୍ଯ୍ୟ କରିଛି। ଏହି ପରିଦର୍ଶନ ଫଳରେ ଆମର ଜ୍ଞାନ ବୃଦ୍ଧି ସମେତ ଅନ୍ୟ ଦେଶମାନଙ୍କ ସହ ସାଂସ୍କୃତିକ ସଂପର୍କ ସୁଦୃଢ଼ ହୋଇଛି ଏବଂ ଆମମାନଙ୍କ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ ଅନୁଭବ ଓ ଭ୍ରାତୃତ୍ୱଭାବ ବୃଦ୍ଧି ଘଟିଛି। ଓଡ଼ିଶାର ପ୍ରାଚୀନ କଳା, ସଂସ୍କୃତି ଓ ଭାସ୍କର୍ଯ୍ୟ ସଂପର୍କରେ ଜ୍ଞାନ ଆହରଣପୂର୍ବକ ଏହି କାର୍ଯ୍ୟକ୍ରମ ସଫଳ ହେବ ବୋଲି ସେ ଆଶାବ୍ୟକ୍ତ କରିଥିଲେ। ଏଥି ସହିତ ଉପବାଚସ୍ପତି ଓଡ଼ିଶା ଏବଂ ବିଧାନସଭା ସଂପର୍କିତ ପ୍ରତିନିଧି ଦଳ ସଦସ୍ୟମାନଙ୍କ ବିଭିନ୍ନ ପ୍ରଶ୍ନର ଉତର ରଖିଥିଲେ। ଉପବାଚସ୍ପତି ଶ୍ରୀ ସିଂହ ଓଡ଼ିଶା ବିଧାନସଭାର ବାଚସ୍ପତି ବିକ୍ରମ କେଶରୀ ଆରୁଖଙ୍କ ପକ୍ଷରୁ ପ୍ରତିନିଧି ମଣ୍ଡଳୀଙ୍କୁ ଉତରୀୟ ଓ ସ୍ମାରକୀ ଦେଇ ସମ୍ବର୍ଦ୍ଧିତ କରିଥିଲେ । ସରକାରୀ ଦଳର ମୁଖ୍ୟ ସଚେତକ ପ୍ରଶାନ୍ତ କୁମାର ମୁଦୁଲି ପ୍ରତିନିଧି ମଣ୍ଡଳୀଙ୍କୁ ସମ୍ବୋଧିତ କରି କହିଥିଲେ ଯେ ଏପରି କାର୍ଯ୍ୟକ୍ରମ ମାଧ୍ୟମରେ ଆମ ଚିନ୍ତାଧାରା, ସଂସ୍କୃତି ଏବଂ ସଂପର୍କ ସୁଦୃଢ଼ ହେଉଛି ଏବଂ ପାରସ୍ପରିକ ଭାବବିନିମୟ କ୍ରମେ ଆମେ ସମଗ୍ର ପୃଥିବୀକୁ ବସୁଧୈବ କୁଟୁମ୍ବକମ୍ ନୀତିରେ ଗୋଟିଏ ବଡ଼ ଗ୍ରାମ ଭାବରେ ଉପଲବ୍ଧି କରିବାର ଏକ ସୁଯୋଗ ପାଇଛେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ବିଧାନସଭା ସଚିବ ଦାଶରଥୀ ଶତପଥୀ ପ୍ରତିନିଧି ମଣ୍ଡଳୀଙ୍କୁ ଓଡ଼ିଶା ବିଧାନସଭାକୁ ସ୍ୱାଗତ ଜଣାଇ ସେମାନେ ବିଭିନ୍ନ ସ୍ଥାନ ପରିଦର୍ଶନ କରି ଓଡ଼ିଶାର ସମୃଦ୍ଧ କଳା, ସ୍ଥାପତ୍ୟ, ସଂସ୍କୃତି ସହିତ ଏକ ସୁସ୍ଥ ରାଜନୈତିକ ପରମ୍ପରା ସମ୍ବନ୍ଧରେ ଅବଗତ ହେବେ ବୋଲି ଆଶାବ୍ୟକ୍ତ କରିଥିଲେ। ଓଡ଼ିଶା ବିଧାନସଭାର ଯୁଗ୍ମ ନିର୍ଦ୍ଦେଶକ ଶିବ ପ୍ରସାଦ ପଟ୍ଟନାୟକ ଓଡ଼ିଶା ବିଧାନସଭାର ଇତିହାସ ଏବଂ କାର୍ଯ୍ୟପ୍ରଣାଳୀ ସଂପର୍କରେ ପାୱାର ପଏଂଟରେ ତଥ୍ୟ ଉପସ୍ଥାପନ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

## ଦଳମତ ନିର୍ବିଶେଷରେ ହନୁମାନ ଜୟନ୍ତି ପାଳିତ

ନୀଳଗିରି, ୧୫/୦୪ (ନି.ପ୍ର): ନୀଳଗିରି ଏନ.ଏ.ସି.ର ବାଲିଗୋହିରୀ ଦାସ ସାହି ହନୁମାନ କମିଟି ପକ୍ଷରୁ ୪୮ତମ ହନୁମାନ ଜୟନ୍ତି ମହାସମାରୋହରେ ପାଳିତ ହୋଇଛି। ଦଳମତ ନିର୍ବିଶେଷରେ ଜନପ୍ରତିନିଧି ଓ ବରିଷ୍ଠ ବ୍ୟକ୍ତିମାନେ ଏହି ଉତ୍ସବରେ ଯୋଗ ଦେଇ ସମାଜକୁ ଏକ ଭାଇଚାରାର ବାର୍ତା ପଠାଇଛନ୍ତି। ଏଥିରେ ନୀଳଗିରି ବିଧାୟକ ଇଂ. ସୁକାନ୍ତ ନାୟକ, ବିଜେଡି ରାଜ୍ୟ କାର୍ଯ୍ୟକାରୀ ସଭାପତି ଶୁଭେନ୍ଦୁ ଦାସ ମଙ୍ଗରାଜ, ଏନ.ଏ.ସି. ଅଧକ୍ଷାଙ୍କ ପ୍ରତିନିଧି ଶରତ ଦାସ, ବିଜେଡି ବ୍ଲକ ସଭାପତି ବିଜୟ ଲେଙ୍କା, ବିଜେପି ନେତା ଗଙ୍ଗାଧର ମିଶ୍ର, ରାମଚନ୍ଦ୍ର ଦାସ, ବିଦ୍ୟାଧର ଖଟୁଆ, ଶିଶିର ମହାପାତ୍ର ଫାଉଣ୍ଡେସନର ମୁଖ୍ୟ ସବ୍ୟସାଚୀ ମହାପାତ୍ର, ଉଦୟଜ୍ୟୋତି ମହାନ୍ତି ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। ଏହି ଅବସରରେ ଶହ ଶହ ଶ୍ରଦ୍ଧାଳୁ ପ୍ରସାଦ ସେବନ କରିଥିଲେ । ପରେ ସଂନ୍ଧ୍ୟାରେ ଭଜନ ସନ୍ଧ୍ୟା ଆୟୋଜିତ ହୋଇଥିଲା ।

## ମୁଖ୍ୟ ଶାସନ ସଚିବଙ୍କୁ କବିତା ସଂକଳନ ପ୍ରଦାନ କଲେ ବରିଷ୍ଠ ସାମ୍ବାଦିକ ରବିପ୍ରୀୟ ଦାଶ

ଭୁବନେଶ୍ୱର, ୧୫/୦୪ (ନି.ପ୍ର): ବରିଷ୍ଠ ସାମ୍ବାଦିକ ଓ ଜଣାଶୁଣା କବି ରବିପ୍ରୀୟ ଦାଶ ଶନିବାର ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କୁ ତାଙ୍କ କାର୍ଯ୍ୟାଳୟ ରେ ଭେଟି ସ୍ୱରଚିତ ୫ ଟି କବିତା ସଂକଳନ ପ୍ରଦାନ କରିଥିଲେ। ସୂଚନା ଯୋଗ୍ୟ, ଶ୍ରୀ ଦାଶ ଙ୍କ ରଚିତ କ୍ୟାବିନ୍, କୁନି ଝିଅ , ଅନ୍ଧ ଜହ୍ନ, ଉର୍ବଶୀର ଗାଁ, ଅନିର୍ବାଚିତ ସ୍ୱପ୍ନ ଆଦି ଏହି କବିତା ସଂକଳନ ବେଶ୍ ପାଠକୀୟ ଆଦୃତି ଲାଭ କରିଛି। ଏହି ଅବସରରେ ମୁଖ୍ୟ ଶାସନ ସଚିବ ତାଙ୍କୁ ଅଭିନନ୍ଦନ ଜଣାଇବା ସହ ଓଡ଼ିଶାରେ ସାହିତ୍ୟ ଓ ସାମ୍ବାଦିକତାର ବିକାଶ ଦିଗରେ ସକାରାତ୍ମକ ପ୍ରଚେଷ୍ଟା ଜାରି ରଖିବାକୁ ପରାମର୍ଶ ଦେଇଥିଲେ।

## ମୟୂରଭଂଜର ଗଣପର୍ବ ବଳାଙ୍ଗୀ ମହୋତ୍ସବ ଉଦ୍‌ଘାଟିତ



ବାରିପଦା, ୧୫/୦୪ (ନି.ପ୍ର): ମୟୂରଭଂଜ ଜିଲାରେ ଅବଲୁପ୍ତ ପ୍ରାୟ ଭାଷା ସାହିତ୍ୟ କଳା ସଂସ୍କୃତି ଏବଂ ପର୍ଯ୍ୟଟନର ସୁରକ୍ଷା ଓ ଶ୍ରୀବୃଦ୍ଧି ପାଇଁ ବିଗତ ୨୦୦୩ ମସିହା ଠାରୁ ବାରିପଦାର ଅମ୍ବିକା ମନ୍ଦିର ନିକଟ ବୁଢାବଳଙ୍ଗ, ଚିପିଟ ଏବଂ ଇଟାଯୋଡ଼ି ନଦୀର ସଙ୍ଗମ ସ୍ଥଳରେ ପାଳିତ ହୋଇ ଆସୁଥିବା ବଳାଙ୍ଗୀ ମହୋତ୍ସବ ଚଳିତ ବର୍ଷ ଏକବିଂଶ ତମ ମହୋତ୍ସବ ଆଜି ସନ୍ଧ୍ୟାରେ ଉଦଘାଟିତ ହୋଇ ଯାଇଛି । ବିଗତ ୩ବର୍ଷ ଧରି କରୋନା କଟକଣା କାରଣରୁ ମୋହତ୍ସବ ବଂଦ ରହିଥିବା ବେଳେ ଚଳିତ ବର୍ଷ ପୁଣି ମହାବିଷୁବ ପଣା ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷ ଅବସର ଅନୁଷ୍ଠିତ ହେଉଥିବା ଏହି ମହୋତ୍ସବର ଉଦଘାଟନୀ ଉତ୍ସବରେ ମେଳାର ପ୍ରତିଷ୍ଠାତା ସମ୍ପାଦକ ଶରତ ଚନ୍ଦ୍ର ନାୟକ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବରେ ମୟୂରଭଂଜ ଜିଲ୍ଲା ପରିଷଦ ଅଧକ୍ଷା ଭାରତୀ ହାଁସଦା, ସମ୍ମାନିତ ଅତିଥି ଭାବରେ ବାରିପଦା ଉପନଗରପାଳ ସୀମା ଦାସ, ୱାର୍ଡ କାଉନସିଲର ସୁକେଶିନୀ ସେଠି ପ୍ରମୁଖ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ମହୋତ୍ସବ କୁ ଉଦଘାଟନ କରିବା ସହିତ ମୟୁରଭଂଜର ମହାନ କଳା ସଂସ୍କୃତି ର ସୁରକ୍ଷା ପାଇଁ ବାରିପଦାର ଲାଇଫଲାଇନ କୁହାଯାଉଥିବା ବୁଢ଼ାବଳଙ୍ଗ ନଦୀ ଶର୍ଯ୍ୟାରେ ଦୀର୍ଘ ୨୧ ବର୍ଷ ଧରି ପାଳିତ ହେଉଥିବା ବଳାଙ୍ଗୀ ମହୋତ୍ସବ ବହୁ କଳାକାରଙ୍କୁ ପ୍ରତ୍ସାହିତ କରିବା ସହ ପ୍ରତିଷ୍ଠିତ କରିପାରିଥିବାରୁ ଆୟୋଜକ ମାନଙ୍କୁ ସାଧୁବାଦ ଜଣାଇ ଥିଲେ. ମେଳା କମିଟିର ଅଧକ୍ଷ ଅରବିନ୍ଦ ଦାସ ମେଳା ଆୟୋଜନ ସମ୍ପର୍କରେ ଆଲୋଚନା କରିଥିବାବେଳ କୃତୀ ଶିକ୍ଷକ ଡ଼. ଶଶୀଧର ବିଶ୍ୱାଳ ଅତିଥି ମାନଙ୍କୁ ମଂଚକୁ ଆମନ୍ତ୍ରଣ କରିଥିଲେ. ମହୋତ୍ସବର କାର୍ଯ୍ୟକାରୀ ସମ୍ପାଦକ ଦୀପକ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ. ଆଜି ପ୍ରଥମ ସନ୍ଧ୍ୟାରେ ଛଉ, ଆଦିବାସୀ ନାଚ, ଏବଂ ମୋଗଲ ତାମସା ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇ ଥିବା ବେଳେ ଉପସ୍ଥିତ ଦର୍ଶକ ଭରପୁର ମଜା ଉଠାଇଥିଲେ. ମହୋତ୍ସବ ସ୍ଥଳରେ ଶ୍ରୀଶ୍ରୀ ଅନନ୍ତ ନାରାୟଣ ଙ୍କର ପୂଜା ଓ ଯଜ୍ଞ ମଧ ଆଜିଠାରୁ ଆରମ୍ଭ ହୋଇଛି । ଏହି ମହିତ୍ସବ ୧୮ ତାରିଖ ପର୍ଯ୍ୟନ୍ତ ୫ଦିନ ଧରି ଚାଲିବାକୁ ଥିବା ବେଳେ, ପ୍ରତି ଦିନ ସନ୍ଧ୍ୟାରେ ଜିଲ୍ଲା ତଥା ଜିଲ୍ଲା ବାହାରୁ ବହୁ ପ୍ରତିଷ୍ଠିତ ସାଂସ୍କୃତିକ ଦଳ ଯୋଡ଼ି ଦେବାର କାର୍ଯ୍ୟକ୍ରମ ରହିଛି ।

## ଦୃଷ୍ଟିବାଧିତ ମହିଳା କ୍ରିକେଟରଙ୍କୁ ସମ୍ବର୍ଦ୍ଧନା

ବାଲେଶ୍ୱର, ୧୫/୦୪ (ନି.ପ୍ର): ଭାରତୀୟ ମହିଳା ଦୃଷ୍ଟିବାଧିତ କ୍ରିକେଟ ଟିମକୁ ମନୋନୀତ ହୋଇଥିବା ବାଲେଶ୍ୱର ଜିଲାର ଦୁଇଜଣ ଦୃଷ୍ଟିବାଧିତ ମହିଳା କ୍ରିକେଟର ଫୁଲ ସୋରେନ ଓ ପଦ୍ମିନୀ ଟୁଡୁଙ୍କୁ ଜିଲା ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି । ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଜିଲାପାଳ ଦତାତ୍ରୟ ଭାଉସାହେବ ଶିନ୍ଦେ ଦୁଇ ଖେଳାଳିଙ୍କୁ ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧିତ କରିବା ସହ ୩୦,୦୦୦/- ଲେଖାଏଁ ଟଙ୍କାର ଚେକ୍ ପ୍ରଦାନ କରିଥିଲେ। ଭୋଗରାଇ ଅଞ୍ଚଳର ପଦ୍ମିନୀ ଟୁଡୁ ଓ ରେମୁଣା ଗୋଲେଇ ଅଞ୍ଚଳର ଫୁଲ ସୋରେନ ଭାରତୀୟ ଦଳରେ ସାମିଲ ହୋଇ ନେପାଳ ଠାରେ ଆୟୋଜିତ ଆନ୍ତର୍ଜାତୀୟ ଟୁର୍ଣ୍ଣାମେଣ୍ଟରେ ଖେଳିବାକୁ ଯାଉଥିବାରୁ ଜିଲାପାଳ ଶ୍ରୀ ଶିନ୍ଦେ ସେମାନଙ୍କର ସଫଳତା କାମନା କରିଛନ୍ତି। ବାଲେଶ୍ୱରର ଦୁଇଜଣ ଖେଳାଳି ଜାତୀୟ ଦଳରେ ଚୟନ ହେବା ଜିଲା ପାଇଁ ଗୌରବର ବିଷୟ ବୋଲି ସେ ପ୍ରକାଶ କରିଛନ୍ତି। ସମ୍ବର୍ଦ୍ଧନା ବେଳେ ଜିଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା ଉପସ୍ଥିତ ଥିଲେ।

## ଚିନ୍ମୟ ମିଶନ ପକ୍ଷରୁ ହନୁମାନ ଜୟନ୍ତୀ

ବାଲେଶ୍ୱର, ୧୫/୦୪ (ନି.ପ୍ର): ଚିନ୍ମୟ ମିଶନ ବାଲେଶ୍ୱର ଶାଖା ତରଫରୁ ଗତ ୧୪ ତାରିଖରେ ହନୁମାନ ଜୟନ୍ତୀ ପାଳିତ ହୋଇଯାଇଛି। ସ୍ଥାନୀୟ କଲ୍ୟାଣ ନଗର, ଅଙ୍ଗାରଗଡ଼ିଆସ୍ଥିତ ଚିନ୍ମୟ ମିଶନ କାର୍ଯ୍ୟାଳୟରେ ଭକ୍ତମାନଙ୍କର ସମାଗମ ହୋଇଥିଲା। ଏହା ସକାଳ ୯ଟା ଠାରୁ ଆରମ୍ଭ ହୋଇ ୨ଟା ପର୍ଯ୍ୟନ୍ତ ଚାଲିଥିଲା। ଏଥିରେ ପୂଜା, ଜପ, ଧ୍ୟାନ, ହନୁମାନ ଚାଳିଶା ପାଠ କରାଯାଇ ପ୍ରସାଦ ସେବନ ହୋଇଥିଲା। ସଭାପତି ଡ. କ୍ଷିତୀଶ୍ୱର ଦାସ ଏହାକୁ ପରିଚାଳନା କରିଥିଲେ। ବ୍ରହ୍ମଚାରୀ ଅଗସ୍ତ୍ୟ ଚୈତନ୍ୟ ବୈଦିକ କର୍ମ ସମ୍ପାଦନା କରିଥିଲେ। ମିଶନର ଧୀରେନ୍ଦ୍ର ନାରାୟଣ ଦାସ, ଦିବାକର ମହାପାତ୍ର, ପ୍ରଫୁଲ୍ଲ କୁମାର ଦାସ, ବିଜୟ କୁମାର ଦାସ ଅଧିକାରୀ, ରଜନୀକାନ୍ତ ବେହେରା, ଗଣେଶ ପରିଡ଼ା, ଗଙ୍ଗାଧର ପୃଷ୍ଟି, ବନମାଳି ନାୟକ, ବେଣୁମାଧବ ଶତପଥୀ, ବସନ୍ତ ନାୟକ, ଅକ୍ଷୟ ତ୍ରିପାଠୀ, ଅନିରୁଦ୍ଧ ବେହେରା, ସୌମ୍ୟ ରଞ୍ଜନ, ଦେବସ୍ମିତା, ବନିତା, ବିକ୍ରମ, ବନଶ୍ରୀ ଏବଂ ଜ୍ୟୋତି ଏଥିରେ ସହାୟତା କରିଥିଲେ। ପରିଶେଷରେ ହରିଶ୍ଚନ୍ଦ୍ର ସାହୁ ଶାନ୍ତିପାଠ ସହିତ ଧନ୍ୟବାଦ ଅର୍ପଣ କରିଥିଲେ।

## ଆମେ ୮୦ ପକ୍ଷରୁ ଜଳସେବା ଆରମ୍ଭ



ବାରିପଦା, ୧୫/୦୪ (ନି.ପ୍ର): ଦୀର୍ଘ ୮ ବର୍ଷ ହେଲା ଚାଲି ଆସୁଥିବା ଏହି ଜଳସେବା ଏପ୍ରିଲ ୧୪ ପଣ ସଂକ୍ରାନ୍ତି ଠାରୁ ଆରମ୍ଭ ହୋଇ ଜୁନ ୧୪ ରାଜା ସଂକ୍ରାନ୍ତି ଯାଏ ଦୀର୍ଘ ୬୦ ଦିନ ଚାଲିଥାଏ ସୁସ୍ୱାଦୁ ପାନୀୟ ଯଥା ଦହି ପାଣି, ଜଳଜିରା ପାଣି ଓ ରସନା ପାଇଁ ଏହି ଜଳସେବା ଲୋକ ମାନକ ଦ୍ୱାରା ବେଶ ଆଦୃତ । ଆଜି ଏହି କ୍ରୟକ୍ରମ କୁ ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି ଏବଂ ଉପ ନଗରପାଳ ସୀମା ଦାସ ଉଦ୍ଘାଟନ କରିଥିଲେ ଏବଂ ୧ ନମ୍ବର କାଉନ୍ସିଲର ସୁକେଶୀନି ସେଠୀ, ୬ ନମ୍ବର କାଉନ୍ସିଲର ଅମ୍ବିକା ସାହୁ,୨୧ ନମ୍ବର କାଉନ୍ସିଲର ଅନନ୍ତ ଦାସ, ୧୨ ନମ୍ବର କାଉନ୍ସିଲର ମହେଶ ଭଂଜଦେଓ ପ୍ରମୁଖ ଉପସ୍ଥିତ ଥିଲେ । ଆମେ ୮୦ ଅନୁଷ୍ଠାନ ପକ୍ଷ ରୁ ବିବେକାନଦ ପଟ୍ଟନାୟକ, ସିଦ୍ଧାର୍ଥ ମହାନ୍ତି, ଉମେଶ ସାହୁ,ସଞ୍ଜୟ ଦ୍ୱାରି, ଆଶିଷ ପାଣି, ସତ୍ୟବ୍ରତ ଦାଶ, ସରୋଜ ସାହୁ, ଶୁଭେନ୍ଦୁ ଦାଶ, ସତ୍ୟଜିତ ମହାନ୍ତି, ବିଶ୍ୱରଞ୍ଜନ ମହାନ୍ତି, ବିନୋଦ କବାଟ, ସଞ୍ଜିତ ଦାଶ, ସତ୍ୟବ୍ରତ ମହାନ୍ତି, ପ୍ରସାଦ ନାୟକ,ମାନସ ଦାଶ, ସୁଭାଷ ପ୍ରଧାନ, ଅଶୋକ ଶର୍ମା, ସୁଧୀନନ୍ଦ୍ର ଦାସ, ସୁବୋଧ ପଳେଇ, କିଶୋର ପାତ୍ର, ବିଶ୍ୱେଶର ବେହେରା ପ୍ରମୁଖ କାର୍ଯକ୍ରମଟିକୁ ପରିଚାଳନା କରିଥିଲେ ।

## ବାଲିଆପାଳରେ ଓଡିଆ ନାମଫଳକ ଲେଖା ସଚେତନତା ଯାତ୍ରାର ଶୁଭାରମ୍ଭ




ବାଲିଆପାଳ, ୧୫/୦୪ (ନି.ପ୍ର): ଓଡିଶା ସରକାରଙ୍କ ଭାଷା ସାହିତ୍ୟ ସଂସ୍କୃତିବିଭାଗ ପକ୍ଷରୁ ନିକଟରେ ପ୍ରକାଶ ପାଇଥିବା ସମଗ୍ର ରାଜ୍ୟର ସମସ୍ତ ସରକାରୀ ବେସରକାରୀ ପ୍ରତିଷ୍ଠାନ ସହ ସମସ୍ତ ବ୍ୟବସାୟିକ ଅନୁଷ୍ଠାନ ଦୋକାନ ମାନଙ୍କରେ ଓଡିଆ ଭାଷାର ନାମଫଳକ ଲେଖିବା ବାଧ୍ୟତାମୂଳକ ହୋଇଥିବାରୁ ଏହାର ସଚେତନତା ନିମନ୍ତେ ଆଜି ବାଲିଆପାଳ ପୂଜ୍ୟପୂଜା ସଂସଦପକ୍ଷରୁ ଏକ ସଚେତନତା ଶୋଭାଯାତ୍ରା ଆୟୋଜିତ ହୋଇଯାଇଛି । ବାଲିଆପାଳ ପୂର୍ତ୍ତବିଭାଗ ଡାକବଙ୍ଗଳା ଠାରୁ ଏହି ଶୋଭାଯାତ୍ରା ଶୁଭାରମ୍ଭ ହୋଇଥିଲା । ପୂଜ୍ୟପୂଜା ସଂସଦର ଆବାହକ ତଥା ଓଡିଶା ସାହିତ୍ୟ ଏକାଡେମୀର ସଦସ୍ୟ କବି କାଳିପଦ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଚେତନତା ଯାତ୍ରାର ଶୁଭାରମ୍ଭରେ ଶ୍ରୀ ପଣ୍ଡା ସମସ୍ତଙ୍କୁ ଏହି ନିୟମକୁ ପାଳନ କରିବା ପାଇଁ ଆହ୍ୱାନ ଦେଇଥିଲେ । ସଚେତନତା କାର୍ଯ୍ୟକ୍ରମରେ ବାଲିଆପାଳ ବରିଷ୍ଠ ନାଗରିକ ପରିଷଦର ସଭାପତି ନାରାୟଣ ପ୍ରସାଦ ସାହୁ,ସମ୍ବାଦ ସାହିତ୍ୟଘର ସଭାପତି ଝାଡେଶ୍ୱର ପ୍ରଧାନ, ଉତ୍କଳ ସମ୍ମିଳନୀ ବାଲିଆପାଳ ଶାଖାର ସଭାପତି କୁଞ୍ଜକାନ୍ତ ପାତ୍ର, ସଂପାଦକ ସନ୍ୟାସୀ ବେହେରା, ଅବସରପ୍ରାପ୍ତ ବାୟୁ ସେନା ଅଧିକାରୀ କମଳ ଲୋଚନ ପିଳା, କବି ବିଜୟ ପାତ୍ର, ଡ. କୃଷ୍ଣା କୁମାରୀ ନାୟକ, ବାଘା ଯତୀନ ସ୍ମୃତି ପରିଷଦର ସଦସ୍ୟ କ୍ଷୀତୀଶ ଜେନା, ମିଡିଆ ଫୋରମର ସଭାପତି ପ୍ରତାପ କୁମାର ପାତ୍ର, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ର ଜୟନ୍ତୀ ଜେନା, ସରୋଜ ଦାସ, କଳାକାର ସଂଘର ପ୍ରକାଶ ଚନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ ।

## ଜିଲ୍ଲା ବିଜେଡ଼ି ତରଫରୁ ଡଃ ଭୀମରାଓ ଆମ୍ବେଦକରଙ୍କ ଜୟନ୍ତୀ ପାଳିତ



ବାଲେଶ୍ୱର, ୧୫/୦୪ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବିଜୁ ଜନତା ଦଳ ଅନୁସୂଚୀତ ଜାତି ଶାଖା ଆନୁକୂଲ୍ୟରେ ଭାରତରତ୍ନ ଡଃ ଭୀମରାଓ ଆମ୍ବେଦକରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ରେମୁଣା ଗୋଲେଇଠାରେ ଥିବା ଡଃ ଆମ୍ବେଦକରଙ୍କ ପୂର୍ଣ୍ଣାୟବ ମୂର୍ତ୍ତିରେ ସକାଳ ୮.୩୦ ମିନିଟ ସମୟରେ ଦଳ ତରଫରୁ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧା ସୁମନ ଜ୍ଞାପନ କରାଯାଇଛି । ଜିଲ୍ଲା ଅନୁସୂଚିତ ଜାତି ଶାଖା ସଭାପତି ପ୍ରଫେସର ଶତ୍ରୁଘ୍ନ ମଲିକଙ୍କ ତତ୍ତ୍ୱବଧାନରେ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ପୁଷ୍ପ ପ୍ରଦାନ କରାଯାଇଥିଲା । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଯୁବନେତା ଅମୀୟ କୁମାର ମହାନ୍ତି, ସମାଜସେବୀ ବିଧାନଚନ୍ଦ୍ର ରାୟ, ରଣ ସାହି ପଞ୍ଚାୟତ ଶାଖା ସଭାପତି ଶ୍ରୀକାନ୍ତ ମଲିକ, ସମାଜସେବୀ ପ୍ରତାପ ଦାଶ, ଗୋପାଳ ମଲିକ, ଅରୁଣ ରାୟ, ହରିବନ୍ଧୁ ପଢ଼ିଆରୀ, ମନୋରଞ୍ଜନ ମଲିକ, ଜଳଧର ବେହେରା, ସତ୍ୟଶଙ୍କର, ରୂପନାଥ ଦାସ, ଗୁରୁପ୍ରସାଦ ଜେନା, ଜୀବନକୃଷ୍ଣ ନାୟକ ଓ ସୃଷ୍ଟିଧର ପଢ଼ିଆରୀ ପ୍ରମୁଖ ଉପସ୍ଥିତ ରହି ପୁଷ୍ପାର୍ଘ୍ୟ ପ୍ରଦାନ କରିଥିଲେ । ସଭାପତି ପ୍ରଫେସର ମଲିକ ସମବେତ କର୍ମୀ ଓ ସହଯୋଗୀମାନଙ୍କୁ ବାବା ସାହେବଙ୍କ ତିନୋଟି ଅମୂଲ୍ୟ ବାଣୀ, ଶିକ୍ଷିତ ହୁଅ, ସଂଗଠିତ ହୁଅ ଓ ସଂଘର୍ଷ’ ଉପରେ ଆଲୋକପାତ କରିଥିଲେ । ଭାରତୀୟ ସଂବିଧାନ ତଥା ସମାଜ ସଂସ୍କାରରେ ତାଙ୍କର ଅବଦାନ ସବୁଦିନେ ସମସ୍ତେ ମନେ ରଖିବେ ବୋଲି ମତ ପ୍ରକାଶ ପାଇଥିଲା ।

## ଅଷ୍ଟମ ବୈଶାଖୀ ମହୋତ୍ସବ ଉଦ୍‌ଯାପିତ

### ସ୍ୱାଧୀନତା ସଂଗ୍ରାମର ଅନ୍ୟତମ ଲାଇଫ୍‌ଲାଇନ୍ ଇଶାଣୀରୁ ଇରମ



ବାଲେଶ୍ୱର, ୧୫/୦୪ (ନି.ପ୍ର): ବାଲେଶ୍ୱର ଉପକଣ୍ଠ ଇଶାଣୀ ଲବଣ ସତ୍ୟାଗ୍ରହ ସ୍ମାରକୀ ଷ୍ଟାଡିୟମ୍‌ରେ ବୈଶାଖୀ ମହୋତ୍ସବର ଅଷ୍ଟମ ସଂସ୍କରଣ ଉଦ୍‌ଯାପନୀ ଅବସରରେ ଉଡ଼ାଉତ୍ସବର ଉଦ୍‌ଘାଟକ ପ୍ରାକ୍ତନ ସାଂସଦ ରବୀନ୍ଦ୍ର କୁମାର ଜେନା ଉପସ୍ଥିତ ରହି ମେଳାରେ ସମବେତ ହଜାର ହଜାର ଶ୍ରଦ୍ଧାଳୁମାନଙ୍କୁ ଓଡ଼ିଆ ନବବର୍ଷର ଶୁଭେଚ୍ଛା ଜଣାଇବା ସହ ବାଲେଶ୍ୱର ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳ ଚାନ୍ଦିପୁରଠୁ ଇଶାଣୀ, ଇଞ୍ଚୁଡ଼ୀ, ଇରମ ପର୍ଯ୍ୟନ୍ତ ଜନଗଣଙ୍କର ଦୁଃସାହସୀ ସଂଗ୍ରାମୀ ପୂର୍ବଜଙ୍କୁ ମନେପକାଇ ସ୍ୱତଃ ଭାବୋଚ୍ଛ୍ୱାସ ପ୍ରକାଶ କରିଥିଲେ। ଆମମାନଙ୍କ ଐତିହ୍ୟ ହିଁ ଏହି ଅଞ୍ଚଳକୁ ଭାରତ ମାନଚିତ୍ରରେ ଯୁଗଯୁଗକୁ କେବଳ ଇତିହାସ ହୋଇ ରହିଯିବନି ଅଧିକନ୍ତୁ ଆମମାନଙ୍କୁ ଚିରଦିନପାଇଁ ପ୍ରେରଣା ଯୋଗାଇ ରଖିଥିବ। ଏହି ଅବସରରେ ଅନୁଷ୍ଠାନର ଅନ୍ୟତମ ଉଦ୍ୟୋକ୍ତା ସତ୍ୟନାଥ ମାଝୀଙ୍କୁ ତାଙ୍କ ଅବର୍ତ୍ତମାନରେ ମରଣୋତ୍ତର ସମ୍ମାନ ଓ ଇଶାଣୀ ପଢ଼ିଆର ପ୍ରାରମ୍ଭିକ ଉଦ୍ଧାର ସହାୟତାକାରୀ ସେଖ୍ ସାହାଜାହାନ୍ ହୋସେନ୍‌ଙ୍କୁ ଉଦ୍‌ଘାଟକଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଉଦ୍‌ଯାପନୀ ଉତ୍ସବ ଅବସରରେ ଉପଦେଷ୍ଟା ପୂର୍ବତନ ସରପଞ୍ଚ ଆଡ୍. ରବୀନ୍ଦ୍ର କୁମାର ନାୟକଙ୍କ ପୌରୋହିତ୍ୟରେ ମୁଖ୍ୟବକ୍ତା ଭାବରେ ବ୍ରିଟ୍‌ର ପ୍ରାକ୍ତନ ଅଧକ୍ଷ ଗୌରୀ କୁମାର ରାଉତ ନିଜ ଅଂଚଳର ବିକାଶର ଧାରା ନିରବଚ୍ଛିନ୍ନ ରହି ଆସିବାର ବିଶ୍ୱାସ ପ୍ରକଟ କରିଥିଲେ। ସମ୍ମାନସ୍ପଦ ଅତିଥି ଅର୍ବାନ୍ କୋଅପରେଟିଭ୍ ବ୍ୟାଙ୍କ୍ ସଭାପତି ସୂର୍ଯ୍ୟକୁମାର କର, ବିଜୁ ଜନତା ଦଳର ଜିଲ୍ଲା ଛାତ୍ର ସଭାପତି ସିମନ୍ କୁମାର ମହାପାତ୍ର, ବିଶିଷ୍ଟ ଉଦ୍ୟୋଗପତି ମୌସୁମ କୁମାର ସିଂହ, ବୈଶାଖୀ ମହୋତ୍ସବର ସଭାପତି ଆଡ୍. ଅଶୋକ କୁମାର ସେନାପତି ଏବଂ ସାଧାରଣ ସଂପାଦକ ଭାଗବତ ସାହୁ ବୈଶାଖୀ ମହୋତ୍ସବ ସଂକ୍ରାନ୍ତୀୟ ନିଜନିଜର ଅଭିବ୍ୟକ୍ତି ରଖିଥିଲେ। ବୈଶାଖୀ ମହୋତ୍ସବର ୩ୟ ସନ୍ଧ୍ୟାରେ ଉପସଭାପତି ସୁରେଶ ଚନ୍ଦ୍ର ମାଝୀଙ୍କ ପୌରୋହିତ୍ୟରେ ନୀଳଗିରିର ପ୍ରାକ୍ତନ ବିଧାୟକ ପ୍ରଦୀପ୍ତ ପଣ୍ଡା ଆମ ଦେଶର ବଜାରୀକରଣ ଅର୍ଥନୀତିରେ ସାଧାରଣ ଲୋକଙ୍କ ଦୁର୍ବିସହ ଜୀବନଯାପନରେ ଏପରି ଗ୍ରାମୀଣ ମେଳାର ଅନ୍ତରଙ୍ଗପଣକୁ ଭୂୟସୀ ପ୍ରଶଂସା କରିଥିଲେ। ୪ର୍ଥ ସନ୍ଧ୍ୟାକୁ ବାଲେଶ୍ୱର ଜିଲ୍ଲା ପରିଷଦ ସଭାପତି ନାରାୟଣ ପ୍ରଧାନ ଉଦ୍‌ଘାଟନ କରିବା ସଙ୍ଗେସଙ୍ଗେ ଉତ୍ସବ ଉପଲକ୍ଷେ ପ୍ରକାଶ ପାଇଥିବା ଅନୁଷ୍ଠାନର ମୁଖପତ୍ର ‘ବୈଶାଖୀ’କୁ ଲୋକାର୍ପଣ କରିଥିଲେ। ମୁଖ୍ୟଅତିଥି ଭାବେ ବରିଷ୍ଠ ସାମ୍ବାଦିକ ବିପ୍ଳବ ମହାନ୍ତି, ମୁଖ୍ୟବକ୍ତା ଭାବରେ ପ୍ରାକ୍ତନ ବିଧାୟକ ସୁଦର୍ଶନ ଜେନା, ସମ୍ମାନିତଅତିଥି ସମିତି ସଦସ୍ୟ ସୂର୍ଯ୍ୟ କୁମାର ମିଶ୍ର ଏବଂ ଚର୍ଚ୍ଚିତ ଯାତ୍ରା କଳାକାର ଲୋକନାଥ ଲେଙ୍କା ପ୍ରମୁଖ ଅତିଥିମାନଙ୍କ ଦ୍ୱାରା ଉପସଭାପତି ନରେନ୍ଦ୍ର ଦାସଙ୍କ ପୌରୋହିତ୍ୟରେ ସଭାକାର୍ଯ୍ୟ ସମାପନ ହୋଇଥିଲା। ବୈଶାଖୀ ମହୋତ୍ସବର ଉଦ୍‌ଯାପନୀ ଉତ୍ସବରେ କବି ଶ୍ରୀଦେବ ସ୍ୱାଗତ ସଂଭାଷଣ ରଖିଥିଲାବେଳେ ସଦସ୍ୟ ବାସ୍ତବ ସାହୁ ଅତିଥିବର୍ଗ ଓ ସମବେତ ଶ୍ରଦ୍ଧାଳୁମାନଙ୍କୁ କୋଟିପ୍ରଣାମ ଜଣାଇ ଆଗାମୀ ଦିନରେ ଅଧିକରୁ ଅଧିକ ଲୋକାଭିମୁଖୀ କରିବାପାଇଁ ଆହ୍ୱାନ ଦେଇଥିଲେ।

## ସୁବର୍ଣ୍ଣରେଖା ମହାବିଦ୍ୟାଳୟର ବାଣିଜ୍ୟ ବିଭାଗର ପାଠ୍ୟଚକ୍ର

ବାଲିଆପାଳ, ୧୫/୦୪ (ନି.ପ୍ର): ବାଲିଆପାଳର ସର୍ବପୁରାତନ ସୁବର୍ଣ୍ଣରେଖା ମହାବିଦ୍ୟାଳୟର ବାଣିଜ୍ୟ ବିଭାଗ ପକ୍ଷରୁ ଆଜି ‘କ୍ୟାରିୟର କାଉନସେଲିଂ ଫର ବେଟର ଫ୍ୟୁଚର ପ୍ରସପେକ୍ଟ ଅଫ୍ କମରସ ଷ୍ଟୁଡେଣ୍ଟସ୍ ‘ସମ୍ପର୍କିତ ଏକ ପାଠ୍ୟଚକ୍ର ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧକ୍ଷ ଗୌରାଙ୍ଗ ରାଉତ ଏହାକୁ ଉଦଘାଟନ କରିଥିଲେ ଓ ଏହି ପାଠ୍ୟଚକ୍ର ପରିଚାଳନାରେ ପୌରହିତ୍ୟ କରିଥିଲେ । ବାଣିଜ୍ୟ ବିଭାଗର ମୁଖ୍ୟ ଅଧ୍ୟାପକ ସତ୍ୟନାରାୟଣ ସାହୁ ସଂଯୋଜକ ଭାବେ ଦାୟିତ୍ୱ ତୁଲାଇ ଏହି ପାଠ୍ୟଚକ୍ରର ଆବଶ୍ୟକତା ବିଷୟରେ ଛାତ୍ରଛାତ୍ରୀମାନଙ୍କୁ ଅବଗତ କରାଇଥିଲେ । ରାଜନୀତି ବିଭାଗୀୟ ମୁଖ୍ୟ ଅଧ୍ୟାପକ ରଞ୍ଜନ କୁମାର ପାଢୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ପିଲାଙ୍କ ପାଇଁ କେରିୟର ମେକିଙ୍ଗ୍ ର ଆବଶ୍ୟକତା ବିଷୟରେ ଆଲୋକପାତ କରିଥିଲେ । ଇଂରାଜୀ ବିଭାଗର ଅଧ୍ୟାପକ କାମିନୀକାନ୍ତ ମହାନ୍ତି କେରିୟର ଗଠନରେ କମ୍ୟୁନିକେଟିଭ ଇଂରାଜୀର ଗୁରୁତ୍ୱ ଓ ତାତ୍ପର୍ଯ୍ୟ ବିଷୟରେ ବିବରଣୀ ପ୍ରଦାନ କରିଥିବା ସ୍ଥଳେ ରାଜନୀତି ବିଭାଗର ଅଧ୍ୟାପକ ସୁଦର୍ଶନ ରଣା ବିଭିନ୍ନ ସରକାରୀ ଓ ବେସରକାରୀ ସ୍ତରରେ କର୍ମନିଯୁକ୍ତିର ସୁଯୋଗ ବିଷୟରେ ସବିଶେଷ ଆଲୋଚନା କରିଥିଲେ । ସିଦ୍ଧେଶ୍ୱର କଲେଜର ବାଣିଜ୍ୟ ବିଭାଗର ଅଧ୍ୟାପକ ଭିକାରୀ ଚରଣ ଜତି ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହି ପାଠ୍ୟଚକ୍ରର ଗୁରୁତ୍ୱ ଓ ଆହ୍ୱାନ ବିଷୟରେ ସମ୍ଭାଷଣ ରଖିଥିଲେ । ମୁଖ୍ୟ ବକ୍ତା ଭାବେ ଓଏଭିଏସ୍ ର କଣ୍ଟ୍ରାଚୁଆଲ ପିଜିଟି ଶିକ୍ଷକ ସୁରଜ କୁମାର ଦେ ଯୋଗଦାନ କରି ପିଲାମାନଙ୍କର ବିଭିନ୍ନ ପ୍ରକାରର ପ୍ରଶ୍ନର ଉତ୍ତର ପ୍ରଦାନ କରିଥିଲେ । ବାଣିଜ୍ୟ ବିଭାଗର ଅଧ୍ୟାପକ ରଞ୍ଜନ କୁମାର ପାଣିଗ୍ରାହୀ ଏହି ପାଠ୍ୟଚକ୍ରରେ ପିଲାମାନଙ୍କର ଭବିଷ୍ୟତ ଗଢ଼ିବାରେ ଆଲୋକପାତ କରିଥିଲେ । ବାଣିଜ୍ୟ ବିଭାଗର ଅଧ୍ୟାପକ ପ୍ରେମାନନ୍ଦ ସେଠୀ ନିଜର ସମ୍ଭାଷଣ ମାଧ୍ୟମରେ ପିଲାଙ୍କୁ ଉତ୍ସାହିତ ଓ ପ୍ରେରଣା ଯୋଗାଇ ନିଜର ଭବିଷ୍ୟତ ପାଇଁ ଏହାର ସହାୟକ ବିଷୟରେ ଆଲୋକପାତ କରିଥିଲେ । +୩ଶେଷ ବର୍ଷର ଛାତ୍ରଛାତ୍ରୀମାନେ ସଭାକାର୍ଯ୍ୟରେ ସହାୟତା କରିବା ସଙ୍ଗେ ସଙ୍ଗେ ଧନ୍ୟବାଦ ଅର୍ପଣ କରିଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo